76th YEAR OF PUBLICATION

# ପ୍ରଜାତନ୍ତ୍ର
The Prajatantra

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୭୫ ● କଟକ ● ମଙ୍ଗଳବାର ● ୨୨ ମଇ-୨୦୨୩ ● ବୃଷ ୭ ● ସାଲ୍ ୧୪୩୦
CUTTACK ● TUESDAY ● 23 MAY-2023 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

# ପ୍ରଧାନମନ୍ତ୍ରୀ ପାଇଲେ ଫିଜିର ସର୍ବୋଚ୍ଚ ବେସାମରିକ ସମ୍ମାନ



ନୂଆଦିଲ୍ଲୀ: ବୈଶ୍ୱିକ ନେତୃତ୍ୱ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫିଜିର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଦି କମ୍ପାନିଅନ୍ ଅଫ୍ ଦି ଅର୍ଡର୍ ଅଫ୍ ଫିଜି' ପ୍ରଦାନ କରାଯାଇଛି। କୌଣସି ଅଣ-ଫିଜି ନାଗରିକଙ୍କ କ୍ଷେତ୍ରରେ ଏହା ହେଉଛି ଦୁର୍ଲଭ ସମ୍ମାନ। ଫିଜିର ପ୍ରଧାନମନ୍ତ୍ରୀ ସିଟିଭିନି ରାବୁକାଙ୍କଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ପଦକ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି, ଭାରତ ପାଇଁ ବିଶେଷ ସମ୍ମାନ। ବୈଶ୍ୱିକ ନେତୃତ୍ୱ ଲାଗି ଫିଜିର ପ୍ରଧାନମନ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଫିଜିର ସର୍ବୋଚ୍ଚ ସମ୍ମାନ 'ଦି କମ୍ପାନିଅନ୍ ଅଫ୍ ଦି ଅର୍ଡର୍ ଅଫ୍ ଫିଜି' ପ୍ରଦାନ କରିଛନ୍ତି। ଏଯାବତ୍ ମାତ୍ର ସ୍ୱଳ୍ପ କେତେଜଣ ଅଣ-ଫିଜୀୟ ଏହି ସମ୍ମାନ ପାଇଛନ୍ତି। ଏହି ସମ୍ମାନକୁ ପ୍ରଧାନମନ୍ତ୍ରୀ ମୋଦୀ ଭାରତବାସୀ ଓ ଦୁଇ ଦେଶ ମଧ୍ୟରେ ବିଶେଷ ତଥା ସ୍ଥାୟୀ ବନ୍ଧନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା 'ଫିଜି-ଭାରତୀୟ' ପିଢ଼ିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ବୋଲି ଟୁଇଟ୍ କରି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି। ପପୁଆ ନ୍ୟୁ ଗିନିରେ ଆୟୋଜିତ 'ଫୋରମ୍ ଫର୍ ଇଣ୍ଡିଆ-ପେସିଫିକ୍ ଆଇଲାଣ୍ଡସ୍ କୋଅପରେସନ୍' ଶିଖର ସମ୍ମିଳନୀର ଅନ୍ତରାଳରେ ଫିଜିର ପ୍ରଧାନମନ୍ତ୍ରୀ ରାବୁକାଙ୍କୁ ଭେଟିଥିଲେ। ଟୁଇଟ୍ କରି ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, ଫିଜିର ପ୍ରଧାନମନ୍ତ୍ରୀ ରାବୁକାଙ୍କୁ ସାକ୍ଷାତ୍ କରି ପ୍ରୀତ ହେଲି। ବିଭିନ୍ନ ବିଷୟରେ ଆମେ ବିଶେଷ ଆଲୋଚନା କରିଛୁ। ଭାରତ ଓ ଫିଜିର ସମ୍ପର୍କ ଦୀର୍ଘ ଦିନ ଧରି ତିଷ୍ଠି ରହିଛି। ଆଗାମୀ ବର୍ଷମାନଙ୍କରେ ଏହି ସମ୍ପର୍କକୁ ଆହୁରି ନିବିଡ଼ କରିବା ଲାଗି ଆମେ ଏକତ୍ର ଉଦ୍ୟମ ଅବ୍ୟାହତ ରଖିବୁ।

# ଶପଥ ନେଲେ ୩ ନୂଆ କ୍ୟାବିନେଟ୍ ମନ୍ତ୍ରୀ

## ବିକ୍ରମଙ୍କୁ ଅର୍ଥ, ସୁଦାମଙ୍କୁ ଶିକ୍ଷା ଓ ସାରଦାଙ୍କୁ ଶ୍ରମ ବିଭାଗ



ଭୁବନେଶ୍ୱର (ପିପିଏସ୍): ରାଜ୍ୟ କ୍ୟାବିନେଟ ସମ୍ପ୍ରସାରଣ ହୋଇଛି । ନବୀନଙ୍କ ନୂଆ ଟିମ ଗଠନ ହୋଇଛି ।ଅଭିଜ୍ଞ ଅନୁଭବୀଙ୍କୁ ଭରସା କରି ନୂଆ ଟିମ ଗଠନ କରିଛନ୍ତି ନବୀନ । ପଶ୍ଚିମ, ଦକ୍ଷିଣ ଓ ଉତ୍ତରକୁ ଫୋକସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଜେଡିର ବରିଷ୍ଠ ବିଧାୟକଙ୍କୁ କ୍ୟାବିନେଟ ପାହ୍ୟା ମିଳିଛି । କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ବିକ୍ରମ କେଶରୀ ଆରୁଖ, ସୁଦାମ ମାରାଣ୍ଡି ଓ ସାରଦା ନାୟକ । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଶପଥ ନେଲେ ୩ ମନ୍ତ୍ରୀ । ନୂଆ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ । ପ୍ରଥମେ ବିକ୍ରମ କେଶରୀ ଆରୁଖ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ ଏହା ପରେ କ୍ୟାବିନେଟ ମନ୍ତ୍ରୀ ଭାବେ ସୁଦାମ ମାରାଣ୍ଡି ଓ ତୃତୀୟରେ ସାରଦା ପ୍ରସାଦ ନାୟକ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।ବିକ୍ରମ କେଶରୀ ଆରୁଖ ଦକ୍ଷିଣ ଓଡିଶାର ଜଣେ ଟାଣୁଆ ନେତା ବିକ୍ରମ କେଶରୀ ଆରୁଖ ।ଚଳିତ ବିଧାନସଭାରେ ସେ ବାଚସ୍ପତି ଥିଲେ । ଅନେକ ଥର ରାଜ୍ୟ କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟ ସମ୍ଭାଳିଛନ୍ତି । ଏବେ ଏହି ବରିଷ୍ଠ ନେତା ପୁଣି ନବୀନଙ୍କ ମନ୍ତ୍ରୀମଣ୍ଡଳକୁ ଫେରିଛନ୍ତି । ଦୀର୍ଘ ବର୍ଷ ହେବ ଗଞ୍ଜାମ ଓ କନ୍ଧମାଳ ବିଜେଡି ସଂଗଠନର ଦାୟିତ୍ୱରେ ଅଛନ୍ତି ସେ । ୧୯୯୫ରୁ କ୍ରମାଗତ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ବିକ୍ରମ । ପୂର୍ବରୁ ଆଇନ, ସଂସଦୀୟ ବ୍ୟାପାର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଜଙ୍ଗଲ ମନ୍ତ୍ରୀ ରହିଛନ୍ତି । ଗଞ୍ଜାମ ଭଞ୍ଜନଗର ଆସନରୁ ବିଧାୟକ ଅଛନ୍ତି ବିକ୍ରମ । ୨୦୦୮ ରୁ କ୍ରମାଗତ ଭାବର ୨୦୦୯ ଯାଏଁ ସେ ସରକାରୀ ଦଳ ମୁଖ୍ୟ ସଚେତକ ଦାୟିତ୍ୱ ତୁଲାଇଥିଲେ ।ସୁଦାମ ମାରାଣ୍ଡି କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ସୁଦାମ ମାରାଣ୍ଡି । ଉତ୍ତର ଓଡିଶାର ଜଣେ ବରିଷ୍ଠ ନେତା ସୁଦାମ । ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବିଧାୟକ ସୁଦାମ । ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ରାଜସ୍ୱ ମନ୍ତ୍ରୀ ଥିଲେ ସୁଦାମ ମାରାଣ୍ଡି । ବିଭିନ୍ନ ସମୟରେ ସ୍ୱାଧୀନ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଓ ବିଜେଡିରୁ ଜିତି ଦକ୍ଷତା ପ୍ରମାଣିତ କରିଛନ୍ତି ସୁଦାମ । କ୍ରୀଡା ଓ ଯୁବବ୍ୟାପାର, ଅନୁସୂଚିତ ଜାତି ଓ ଜନଜାତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଥିଲେ । ଏବେ ପୁଣି ଥରେ ନବୀନଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଛନ୍ତି ।

ସାରଦା ନାୟକ ପଶ୍ଚିମ ଓଡିଶାର ଜଣେ ଟାଣୁଆ ନେତା ସାରଦା ନାୟକ । ସେ ରାଉରକେଲାରୁ ୩ ଥର ବିଧାୟକ ନିର୍ବାଚିତ ହୋଇଛନ୍ତି । ସେ ୨୦୦୯ ରୁ ୨୦୧୨ ରାଜ୍ୟ ମନ୍ତ୍ରୀମଣ୍ଡଳରେ ମଧ୍ୟ ଥିଲେ । ଚତୁର୍ଦ୍ଦଶ ବିଧାନସଭା ମନ୍ତ୍ରୀ ଥିଲେ ସାରଦା । ୨୦୧୧ ରୁ ୨୦୧୨ ଯାଏ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଥିଲେ । ଦୀର୍ଘ ବର୍ଷ ପରେ ତାଙ୍କ ଉପରେ ପୁଣି ଭରସା କରିଛନ୍ତି ● ପୃଷ୍ଠା-୪

# ଜୁଲାଇରେ ଚନ୍ଦ୍ରାୟନ-୩ର ଉତ୍କ୍ଷେପଣ



ହାଇଦ୍ରାବାଦ : ଉଚ୍ଚାଭିଳାଷୀ ମିଶନ ଅଧୀନରେ ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଜୁଲାଇ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଚନ୍ଦ୍ରାୟନ-୩ ଉତ୍କ୍ଷେପଣ କରିପାରେ। ମହାକାଶଯାନ ସହିତ ଜଡିତ ସମସ୍ତ ଆବଶ୍ୟକୀୟ ପରୀକ୍ଷା ସଫଳତାର ସହିତ ସମାପ୍ତ ହୋଇଛି। ମହାକାଶ ଯାନରେ ପେଲୋଡ ସଂଲଗ୍ନ କରିବାର ପ୍ରକ୍ରିୟା ୟୁଆର ରାଓ ସାଟେଲାଇଟ ସେଣ୍ଟରରେ ଶେଷ ପର୍ଯ୍ୟାୟରେ ଅଛି। ଇସ୍ରୋ ମଧ୍ୟ ସିଇ-୨୦ କ୍ରାୟୋଜେନିକ ଇଞ୍ଜିନ ପାଇଁ ଆବଶ୍ୟକ ହଟ ଟେଷ୍ଟ ସମାପ୍ତ କରିଛି । ଇସ୍ରୋର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ଜୁଲାଇ ଆରମ୍ଭରେ ଗାଡି ଲଞ୍ଚ କରିବାକୁ ନିଷ୍ପତ୍ତି ନିଆଯାଇଛି, କିନ୍ତୁ ଏପର୍ଯ୍ୟନ୍ତ ଅନ୍ତିମ ତାରିଖ ସ୍ଥିର ହୋଇନାହିଁ । ଚନ୍ଦ୍ରାୟନ କାର୍ଯ୍ୟକ୍ରମର ଏହି ତୃତୀୟ ମହାକାଶଯାନକୁ ଦେଶର ଓଜନିଆ ଉତକ୍ଷେପଣ ଯାନ ଜିଏସଏଲଭି ଏମକେ-୩ ଦ୍ୱାରା ଶ୍ରୀହାରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ ସେଣ୍ଟରରୁ ଉତକ୍ଷେପଣ କରାଯିବ। ଉଲ୍ଲେଖନୀୟ କଥା ହେଉଛି, ଚଳିତ ବର୍ଷ ମାର୍ଚ୍ଚରେ ଚନ୍ଦ୍ରାୟଣ -୩ ଲଞ୍ଚରେ ଦେଖାଦେଇଥିବା ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକ ପରୀକ୍ଷଣକୁ ସଫଳତାର ସହ ସମାପ୍ତ କରିଥିଲେ। ଚନ୍ଦ୍ରାୟଣ -୩ ମଧ୍ୟ ବୈଜ୍ଞାନିକ ଉପକରଣ ବହନ କରିବ । ଏହା ମାଧ୍ୟମରେ ଧୂଳି, ଭଙ୍ଗା ପଥର ଏବଂ ଅନ୍ୟାନ୍ୟ ସାମଗ୍ରୀର ଥର୍ମୋ-ଭୌତିକ ଗୁଣ, ଭୂକମ୍ପ ସମ୍ଭାବନା, ପ୍ଲାଜମା ପରିବେଶ ଏବଂ ଚନ୍ଦ୍ର ପୃଷ୍ଠର ମୌଳିକ ରଚନା ଅଧ୍ୟୟନ କରାଯିବ । ପ୍ରୋପେଲର ଯାନକୁ ପୃଥିବୀର କକ୍ଷପଥରୁ ଚନ୍ଦ୍ରର କକ୍ଷପଥକୁ ଗତି କରିବ ।

# କେନ୍ଦ୍ରାପଡ଼ାରେ ପ୍ରାକୃତିକ ତୈଳର ସନ୍ଧାନ

ଭୁବନେଶ୍ୱର: କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଯମପଡା ପଂଚାୟତର ଗଉଡଗାଁରେ ଅଏଲେ ଇଣ୍ଡିଆ ଲିମିଟେଡର ପ୍ରାକୃତିକ ତୈଳ ଓ ଗ୍ୟାସ୍ ?ର ଅନୁସଂଧାନ କରିଛି। ଯେଉଁ ଜମିରେ ଏହାକୁ ଚିହ୍ନଟ କରାଯାଇଛି ଏହାକୁ କିଣିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଦୁଇ ଦିନ ଧରି ଏହି ପ୍ରକ୍ରିୟା ଚାଲିବ। ମହାନଦୀ ଅବବାହିକାର କରାଣ୍ଡିଆ ନଦୀ ପାର୍ଶ୍ୱରେ ଏହି ପ୍ରାକୃତିକ ତୈଳର ସଂଧାନ ମିଳିଛି। ଅଏଲ୍ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ କାର୍ଯ୍ୟ ଶେଷ ହେବାପରେ ଆଜି ଠାରୁ ଅନୁକମ୍ପା ରାଶି ପ୍ରଦାନ ଆରମ୍ଭ ହୋଇଛି। ମାଟିତଳ ହାଇଡ୍ରୋକାର୍ବନ ଉତ୍ତୋଳନ ପାଇଁ ପ୍ରାୟ ୧୦ ଏକର ୭୪ ଡିସିମିଲ ଜମି ଚିହ୍ନଟ ହୋଇଛି। ଆବଶ୍ୟକ ହେଉଥିବା ଜମି ପାଇଁ ୧୧୪ ଜଣ ସ୍ଥାନୀୟ ଲୋକମାନଙ୍କୁ ୧ କୋଟି ୬୩ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ। ଜମି ମାଲିକମାନଙ୍କ ଠାରୁ ୩ ବର୍ଷ ପାଇଁ ଆବଶ୍ୟକ ହେଉଥିବା ଜମିକୁ ଲିଜ୍ ଆକାରରେ ନେବେ କମ୍ପାନୀ କର୍ତ୍ତୃପକ୍ଷ।

# ମନ୍ତ୍ରୀ ପଦ ନମିଳିବାରୁ ବିଜେଡିରେ ଅସନ୍ତୋଷ



ଭୁବନେଶ୍ୱର(ପିପିଏସ୍):ନୂତନ ମନ୍ତ୍ରିମଣ୍ଡଳରେ ସ୍ଥାନ ନମିଳିବା ନେଇ କିଛି ବିଜେଡି ର ଆଶାୟୀ ବିଧାୟକ ଅସନ୍ତୋଷ ଥିବା ବେଳେ ବିଧାୟକ ସୁଶାନ୍ତ ସିଂ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ହେଉଛି । ଆଜି ନୂଆ ମନ୍ତ୍ରୀ ଭାବେ ୩ ଜଣ ଶପଥ ନେଇଥିବା ବେଳେ ସେମାନଙ୍କ ଭିତରେ ପଶ୍ଚିମ ଓଡ଼ିଶାରୁ କେବଳ ସାରଦା ନାୟକଙ୍କୁ ନିଆଯାଇଛି। ନବ ଦାସଙ୍କ ଦେହାନ୍ତ ପରେ ପଶ୍ଚିମ ଓଡ଼ିଶାରୁ ଗୋଟିଏ ମନ୍ତ୍ରୀ ପଦ ଖାଲି ଥିଲା ।ସେହି ସ୍ଥାନରେ ମନ୍ତ୍ରୀପଦ ପାଇବା ପାଇଁ ଭଟଲି ବିଧାୟକ ସୁଶାନ୍ତ ସିଂ ବେଶ ଆଶାବାଦୀ ଥିଲେ। ତେବେ ତାଙ୍କୁ ମନ୍ତ୍ରୀପଦ ମିଳିନାହିଁ । ଏଥିରେ ସେ ଅସନ୍ତୁଷ୍ଟ ଥିବା କୁହାଯାଉଛି। ଏପରିକି ତାଙ୍କୁ ଆଜିର ଶପଥ ଗ୍ରହଣ ସମାରୋହରେ ଦେଖିବାକୁ ମିଳିନଥିଲା। ପଦ୍ମପୁର ଉପନିର୍ବାଚନରେ ବିଜେଡିର ବୃହତ ବିଜୟ ପରେ ସୁଶାନ୍ତଙ୍କୁ ପୁଣିଥରେ ମନ୍ତ୍ରିମଣ୍ଡଳରେ ନିଆଯିବ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ମନ୍ତ୍ରିମଣ୍ଡଳରେ ତାଙ୍କୁ ନିଆଯାଇନାହିଁ। ମନ୍ତ୍ରିମଣ୍ଡଳରେ ସୁଶାନ୍ତ ସାମିଲ ହୋଇନଥିବାରୁ ତାଙ୍କ ସମର୍ଥକ ମାନେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପଦର୍ଶନ କରୁଥିବା ଜଣା ପଡ଼ିଛି।

# ୧୧ ସହରର ତାପମାତ୍ରା ୪୨ ଡିଗ୍ରୀ ଉପରେ

ଭୁବନେଶ୍ୱର:ଅସହ୍ୟ ତାତିରେ ସିଝୁଛି ସାରା ଓଡିଶା। ଟାଣ ଖରା ସାଙ୍ଗକୁ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଲେଣି। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିପାରେ। ତେବେ ସ୍ଥାନେ ସ୍ଥାନେ କାଳବୈଶାଖୀ ପ୍ରଭାବରେ ବର୍ଷା ସାମୟିକ ଆଶ୍ୱସ୍ତି ଦେଇପାରେ। ସୋମବାର ଦିନ ୧୭ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ଯାହା ମଧ୍ୟରୁ ୧୧ ସହରର ତାପମାତ୍ରା ୪୨ ଡିଗ୍ରୀ ବା ତା ଠାରୁ ଅଧିକ ଥିଲା। ସମ୍ବଲପୁର ସହରରେ ସର୍ବାଧିକ ୪୩.୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

# ୨୦୨୩ ସୁଦ୍ଧା ସମସ୍ତ ଡାକ୍ତର ପଦବୀ ପୂରଣ ହେବ

ଭୁବନେଶ୍ୱର (ପିପିଏସ୍): ୨୦୨୩ ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସମସ୍ତ ଖାଲିଥିବା ଡାକ୍ତର ପଦବୀ ପୂରଣ କରାଯିବ । ସ୍ୱାସ୍ଥ୍ୟ ବିଭାଗର ଉପଲବ୍ଧି ସଂପର୍କରେ ସୂଚନା ଦେଇ ସୋମବାର ଏହି ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ରାଜ୍ୟରେ ଆବଶ୍ୟକତାଠାରୁ କମ୍ ସଂଖ୍ୟକ ମେଡ଼ିକାଲ ଶିକ୍ଷା ପ୍ରତିଷ୍ଠାନ ଥିବା ଯୋଗୁ ଡାକ୍ତର, ପାରାମେଡିକାଲ କର୍ମଚାରୀ, ନର୍ସିଂ ଅଫିସର ଆଦିଙ୍କର ଘୋର ଅଭାବ ପରିଲକ୍ଷିତ ହେଉଥିଲା । ସେଥିପାଇଁ ପ୍ରାଥମିକତା ଭିତିରେ ଗତ ୧୦ ବର୍ଷରେ ଆଠଟି ନୂଆ ମେଡ଼ିକାଲ କଲେଜ ଓ ଦୁଇଟି ପୋଷ୍ଟ ଗ୍ରାଜୁଏଟ ଇନଷ୍ଟିଚ୍ୟୁଟ ସ୍ଥାପନ, ନର୍ସିଂ ସ୍କୁଲଗୁଡିକୁ କଲେଜରେ ରୂପାନ୍ତରଣ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଆଦି କାମ ଯୁଦ୍ଧକାଳୀନ ଭିତିରେ ସମାପ୍ତ ହୋଇଛି । ଓଡ଼ିଶାରେ ୨୦୦୦ ମସିହାରେ ମାତ୍ର ୩୨୧ ଏମ୍.ବି.ବି.ଏସ୍. ଡାକ୍ତର ଏବଂ ୨୫୪ ଜଣ ବିଶେଷଜ୍ଞ ଡାକ୍ତର ବାହାରୁଥିବାବେଳେ ବର୍ତମାନ ତାହା ଯଥାକ୍ରମେ ୨୨୦୦ ଓ ୮୨୬ କୁ ବୃଦ୍ଧି ପାଇଛି । ଡାକ୍ତର ଆବଶ୍ୟକତା ଦୃଷ୍ଟିରୁ ସମ୍ପ୍ରତି ଓଡ଼ିଶା ଏକ ଉଦ୍‌ବୃତ ରାଜ୍ୟରେ ପରିଣତ ହୋଇଛି ଏବଂ ୨୦୨୩ ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସମସ୍ତ ଖାଲିଥିବା ଡାକ୍ତର ପଦବୀ ପୂରଣ କରାଯିବ। କର୍କଟ ରୋଗୀଙ୍କର ଅସହାୟତାକୁ ହୃଦୟଙ୍ଗମ କରି ନିରାଶ ଜୀବନରେ ଆଶାର ସଂଚାର କରିବାର ମାନବୀୟ ଲକ୍ଷ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ପ୍ରତିଷ୍ଠା ହେଉଛି ବାଗଚି ଶ୍ରୀଶଙ୍କର କର୍କଟ ରୋଗ ଚିକିତ୍ସା ପ୍ରତିଷ୍ଠାନ, ବାଗଚି କରୁଣାଶ୍ରୟ ପାଲିଏଟିଭ କେୟାର ସେଂଟର ଏବଂ ନାଇଜର ପରିସରରେ ଷ୍ଟେଟ ଅଫ ଆର୍ଟ କ୍ୟାନସର ହସପିଟାଲ । ଏଥିସହ ସମସ୍ତ ଜିଲ୍ଲା ଚିକିତ୍ସାଳୟରେ ମାଗଣା କେମୋଥେରାପି ସୁବିଧା କରାଯାଇଛି । ସମସ୍ତ ଜିଲ୍ଲା ଚିକିତ୍ସାଳୟରେ ଡାୟାଲିସିସ ସେବା ଉପଲବ୍ଧ ହୋଇଛି । ସାର୍ବଜନୀନ ସ୍ୱାସ୍ଥ୍ୟସେବାକୁ ଆହୁରି ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନମାନଙ୍କରେ ସମସ୍ତଙ୍କ ପାଇଁ ନିଃଶୁଳ୍କ ସେବା ଯୋଗାଇ ଦିଆଯାଉଛି ।

# ଟ୍ରକ୍ ଚଢ଼ାଇ ଦୁଇ ଜଣଙ୍କୁ ମାରିଦେଲା ମଦ୍ୟପ ଡ୍ରାଇଭର

ଧର୍ମଶାଳା: ଯାଜପୁର ଜିଲା ୧୬ ନମ୍ବର ଜାତୀୟ ରାଜପଥ ଧର୍ମଶାଳା ଥାନା ଅନ୍ତର୍ଗତ ଶଙ୍ଖାରିଡିହ ନିକଟରେ ଏକ ଟ୍ରକ ଧକ୍କାରେ ୨ ଜଣ ଯୁବକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ଏହି ମୃତ ଯୁବକ ୨ ଜଣ ହେଲେ ଧର୍ମଶାଳା ଥାନା ଚହଟା ଗ୍ରାମର ବିଶ୍ୱନାଇ ମଲିକଙ୍କ ପୁଅ ରମେଶ ଓ ଧୁଷାସନ ମହାନ୍ତିଙ୍କ ପୁଅ ସଂଜୟ ବୋଲି ଜଣାପଡିଛି । ତେବେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକଟିକ କୁଆଖିଆ ଅଂଚଳରୁ ଜବତ କରିବା ସହ ମଦ୍ୟପ ଡ୍ରାଇଭରକୁ ଗିରଫ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ମନ୍ତ୍ରିମଣ୍ଡଳ ଅଦଳ ବଦଳ ହେଉଛି ପୁରୁଣା ବୋତଲରେ ନୂଆ ମଦ ସଦୃଶ : ବିଜେପି

ଭୁବନେଶ୍ୱର: ରାଜ୍ୟ ସରକାର ପୂର୍ବରୁ ଯେଉଁମାନଙ୍କୁ ମନ୍ତ୍ରୀମଣ୍ଡଳରୁ ଅପସାରଣ କରିଥିଲେ, ସେମାନଙ୍କୁ ପୁନଃର୍ବାର ଦକ୍ଷ ଓ ବରିଷ୍ଠ କହି ମନ୍ତ୍ରୀମଣ୍ଡଳରେ ସାମିଲ କରିଛନ୍ତି । ଆଜି ମନ୍ତ୍ରୀମଣ୍ଡଳରେ ସାମିଲ ହୋଇଥିବା ୩ଜଣ ମନ୍ତ୍ରୀ ପୂର୍ବରୁ ଦକ୍ଷ କିମ୍ବା ବରିଷ୍ଠ ନଥିଲେ କି ? ଯଦି ଦକ୍ଷ ଥିଲେ ତାହେଲେ ତାଙ୍କୁ ମନ୍ତ୍ରୀମଣ୍ଡଳରୁ କାହିଁକି ଅନ୍ତର କରିଥିଲେ ଏବଂ ଆଜି ତାଙ୍କର କେଉଁ ଦକ୍ଷତା ବଳରେ ପୁଣି ଥରେ ମନ୍ତ୍ରୀମଣ୍ଡଳରେ ସାମିଲ କରାଗଲା ? ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ବାବୁ ଏମାନଙ୍କୁ ଦକ୍ଷ ଭାବୁନଥିଲେ, ହଠାତ୍ ସେମାନଙ୍କ କ'ଣ ଦକ୍ଷତା ଆସିଲା ତାହା ସ୍ପଷ୍ଟ କରିବେ କି ? ନବୀନ ବାବୁ ଦକ୍ଷ ଓ ବରିଷ୍ଠ କଥା କହି ଓଡିଶାର ଲୋକଙ୍କୁ ଆଉ ଦିନରେ ଲଣ୍ଠନ ଦେଖାନ୍ତୁ ନାହିଁ । ବିଜେଡି ଶାସନରେ ମନ୍ତ୍ରୀମାନେ କେବଳ ରବର ଷ୍ଟାଂପ । ନିଜ ଦଳୀୟ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ମନ୍ତ୍ରୀ ପଦ ନାମରେ ମୁଖ୍ୟମନ୍ତ୍ରୀ ଝୁନଝୁନା ଧରେଇ ଦେଇଛନ୍ତି । ବାସ୍ତବରେ ଏ ସରକାରକୁ କିଏ ଚଳାଉଛି ବୋଲି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଜୀ ପୂର୍ବରୁ ପ୍ରଶ୍ନ କରିଥିଲେ । ଏହାର ଉତର ରାଜ୍ୟ ସରକାର ବର୍ତମାନ ସୁଦ୍ଧା ଦେଇପାରିଲେ ନାହିଁ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କହିଛନ୍ତି । ଓଡ଼ିଶାରେ କିଭଳି ମନ୍ତ୍ରୀମାନେ କାର୍ଯ୍ୟ କରନ୍ତି ତାହା ଦିବାଲୋକ ପରି ସ୍ପଷ୍ଟ । ନୂତନ ଶିକ୍ଷା ବର୍ଷ ଆରମ୍ଭ ସମୟରେ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀଙ୍କୁ ରାତି ଅଧରେ ବିଜେଡି ସରକାର ବହିଷ୍କାର କରି ଛାତ୍ରଛାତୀଙ୍କ ଭବିଷ୍ୟତ ଓ ଶିକ୍ଷା ସହ ଖେଳ ଖେଳୁଛନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାର ୧୨୦ଦିନ ବିତିଗଲା କିନ୍ତୁ ଦୋଷୀ ଧରାପଡିଲା ନାହିଁ କି ଚାର୍ଜସିଟ୍ ଦିଆଗଲା ନାହିଁ । ବରଂ ରାଜ୍ୟ ସରକାର ଲୋକଙ୍କୁ ଭ୍ରମିତ କରିବାରେ ବ୍ୟସ୍ତ ଅଛନ୍ତି । ସାଧାରଣ ନିର୍ବାଚନ ● ପୃଷ୍ଠା-୪

## ସମ୍ପାଦକୀୟ
ଶାନ୍ତିର ମାର୍ଗ

## ବାଟେଘାଟେ



ବିକ୍ରମ ସୁଦାମ ସାରଦାଙ୍କ ନାମେ
ମନ୍ତ୍ରୀ ମୋହର ବସିଲା
ଆଶାୟୀ ପ୍ରବଳ ଆଶା କରିଥିଲେ
ଏକା ମାଡେ ନିଦ ହଜିଲା
ମନ୍ତ୍ରୀ ଆଶା ନିଶା ଖସିଲା
ପ୍ରଶାନ୍ତ ରୁଦ୍ର ଉମା ସ୍ନେହାଙ୍ଗିନୀ
ଦିପାଳୀଙ୍କ ମନ ଭାଙ୍ଗିଲା
ମନ୍ତ୍ରୀ ପଦରେ କେଉଁ ରସ ଅଛି
ସଚିବ ଯେଉଁଠି ରଙ୍ଗିଲା
ଚବିଶ ଟିକେଟ ମିଳିବକି ନାହିଁ
ଅଜଣା ଆତଙ୍କ ପଶିଲା ।
-ରାହୀ

## ବିଜେଡ଼ିରେ ବରିଷ୍ଠ ନେତାଙ୍କୁ ସକ୍ରିୟ କରାଇବାକୁ ବ୍ଲୁପ୍ରିଣ୍ଟ

# ସଂଗଠନ ସମ୍ଭାଳିବେ କି ପ୍ରସନ୍ନ !



ଭୁବନେଶ୍ୱର (ପିପିଏସ୍):ଆଗାମୀ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ଅସନ୍ତୋଷକୁ ଏଡ଼ାଇବା ପାଇଁ ବିଜେଡି ନିଜର ସାଂଗଠନିକ ସ୍ତରରେ କେତେକ ଆଖିଦୃଶିଆ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି । ସବୁ ଚାପକୁ ଅଣଦେଖା କରି ଦଳର ୩ ଜଣ ଅଭିଜ୍ଞ ଓ ପୁରୁଖା ବିଧାୟକଙ୍କୁ ଆଜି ମନ୍ତ୍ରିମଣ୍ଡଳରେ ସାମିଲ କରିଥିବା ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସାଂଗଠନିକସ୍ତରରେ ଚାପା ଅସନ୍ତୋଷ ମଧ୍ୟରେ ରହିଥିବା ବରିଷ୍ଠ ନେତାମାନଙ୍କୁ ପୁଣିଥରେ ସକ୍ରିୟ କରାଇବାକୁ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି ।

ନିର୍ବାଚନକୁ ଦୃଷ୍ଟିରେ ରଖି ବର୍ତ୍ତମାନର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଚେକ୍ ଦେବା ନିମନ୍ତେ ସଂଗଠନର ଦାୟିତ୍ୱ ବରିଷ୍ଠ ଉପସଭାପତି ତଥା ଦଳର ପ୍ରତିଷ୍ଠାତା ମହାସଚିବ ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ କରାଯାଇପାରେ ବୋଲି ବିଜେଡି ସୂତ୍ରରୁ ସୂଚନା ମିଳିଛି । ପଂଚମ ପାଳିର ସରକାରରେ ମନ୍ତ୍ରିମଣ୍ଡଳରେ ସାମିଲକୁ ନେଇ ପ୍ରଥମଥର ପାଇଁ ନବୀନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦଳୀୟ ନେତାମାନଙ୍କୁ ମେଳି କରିବା ଘଟଣାକୁ ବିଜେଡି ନେତୃତ୍ୱ ବେଶ୍ ଗୁରୁତ୍ୱର ସହ ନେଇ ସୁଶାନ୍ତ ଓ ତାଙ୍କର ଗଡଫାଦରଙ୍କ ଉପରେ ଖୁବଶୀଘ୍ର ଲଗାମ ଦେବା ଭଳି ପଦକ୍ଷେପ ନେବାର ସମ୍ଭାବନା ରହିଛି ।

ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମନ୍ତ୍ରିମଣ୍ଡଳ ଅଦଳବଦଳ ପ୍ରସଙ୍ଗକୁ ନେଇ ଗତ ପ୍ରାୟ ଏକ ସପ୍ତାହ ଧରି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବିଜେଡି ନେତୃତ୍ୱ ଉପରେ ଚାପ ପକାଇ ଆସୁଥିଲେ । ଏପରିକି ନିଜର ଖାସ୍ ଅନୁଗତ ସମୀର ରଞ୍ଜନ ଦାଶଙ୍କ ଇସ୍ତଫାକୁ ସହଜରେ ହଜମ କରିପାରିନଥିବା ପ୍ରଣବ ଏଭଳି ମତାନ୍ତର ଯୋଗୁ ଅଚାନକ ଦିଲ୍ଲୀ ପଳାଇଥିଲେ । ସମ୍ଭାବ୍ୟ ମନ୍ତ୍ରିମଣ୍ଡଳରେ ସୁଶାନ୍ତ ସିଂ କିମ୍ବା ତାଙ୍କର ଜଣେ ଖାସ୍ ଅନୁଗତଙ୍କୁ ମନ୍ତ୍ରୀ କରିବା ନିମନ୍ତେ ପ୍ରଣବ ଚାପ ସୃଷ୍ଟି କରିଥିଲେ, ମାତ୍ର ଦଳର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବେ କୌଣସି ପ୍ରକାରର ସାଲିସ୍ କରିବାକୁ ଚାହୁଁନଥିବା ବିଜେଡି ସୁପ୍ରିମୋ ଏଭଳି ପ୍ରସ୍ତାବକୁ ଏଡ଼ାଇ ଦେଇଥିଲେ ବୋଲି ଦଳ ସୂତ୍ରରୁ ସୂଚନା ମିଳିଛି । ତଥାପି ଆଜିର ମନ୍ତ୍ରିମଣ୍ଡଳରେ ସୁଶାନ୍ତଙ୍କୁ ସାମିଲ କରାଯାଇପାରେ ବୋଲି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି ପ୍ରଭାବଶାଳୀ ଗୋଷ୍ଠୀ ଆଶାବାଦୀ ରହିଥିଲା । ଯେଉଁଥିପାଇଁ ସୁଶାନ୍ତ ଆଜି ସକାଳ ୮ଟାରେ ଭୁବନେଶ୍ୱରରେ ପହଂଚି ପ୍ରାୟ ୧୦ଟାବେଳେ ବରଗଡ଼ ଅଭିମୁଖେ ଯାଇଥିବା ସୂଚନା ମିଳିଛି । ମନ୍ତ୍ରୀ ପଦରୁ ବଂଚିତ ହେବାପରେ ସୁଶାନ୍ତ ଦଳ ଉପରେ ଚାପ ସୃଷ୍ଟି ନିମନ୍ତେ ନିଜର ଅନୁଗତମାନଙ୍କୁ ଫୋନ୍ କରି ଦଳୀୟ ପଦପଦବୀରୁ ଇସ୍ତଫା ଦେବାକୁ ପରାମର୍ଶ ଦେଇଥିଲେ । ଏପରିକି ବିଜେଡିର ଏକ ହ୍ୱାଟସଅପ୍ ଗ୍ରୁପରେ ସୁଶାନ୍ତଙ୍କ ଅନୁଗତମାନେ ମନ୍ତ୍ରୀପଦ ନମିଳିବାର ଅସନ୍ତୋଷ ବ୍ୟକ୍ତ କରିବାକୁ ପଛାଇ ନଥିଲେ । ଯଦିଓ ଏହି ଗ୍ରୁପରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ରହିଥିବା ସୂଚନା ମିଳିଛି । ବରଗଡ଼ ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ମଧ୍ୟ ଗଣମାଧ୍ୟମରେ ସାମ୍ନାକୁ ଆସି ସୁଶାନ୍ତଙ୍କୁ ମନ୍ତ୍ରୀ ନକରାଯିବା ନେଇ ସମୂହ ଇସ୍ତଫା ଦେବାକୁ ଯୋଜନା ହେଉଥିବା ସ୍ପଷ୍ଟ କରିସାରିଛନ୍ତି । ଏଭଳି ସ୍ଥିତି ବିଜେଡି ସଂଗଠନ ସମ୍ପାଦକ ଓ ଭଟଲୀ ବିଧାୟକ ସୁଶାନ୍ତ ସିଂଙ୍କ ଭୂମିକାକୁ ନେଇ ସନ୍ଦେହ ଦେଖାଦେଇଛି । ତେବେ ସୂଚନା ଅନୁଯାୟୀ ବିଜେଡି ଦଳରେ ବଢ଼ିଚାଲିଥିବା ଅସନ୍ତୋଷକୁ ପ୍ରଶମିତ କରିବା ଓ ଆଭ୍ୟନ୍ତରୀଣ ଗୋଷ୍ଠୀବାଦକୁ ପ୍ରୋତ୍ସାହିତ କରୁଥିବା ପ୍ରଭାବଶାଳୀ ଗୋଷ୍ଠୀକୁ ଚେକ୍ ଦେବା ନିମନ୍ତେ ବିଜେଡି ସୁପ୍ରିମୋ ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି । ଯାହାଫଳରେ ୨୦୨୪ ସାଧାରଣ ନିର୍ବାଚନ ଟିକେଟ୍ ଚୟନବେଳେ ଦଳକୁ ବିଶେଷ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ବିଜେଡି ● ପୃଷ୍ଠା-୪

# ଆସନ୍ତା ତିନି ବର୍ଷ ପାଇଁ ଚାଷୀଙ୍କୁ ଶସ୍ୟବୀମା ସଂପୂର୍ଣ୍ଣ ମାଗଣା

ଭୁବନେଶ୍ୱର(ପିପିଏସ୍): ଚାଷୀଙ୍କ ଶସ୍ୟବୀମା ଆସନ୍ତା ତିନି ବର୍ଷ ପାଇଁ ସଂପୂର୍ଣ୍ଣ ମାଗଣା ହେବ। ରାଜ୍ୟ ସରକାର ୨୦୨୩ ଖରିଫ୍ ରୁ ୨୦୨୫-୨୬ ରବି ପର୍ଯ୍ୟନ୍ତ ଚାଷୀଙ୍କ ପ୍ରିମିୟମ ବାବଦ ଖର୍ଚ୍ଚ ବହନ କରିବେ ବୋଲି ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସୂଚନା ଦେଇଛନ୍ତି। ବିଭାଗୀୟ ସଫଳତା ସମ୍ବନ୍ଧରେ ସୂଚନା ଦେଇ ସମବାୟ ମନ୍ତ୍ରୀ କହିଛନ୍ତି ଚାଷୀଙ୍କ ପାଇଁ ନିଆଯାଇଥିବା ଏହି ପଦକ୍ଷେପ ସାରା ଦେଶରେ ଅନନ୍ୟ। ସମବାୟ ବିଭାଗର ବିଭିନ୍ନ ଉପଲବ୍ଧି ମଧ୍ୟରୁ ରାଜ୍ୟର ଚାଷୀମାନଙ୍କୁ କୃଷିରଣ ଯୋଗାଣ ଅନ୍ୟତମ । ଆମ ରାଜ୍ୟରେ ତ୍ରିସ୍ତରୀୟ ସ୍ୱଳ୍ପମିଆଦୀ ସମବାୟ ଋଣ ବ୍ୟବସ୍ଥା ଅନ୍ତର୍ଗତ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ୧୭ ଗୋଟି କେନ୍ଦ୍ର ସମବାୟ ବ୍ୟାଙ୍କ ଓ ୨୭୧୦ ଗୋଟି ପ୍ରାଥମିକ କୃଷି ଋଣ ସମବାୟ ସମିତି(ପାକ୍ସ)ମାନେ ଚାଷୀମାନଙ୍କୁ ତାଙ୍କର ଆବଶ୍ୟକତା ମୁତାବକ ଯଥାସମୟରେ ଏବଂ ସହଜ ସୁବିଧା କିମ୍ବା ବିଧା ସୁଧରେ ଚାଷ ଋଣ ଯୋଗାଇ ଦେଉଛନ୍ତି । ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ବିନା ସୁଧରେ ଉପଲବ୍ଧ ଋଣର ପରିମାଣ ୫୦ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାର ବୃଦ୍ଧି କରିଛନ୍ତି, ଯାହାଫଳରେ କି ୨୦୨୨-୨୩ ବର୍ଷରେ ରାଜ୍ୟରେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଅତିରିକ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରଗୁଡିକୁ ମୋଟ ୧୬୬୮୩.୫୭ କୋଟି ଟଙ୍କାର କୃଷି ଋଣ ପ୍ରଦାନ କରାଯାଇଛି। ୨୦୦୦-୦୧ ବର୍ଷରେ ୬.୪୦ ଲକ୍ଷ ଚାଷୀଙ୍କୁ ଦିଆଯାଇଥିବା ୪୩୮.୩୬ କୋଟି ଟଙ୍କା ଋଣ ତୁଳନାରେ ଏହି ଅଭିବୃଦ୍ଧି ବିଭାଗର ସଫଳତାକୁ ସୂଚିତ କରୁଛି । ଏତଦ୍ ବ୍ୟତୀତ ରାଜ୍ୟରେ ପାକ୍ସମାନେ ଚାଷୀଙ୍କୁ ପ୍ରାମାଣିକ ବିହନ ଓ ସାର ଯୋଗାଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛନ୍ତି । ପାକ୍ସମାନଙ୍କ ଦ୍ୱାରା ସେବା ପ୍ରଦାନକୁ ଆହୁରି ● ପୃଷ୍ଠା-୪





# ନଖରେ ଏହିପରି ଚିହ୍ନ ଦେଖିବାକୁ ମିଳିଲେ ଶୀଘ୍ର ପୂରଣ ହୋଇଥାଏ ମନସ୍କାମନା

ବୁଢ଼ା ଆଙ୍ଗୁଠିର ନଖ ଛଡ଼ା ଅନ୍ୟ ଆଙ୍ଗୁଠି ନଖରେ ଭିନ୍ନ ଭିନ୍ନ ପ୍ରକାରଚିହ୍ନ ଦେଖାଯାଇଥାଏ । ମଝି ଆଙ୍ଗୁଠିର ନଖରେ ଯଦି ଅର୍ଦ୍ଧଚନ୍ଦ୍ର ଆକୃତିର ଚିହ୍ନ ହୋଇଥାଏ ତେବେ ବ୍ୟକ୍ତିକୁ ଖୁବ୍ ଶୀଘ୍ର ଧନପ୍ରାପ୍ତି ହୋଇଥାଏ । ଯେଉଁ ଲୋକମାନେ କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଆଶା କରୁଥାନ୍ତିତେବେ ସେମାନଙ୍କୁ ବିଶି ଆଙ୍ଗୁଠି ଦେଖିବା ଉଚିତ୍ । ହସ୍ତରେଖା ବିଶେଷଜ୍ଞମାନଙ୍କ କହିବା ଅନୁସାରେ ବିଶି ଆଙ୍ଗୁଠିରେ ଅର୍ଦ୍ଧଚନ୍ଦ୍ରଦେଖାଗଲେ ଉନ୍ନତିର ଆଶା ପୂରଣ ହେବ । ଚତୁର୍ଥ ଆଙ୍ଗୁଠିର ନଖ ମଝିରେ ଅର୍ଦ୍ଧଚନ୍ଦ୍ରର ଆକୃତି ଦେଖାଗଲେମାନ-ସମ୍ମାନ ଏବଂ ପୁରସ୍କାର ପ୍ରାପ୍ତି ହୋଇଥାଏ । ଛାତ୍ରଛାତ୍ରୀମାନଙ୍କ ପ୍ରତିଯୋଗିତାମୂଳକ ପରୀକ୍ଷାରେମିଳୁଥିବା ସଙ୍କେତକୁ ମଧ୍ୟ ଏଥିରେ ଗଣାଯାଇଥାଏ । ସବୁଠୁ ଛୋଟ ଆଙ୍ଗୁଠି ବା କାଣିଆଙ୍ଗୁଠି ଯାହାକୁବୁଧ ଆଙ୍ଗୁଠି ମଧ୍ୟ କୁହାଯାଇଥାଏ । ଯଦି ଏହି ଆଙ୍ଗୁଠିରେ ଅର୍ଦ୍ଧଚନ୍ଦ୍ର ଆକୃତି ଦେଖାଯାଏ ତେବେ ବ୍ୟବସାୟରେଉନ୍ନତି ଏବଂ ଲାଭର ସଙ୍କେତ ଦେଖାଯାଇଥାଏ । ହସ୍ତରେଖା ବିଶେଷଜ୍ଞଙ୍କ ଅନୁସାରେ ନଖ ଅଧିକ ଦୀର୍ଘ ଏବଂ ଚଉଡ଼ା ହୋଇଥିଲେଫୁସଫୁସ ଦୁର୍ବଳ ହୋଇଥାଏ । ଉତ୍ତମ ନଖ ଥିବା ବ୍ୟକ୍ତି ଧନବାନ୍ ହୋଇଥାନ୍ତି । ଯେଉଁମାନଙ୍କ ନଖରେକୌଣସି ଦାଗ ନଥାଇ ଚିକ୍କଣ ଥାଏ ଏବଂ ଲାଲ ରଙ୍ଗର ହୋଇଥାଏ ସେମାନେ ମଧ୍ୟ ଧନୀ ହୋଇଥାନ୍ତି ।



# ବଢ଼ିଲା ସୁନା ଓ ରୁପା ମୂଲ୍ୟ

ବଢ଼ିଲା ସୁନା ମୂଲ୍ୟ । ଶୁକ୍ରବାର ରାଜଧାନୀ ଦିଲ୍ଲୀରେ ସୁନା ମୂଲ୍ୟ ୨୩୧ ଟଙ୍କା ବୃଦ୍ଧି ହୋଇଛି । ଫଳରେ ୧୦ ଗ୍ରାମ ପ୍ରତି ସୁନା ମୂଲ୍ୟ ୫୦,୬୦୮ ଟଙ୍କା ହୋଇଛି । ଏଚ୍‌ଡିଏଫ୍‌ସି ସିକ୍ୟୁରିଟି ପକ୍ଷରୁ ଏହି ସୂଚନା ମିଳିଛି । ଏହା ପୂର୍ବରୁ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୫୦,୩୭୭ ଟଙ୍କା ଥିଲା । ତେବେ କେବଳ ସୁନା ନୁହେଁ ରୁପା ମୂଲ୍ୟରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିଛି । ରୁପା ମୂଲ୍ୟରେ କିଲୋପ୍ରତି ୫୮୫ ଟଙ୍କା ବୃଦ୍ଧି ହୋଇଛି । ଫଳରେ ରୁପା କେଜି ୬୧,୬୫୭ ଟଙ୍କା ହୋଇଛି । ଏହା ପୂର୍ବରୁ ରୁପା ମୂଲ୍ୟ କେଜି ପ୍ରତି ୬୧,୦୭୨ ଟଙ୍କା ଥିଲା । ଅନ୍ତର୍ଜାତୀୟ ବଜାରରେ ମଧ୍ୟ ସୁନା ମୂଲ୍ୟ ଉଚ୍ଚାରେ ରହିଛି । ସୁନା ମୂଲ୍ୟ ଆଉନ୍ସ ପ୍ରତି ୧,୮୪୫ ଆମେରିକୀୟ ଡଲାର ରହିଥିବା ବେଳେ ରୁପା ମୂଲ୍ୟ ଆଉନ୍ସ ପ୍ରତି ୨୧.୯୧ ଆମେରିକୀୟ ଡଲାର ରହିଛି ।



# କିସମିସ୍ ଖାଆନ୍ତୁ : ଆନିମିଆରୁ ରକ୍ଷା ପାଆନ୍ତୁ

ଯଦି ଆପଣ ପ୍ରତିଦିନ କିସମିସ୍ ଏବଂ ବାଦାମ ଖାଉଛନ୍ତି ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ । କିନ୍ତୁ ଯଦି ଆପଣ ରାତିରୁ କିସମିସ୍ ବତୁରାଇ ଖାଉଛନ୍ତି ତେବେ ଏହା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଆପଣ ୧୦ଟି କିସମିସକୁ ରାତିରେ ବତୁରାଇ ସକାଳେ ଖାଇବେ ତେବେ ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ମିଳିବ । ଏହା ଶରୀରକୁ ମଧ୍ୟ ସୁସ୍ଥ ରଖିବ । କିସମିସ ଖାଇବାର ସବୁଠୁ ଭଲ ଉପାୟ ହେଉଛି କିସମିସକୁ ରାତିରେ ବତୁରାଇ ସକାଳେ ଫୁଲିଗଲେ ଖାଆନ୍ତୁ ଏବଂ ଏହାର ପାଣିକୁ ମଧ୍ୟ ପିଇ ଦିଅନ୍ତୁ । ଏହି ଭିଜା କିସମିସରେ ଆଇରନ,ପୋଟାସିୟମ୍,କ୍ୟାଲସିୟମ୍,ମ୍ୟାଗ୍ନେସିୟମ୍ଏବଂ ଫାଇବର୍ ପ୍ରଚୁର ପରିମାଣରେ ରହିଥାଏ । ଏଥିରେ ରହିଥିବା ସୁଗାର ପ୍ରାକୃତିକ ଏବଂ ଏଥି ପାଇଁ ଏହା ଶରୀର ପକ୍ଷେ ହିତକାରକ ହୋଇଥାଏ , କିନ୍ତୁ ମଧୁମେହ ରୋଗୀ କିସମିସ ଖାଇବା ଅନୁଚିତ୍ । ଶୁଖିଲା ଅଙ୍ଗୁରକୁ କିସମିସ୍ କୁହାଯାଇଥାଏ । ଏହା ବିଭିନ୍ନ ରଙ୍ଗର ହୋଇଥାଏ ଯଥା ସୁନେଲି,ସବୁଜ ଏବଂ କଳା । ଏହା ବ୍ୟତୀତ ଆପଣ କେତେକ ତରକାରୀକୁ ସ୍ୱାଦିଷ୍ଟ କରିବା ପାଇଁ କିସମିସକୁ ବ୍ୟବହାର କରି ପାରିବେ । ରାତିରେ ବତୁରା ହୋଇଥିବା କିସମିସ ଖାଇଲେ ଏବଂ ଏହାର ପାଣି ପିଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ କାରଣରୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ଏବଂ ବାହାରର ଜୀବାଣୁ ସହ ଲଢ଼ିବାରେ ସକ୍ଷମ ହୋଇଥାଏ ଏବଂ ବ୍ୟାକ୍ଟେରିଆ ଆମ ଶରୀରକୁ ପ୍ରବେଶ କରିପାରେ ନାହିଁ । ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ଏହି ବତୁରା ହୋଇଥିବା କିସମିସ୍ ଲାଭଦାୟକ ହୋଇଥାଏ । ଏହା ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ । ଏଥିରେ ଥିବା ପୋଟାସିୟମ୍ ଉଚ୍ଚ ରକ୍ତଚାପରୁ ମୁକ୍ତି ଦେଇଥାଏ । ଏହା ଦ୍ୱାରା ଆପଣ ଆନିମିଆରୁ ରକ୍ଷା ପାଇବେ କାରଣ କିସମିସ୍ ଆଇରନର ପ୍ରମୁଖ ଉପାଦାନ ଅଟେ । ଏହା ସହ ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ବି କମ୍ପ୍ଲେକ୍ସ୍ ଥାଏ । ଏହା ରକ୍ତର ମାତ୍ରାକୁ ବଢ଼ାଇବାରେ ସାହାଯ୍ୟ କରିଥାଏ । ଏହା ହଜମ ଶକ୍ତିକୁ ମଧ୍ୟ ବଢ଼ାଇଥାଏ । ଏଥିରେ ଖଣିଜ ଲବଣ ପ୍ରଚୁର ପରିମାଣରେ ରହିଥାଏ । ଏହା ହାଡ଼କୁ ମଜବୁତ କରିବାରେ ସହାୟକ ହୋଇଥାଏ । ଗୋଟିଏ କଥା ମନେ ରଖନ୍ତୁ ଯେ ବତୁରା ହୋଇଥିବା କିସମିସରେ କ୍ୟାଲୋରୀର ମାତ୍ରା ଅଧିକ ରହିଥାଏ । ସେଥିପାଇଁ ଏହାକୁ ବେଶୀ ଖାଆନ୍ତୁ ନାହିଁ ।



# ବଳଦ ଏବଂ ଷଣ୍ଢଙ୍କୁ ନେଇ ପରିବହନ ଯୋଜନା

ଆଗେ ଶଗଡର ଖୁବ୍ ଚାହିଦା ଥିଲା । ଭାରତର ପ୍ରତି ଗାଁରେ ଶଗଡ଼ ଚାଲୁଥିଲା । ଜିନିଷ ନେବା ଆଣିବା କରିବାରେ ସବୁଠୁ ଉପଯୁକ୍ତ ସାଧନ ଥିଲା ଶଗଡ଼ । କିନ୍ତୁ ଏବେ କ'ଣ ପାଇଁ କେଜାଣି ଶଗଡ଼ ଦିନକୁ ଦିନ ଆଉ ରାସ୍ତାରେ ଦେଖାଯାଉନାହିଁ । ଯେଉଁ ଶଗଡ଼କୁ ବର୍ତ୍ତମାନ ପୀଢ଼ି ଦେଖିନାହାନ୍ତି ସେହି ଶଗଡ଼ ଦୈନନ୍ଦିନ ଜୀବନର ଅଂଶ ଥିଲା । ଆଜିକାର ଯୁଗରେ ଶଗଡ଼ ଚଢ଼ିବା ସ୍ୱପ୍ନ ଭଳି ହୋଇଗଲାଣି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଶଗଡ଼ କୁଆଡ଼େ ଗଲା । ଆପଣ ତ ବଳଦ କିମ୍ବା ଷଣ୍ଢ ଦେଖିଥିବେ । ଯଦି ଆପଣ କେବେ ପରିବା ବଜାର ଯିବେ ତାହେଲେ ଆପଣ ଷଣ୍ଢ ଦେଖିପାରିବେ । କିନ୍ତୁ ଆପଣ କେବେ ଚିନ୍ତା କରିଛନ୍ତି କି ଏହି ଷଣ୍ଢଗୁଡ଼ିକ ବାରବୁଲା ହୋଇ କ'ଣ ପାଇଁ ବୁଲୁଛନ୍ତି । ପେଟ୍ରୋଲ ଏବଂ ଡିଜେଲ୍ ଗାଡ଼ି ଚଲାଉଥିବା ପୀଢ଼ି କେବେ ବି ଶଗଡ଼ର ମହତ୍ତ୍ୱ ବୁଝିପାରିବେ ନାହିଁ । ପ୍ରଦୂଷଣ ଏବଂ ଦୁର୍ଘଟଣାରୁ ରକ୍ଷା ପାଇବା ନିମନ୍ତେ ପ୍ରଶାସନକୁ ବାରବୁଲା ଷଣ୍ଢ କିମ୍ବା ବଳଦଗୁଡ଼ିକର ସଂରକ୍ଷଣ ଦିଗରେ ପଦକ୍ଷେପ ନେବା ଉଚିତ୍ । କେବେ ହଜାର ଲକ୍ଷ ଟଙ୍କାରେ ବିକ୍ରି ହେଉଥିବା ଷଣ୍ଢ ଆଜି ଅତ୍ୟନ୍ତ ଖରାପ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ପୁଣି ଆଉଥରେ ବଳଦଗାଡ଼ି କିମ୍ବା ଶଗଡ଼ ପ୍ରଚଳନ କରି ପ୍ରଦୂଷଣ ଏବଂ ସଡ଼କ ଦୁର୍ଘଟଣାକୁ ରୋକାଯାଇପାରିବ ।



# ଆଜିର ରାଶିଫଳ

**ମେଷ** — ରାଜନୀତି କ୍ଷେତ୍ରରେ ତଳ ମହଲରୁ ଆଶାତୀତ ଲାଭ ପାଇ ମୁଣ୍ଡ ଉଚ୍ଚ ରହିବ ଓ ପ୍ରତିଷ୍ଠା ପ୍ରତିପତ୍ତି ଅକ୍ଷୁର୍ଣ୍ଣ ରହିବ । ବୁଦ୍ଧି ବିବେକ ଖେଳାଇ କର୍ତ୍ତବ୍ୟ ପରାୟଣତାକୁ ମୁଖ୍ୟ କରି ଚାଲିବା ହିତକର ।

**ବୃଷ** — ସାମାଜିକ ପ୍ରତିଷ୍ଠା ମାନସ ସମ୍ମାନରେ ବୃଦ୍ଧି ହେବ । ଶରୀର ସୁସ୍ଥ ରହିବ । ବ୍ୟବସାୟରେ ଉନ୍ନତି ଓ ଆର୍ଥିକ ସ୍ଥିତିରେ ବୃଦ୍ଧି ହେବ । କର୍ମଚାରୀମାନେ କର୍ମ କ୍ଷେତ୍ରରେ ସମ୍ମାନ ଲାଭ କରିବେ ।

**ମିଥୁନ** — ବ୍ୟବସାୟରେ ଆଶାତୀତ ଲାଭ ପାଇ ନୂତନ ଦ୍ରବ୍ୟ କ୍ରୟ କରିବେ । ଆର୍ଥିକ ଉନ୍ନତି ଦେଖାଦେବ । କାର୍ଯ୍ୟ କ୍ଷେତ୍ରରେ ଶତ୍ରୁମାନେ ପରାଜିତ ହେବେ । ମାନସିକ ଅଶାନ୍ତି ଦୂର ହେବ ।

**କର୍କଟ** — ସରକାରୀ କର୍ମଚାରୀମାନେ ସ୍ଥାନ ପରିବର୍ତ୍ତନ ପାଇଁ ଚେଷ୍ଟା କରିପାରନ୍ତି । ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବା ସହ ସାମାଜିକ ପ୍ରତିଷ୍ଠା ମାନସ ସମ୍ମାନରେ ବୃଦ୍ଧି ହେବ ।

**ସିଂହ** — ସାମାଜିକ ପତିଆରା ଅମଳିନ ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇ ଦୈନିକ କାର୍ଯ୍ୟଗତି ଉତ୍ସାହପୂର୍ଣ୍ଣ ହେବ । ସାମ୍ବାଦିକମାନେ ସାମାଜିକ କଲ୍ୟାଣ କାମରେ ପୂର୍ଣ୍ଣ ସହଯୋଗ କରିବେ ।

**କନ୍ୟା** — ଗଚ୍ଛିତ ଅର୍ଥ ବୃଦ୍ଧି କରିବାପାଇଁ ଚେଷ୍ଟିତ ହେବେ । ପାରିବାରିକ ସମସ୍ୟା ବୁଝାମଣା ମଧ୍ୟରେ ସମାଧାନ ହେବ । ଦାମ୍ପତ୍ୟ ସୁଖରେ ମଧୁରତା ଆସି ଅଧିକ ଘନିଷ୍ଠତା ହେବ ।

**ତୁଳା** — ପରିବହନ ବ୍ୟବସାୟରେ ଆଶାଜନକ ସଫଳତା ହାସଲ କରିବେ । ବିତିଆଯାଇଥିବା ମାମଲାରେ ସଫଳତା ମିଳିବ । ଅଧିକାରୀଙ୍କଠାରୁ ସହଯୋଗ ମିଳିବା ଫଳରେ ଆତ୍ମସନ୍ତୋଷ ବଢ଼ିବ ।

**ବିଛା** — କର୍ମକ୍ଷେତ୍ରରେ ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ । ଧାର୍ମିକ ସାହିତ୍ୟ ପଢ଼ିବା ପାଇଁ ରୁଚି ବୃଦ୍ଧି ହେବ । ଲୋକମାନଙ୍କ ସହିତ ଜଗିରଖି କଥାବାର୍ତ୍ତା କରିଲେ ବହୁତ ଭଲ ହେବ

**ଧନୁ** — ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ । ବ୍ୟବସାୟୀମାନେ ନଗଦ କାରବାରରେ ଅଧିକ ଲାଭପ୍ରଦ ହେବେ । ପାରିବାରିକ ସମସ୍ୟା ଆପୋଷ ସମାଧାନର ରାସ୍ତା ଖୋଲିଯିବ ।

**ମକର** — ଉଦାସୀନତା ଓ ନକାରାତ୍ମକ ପ୍ରବୃତ୍ତିକୁ ଛାଡ଼ିବା ପାଇଁ ପ୍ରୟାସ କରିବେ । ମନ ଲଗାଇ କାର୍ଯ୍ୟ କରିବା ଫଳରେ ଧନପ୍ରାପ୍ତି ହେବ । ଚାକିରୀରେ ପ୍ରମୋଶନ ମିଳିବାର ସମ୍ଭାବନା ଅଛି ।

**କୁମ୍ଭ** — ଶାରୀରିକ ସୁସ୍ଥତା ସହ ମାନସିକ ଶାନ୍ତି ଦେଖାଦେବ । ସାମାଜିକ କାର୍ଯ୍ୟରେ ଯୋଗଦାନ କରି ଉତ୍ସାହ ଉଦ୍ଦୀପନାରେ ଆଗେଇପାରିବେ । ନିଜ ଚେଷ୍ଟାରେ କାର୍ଯ୍ୟରେ ସଫଳତା ମିଳିବ ।

**ମୀନ** — କର୍ମକ୍ଷେତ୍ରରେ ନ୍ୟାୟମାର୍ଗ ଓ ମିଷ୍ଟ ବଚନ ଯୋଗେ ଉନ୍ନତି କରିପାରିବେ । ପ୍ରବାସରେ ମଧ୍ୟ କେତେକ କ୍ଷେତ୍ରରେ ଉନ୍ନତିକର ହେବ । ବିଦ୍ୟାଧନ କ୍ଷେତ୍ରରେ ସଫଳତା ମିଳିବ ।

# ଖାଲି ପେଟରେ ଚଣା ଖାଇବା ଭଲ

ସକାଳୁ ଖାଲି ପେଟରେ ଚଣା ଖାଉଛନ୍ତି କି ? ବହୁତ ଭଲ କଥା । ହେଲେ ଚଣାସହ ଏମିତି କିଛି ଖାଆନ୍ତୁ ନାହିଁ ଯାହା ଆପଣଙ୍କ ପାଇଁ ଜହର ପାଲଟିଯିବ । ସ୍ୱାସ୍ଥ୍ୟ ପାଇଁ ଚଣା ଖାଲି ପେଟରେ ଖାଇବା ବହୁତ ଭଲ କଥା । ଯାହା ପେଟଭିତରେ ମଇଳା ସଫା କରିବା ସହ ଗ୍ୟାସ ସମାସ୍ୟା ଦୁର କରିଥାଏ । ଏହା ମଧ୍ୟ ବ୍ରେକଫାଷ୍ଟ ପାଇଁ ବହୁତଭଲ କାମ ଦେଇଥାଏ । ଆଜି ଆସନ୍ତୁ ଜାଣିବା ଚଣା ସହ ଆଉ କଣ ଖାଇବା ଅନୁଚିତ ଯାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଆପଣ ଚଣା ଖାଇସାରିବା ପରେ କ୍ଷୀର ପିଉଛନ୍ତି କି ? ତାହେଲେ ଏପରି କରନ୍ତୁନାହିଁ । ଚଣା ଖାଇ ସାରିବା ପରେ ଯଦି କ୍ଷୀର ପିଉଛନ୍ତି ,ତାହେଲେ ଆପଣଙ୍କ ମୁହଁରେ ଧଳା ଧଳା ଚଂଗରଛଉ ବାହାରିବାର ଆଶଙ୍କା ଅଛି । ଆପଣ ଯଦି ଚଣା ଖାଉଛନ୍ତି ,ତାହେଲେ କିଛି ସମୟ ଛାଡ଼ି କ୍ଷୀର ପିଅନ୍ତୁ । ଆପଣ ଚଣା ଖାଇସାରବା ପରେ ଅଣ୍ଡା ଖାଉଛନ୍ତି କି ,ତାହେଲେ ଏପରି ଭୁଲ କରନ୍ତୁ ନାହିଁ । ଆପଣ ଖାଲି ପେଟରେ ଚଣା ଖାଇବା ଭଲ ଅଭ୍ୟାସ ହେଲେ ଅଣ୍ଡା ସହ ଯଦି ମିଶେଇକିଖାଉଛନ୍ତି, ତାହେଲେ ପେଟରୋଗ ଦେଖାଇବାର ଆଶଙ୍କା ଅଛି । ବିଶେଷକରି ଚଣା ଓ ଅଣ୍ଡା ଦୁଇଟି ଯାକ ଅଧିକପ୍ରୋଟିନଯୁକ୍ତ ହୋଇଥିବାକରାଣରୁ ଏହା ହଜମ ପ୍ରକ୍ରିୟାରେଅସୁବିଧା କରେ । ଆପଣ ଯଦି ଚଣା ଖାଇସାରିବା ପରେ ରଶୁଣ ଖାଉଛନ୍ତି, ତାହେଲେ ଆପଣଙ୍କ ତ୍ୱଚା ସଂବନ୍ଧୀୟ ରୋଗ ବାହାରି ପାରେ । ତାହେଲେ ଆପଣ ସବୁବେଳେ ଚଣା ଖାଇସାରିବା ପରେ ଏସବୁ ଖାଦ୍ୟ ଖାଆନ୍ତୁନାହିଁ । ନହେଲେ ଆପଣ ବି ଭୋଗିପାରନ୍ତି ଏହି ସବୁ ରୋଗ ।



ଫିଲ୍ମ ଟକ୍

# ଚିକେନ୍ ବର୍ଗର ଖାଇ ଟ୍ରୋଲ୍ ହେଲେ ରଶ୍ମିକା

ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦନା କେବଳ ଅଭିନୟ ପାଇଁ ନୁହେଁ ବରଂ ତାଙ୍କ ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ଜଣାଶୁଣା । ତାଙ୍କ କ୍ୟୁଟ୍ ଲୁକ୍ ପ୍ରାୟତଃ ଲୋକଙ୍କ ଧ୍ୟାନ ଆକର୍ଷଣ କରିଥାଏ । କିନ୍ତୁ ଏଥର ଅଭିନେତ୍ରୀ ତାଙ୍କ ଲୁକ୍‌କୁ ନେଇ ନୁହେଁ ବରଂ ଏକ ବିଜ୍ଞାପନ ହେତୁ ଆଲୋଚନାରେ ରହିଛନ୍ତି । ରଶ୍ମିକାଙ୍କୁ ନନ୍-ଭେଜ୍ ଖାଇବା ପାଇଁ ସୋସିଆଲ ମିଡିଆରେ ଟ୍ରୋଲ କରାଯାଉଛି । କାରଣ ଅଭିନେତ୍ରୀ କହିଥିଲେ ଯେ ସେ ଜଣେ ଶାକାହାରୀ । ନିକଟରେ ରଶ୍ମିକାଙ୍କ ଲାଟେଷ୍ଟ ବିଜ୍ଞାପନ ଭିଡିଓ ସାମ୍ନାକୁ ଆସିଛି । ଏହି ଭିଡିଓରେ ଅଭିନେତ୍ରୀ ଏକ ଜଙ୍କ୍ ଫୁଡ୍ କମ୍ପାନୀର ବିଜ୍ଞାପନ କରୁଥିବା ଦେଖାଯାଇଛି । ବିଜ୍ଞାପନରେ ରଶ୍ମିକା ଚିକେନ୍ ବର୍ଗର୍ ଖାଉଥିବା ନଜର ଆସିଛନ୍ତି । ଭିଡିଓ ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆ ୟୁଜର୍ସ ତାଙ୍କୁ ଖୁବ୍ ଟ୍ରୋଲ୍ କରୁଛନ୍ତି । କାରଣ ଅଭିନେତ୍ରୀ କିଛି ବର୍ଷ ପୂର୍ବେ ଏକ ସାକ୍ଷାତକାରରେ କହିଥିଲେ ଯେ ସେ ଜଣେ ଶାକାହାରୀ । ବର୍ତ୍ତମାନ ସେ ନନ୍ ଭେଜ୍ ଖାଉଥିବା ଦେଖି ଲୋକମାନେ କ୍ରୋଧିତ ହୋଇଛନ୍ତି । ଲୋକମାନେ ସୋସିଆଲ ମିଡିଆରେ ୟୁଜର୍ସ ରଶ୍ମିକାଙ୍କୁ ଅନେକ କଥା କହୁଛନ୍ତି । ଜଣେ ୟୁଜର୍ ଲେଖିଛନ୍ତି- 'ରଶ୍ମିକା ଚିକେନ୍ ବର୍ଗର୍ ଆନନ୍ଦ ନେଉଛନ୍ତି, ସେଲିବ୍ରେଟ୍ ଏବଂ ସେମାନଙ୍କର କପଟୀ । ଅନ୍ୟ ଜଣେ ଲେଖିଛନ୍ତି – ନୂଆ ଟିଭି ବିଜ୍ଞାପନରେ ଚିକେନ୍ ବର୍ଗର୍ ଖାଉଛନ୍ତି ରଶ୍ମିକା, ଜନସାଧାରଣ ପଚାରିବାକୁ ଚାହୁଁଛନ୍ତି କି ଆପଣ ଶାକାହାରୀ ନୁହଁନ୍ତି କି ।



# ଫଟୋଗ୍ରାଫରକୁ କନ୍ୟା ଦେଲେ ଏମିତି ଲୁକ୍

ଅନେକ ମଜାଦାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି । ଯାହାକୁ ଦେଖିବାକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି । ନିକଟରେ ଏପରି ଏକ ଭିଡିଓ ଭାଇରାଲ୍ ହୋଇଛି ଯାହାକୁ ଦେଖିବା ପରେ ଆପଣ ନିଜର ହସ ରୋକିପାରିବେ ନାହିଁ । ଭିଡିଓଟି ଭାଇରାଲ୍ ହେବା ପରେ ତାହାକୁ ନେଇ ଏବେ ଲୋକେ ମିମ୍‌ବନାଇବା ଆରମ୍ଭ କରି ଦେଇଛନ୍ତି । ବିବାହ କେତେ ଭୟଙ୍କର ବୋଲି ଏହି ମିମ୍‌ରେ ଦର୍ଶାଯାଇଛି । ଏହି ମିମ୍‌କୁ ମଧ୍ୟ ଲୋକେ ବେସ୍ ପସନ୍ଦ କରୁଛନ୍ତି । ଭିଡିଓରେ ଦେଖିବାକୁ ମିଳିଛି ବର ଓ କନ୍ୟା ବରଣମାଳା ବଦଳାଉଥିବା ସମୟରେ ଫଟୋଗ୍ରାଫର କନ୍ୟାଙ୍କୁ ଫଟୋ ପୋଜ୍ ଦେବାକୁ କହୁଛନ୍ତି । ହସିକି କ୍ୟାମେରା ଆଡକୁ ଅନାଇବାକୁ କୁହାଯାଉଛି । କିନ୍ତୁ ହେଉଛି ତାର ବିପରିତ । କନ୍ୟା ଜଣକ କ୍ୟାମେରା ଆଡ଼େ ମୁହଁ କରି ହସିବା ବଦଳରେ ରାଗିକି ଅନାଉଛନ୍ତି । ବଡ ବଡ ଆଖି କରି ରାଗିକି ଚାହିଁବାର ଏପରି ଦୃଶ୍ୟ ଖୁବ୍ କମ ଦେଖିବାକୁ ମିଳେ । ଏଠାରେ କିନ୍ତୁ ଏଭଳି ନିଆରା ଘଟଣା ଘଟିଛି । ଲୋକେ ଏହି ଭିଡିଓକୁ ନେଇ ଖୁବ୍ ମଜାକ ଉଡ଼ାଇବା ସହ ଲଭ୍ ନୁହେଁ ଆରେଞ୍ଜ ମ୍ୟାରେଜ୍ କଲେ ଏମିତି କିଛି ହୁଏ ବୋଲି କହିଛନ୍ତି । ଏହି ଭିଡିଓଟିକୁ ଏବେ ସୁଦ୍ଧା ୩ଲକ୍ଷରୁ ଅଧିକ ଲୋକ ଦେଖିସାରିଲାଣି । ଏହାକୁ ଇନ୍‌ଷ୍ଟାଗ୍ରାମ୍‌ରେ ୧୫ ହଜାରରୁ ଅଧିକ ଲାଇକ୍ ମିଳିଛି ।




# କଦଳୀ ମଞ୍ଜା କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: କଦଳୀ ମଞ୍ଜା,ଆଳୁ, ପିଆଜ, ରସୁଣ,କଟା କଞ୍ଚା ଲଙ୍କା, ଧନିଆ ପତ୍ର, ଅଦା, ରିଫାଇନ୍ ତେଲ, ଗରମ ମସଲା ଓ ଲୁଣ । ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଦଳୀ ମଞ୍ଜାକୁ ଛୋଟ ଛୋଟ କରି କାଟି ଦିଅନ୍ତୁ । ତାକୁ ଧୋଇ ଏକ ପାତ୍ରରେ ରଖନ୍ତୁ । ପରେ ଏହାକୁ ପ୍ରେସର କୁକରରେ ଲୁଣ ଓ ହଳଦୀ ପକାଇ ସିଝାଇ ଦିଅନ୍ତୁ । ସିଝା ଆଳୁକୁ ଚୋପା ଛଡ଼ାଇ ଏକ ପାତ୍ରରେ ରଖନ୍ତୁ । ତା'ପରେ ଗ୍ୟାସରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ କଟା ପିଆଜ, କଟା କଞ୍ଚା ଲଙ୍କା,କଟା ରସୁଣ,କଟା ଅଦା ପକାଇ ଅଳ୍ପ ସମୟ ପାଇଁ ଭାଜନ୍ତୁ । ଏହା ଭାଜି ହୋଇଯିବା ପରେ ସେଥିରେ ପୂର୍ବରୁ ସିଝା ହୋଇଥିବା ମଞ୍ଜାକୁ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । କରେଇରେ ମଞ୍ଜାକୁ କିଛି ସମୟ ପର୍ଯ୍ୟନ୍ତ ଭାଜନ୍ତୁ । ମଞ୍ଜା ଭଲ ଭାବେ ଭାଜି ହୋଇଗଲା ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ତା'ପରେ ମଞ୍ଜାର ମିଶ୍ରଣରେ ସିଝା ଆଳୁକୁ ଚକଟି ଦିଅନ୍ତୁ । ଏହାପରେ ସେଥିରେ କଟା ଧନିଆ ପତ୍ର,ଗରମ ମସଲା ଓ ସ୍ୱାଦନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ତା'ପରେ ଚକଟା ମଞ୍ଜା ମସଲାର ମିଶ୍ରଣକୁ କଟଲେଟ୍ ବା ବରା ଆକାରରେ ଗୋଲ ଗୋଲ ଆକାର ତିଆରି କରି ଏକ ପାତ୍ରରେ ରଖନ୍ତୁ । ଏହାପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ କଟ୍‌ଲେଟ୍ ଆକାରରେ କରିଥିବା ମଞ୍ଜାକୁ ଛାଣନ୍ତୁ । ଏହା ଟିକେ ନାଲି ହୋଇଯିବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କଦଳୀ ମଞ୍ଜା କଟ୍‌ଲେଟ୍ ।



ଦେଶ ଓ ଦୁନିଆ
ପ୍ରଜାତନ୍ତ୍ର
କଟକ ୨୩.୫.୨୦୨୩

# ସିଡନିରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ଦେଶ ଗସ୍ତର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଅଷ୍ଟ୍ରେଲିଆରେ ପହଞ୍ଚିଛନ୍ତି । ସିଡନିରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନନ୍ଥୋନି ଆଲବାନିଜଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ଉପରେ ଆଲୋଚନା କରିବେ । ଉଭୟ ଦେଶ କ୍ୱାଡର ସଦସ୍ୟ ହୋଇଥିବାବେଳେ ଚୀନର ବଢିଚାଲିଥିବା ଆଧିପତ୍ୟକୁ ନେଇ ଶଙ୍କିତ ଅଛନ୍ତି । ଏଣୁ ମୋଦୀଙ୍କ ଏହି ଗସ୍ତକୁ ଗୁରୁତ୍ୱ ଦିଆଯାଉଛି । ଅଷ୍ଟ୍ରେଲିଆରେ କ୍ୱାଡର ଏକ ବୈଠକ ହେବାକୁ ଥିବାବେଳେ ତାହାକୁ ବାତିଲ କରିଦିଆଯାଇଛି । ଅନ୍ୟପକ୍ଷରେ ସିଡନିର ହୋଟେଲ ବାହାରେ ଭାରତୀୟ ସମ୍ପ୍ରଦାୟ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଏହି ଲୋକମାନେ ଅନେକ ଘଣ୍ଟା ଧରି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଗମନକୁ ଅପେକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ ହାତ ମିଳାଇବା ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ଏଠାରେ ଲୋକମାନେ ପିଏମ ମୋଦିଙ୍କ ଏକ ଝଲକ ପାଇବା ପାଇଁ ବ୍ୟଗ୍ର ଥିଲେ । ଲୋକମାନେ ତାଙ୍କ ସହ ସେଲ୍ଫି ନେବାକୁ ମଧ୍ୟ ଚେଷ୍ଟା କରିଥିଲେ। ଆସନ୍ତାକାଲି ଅର୍ଥାତ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାପୁଆ ନ୍ୟୁଗିନି ଗସ୍ତ ସାରି ସୋମବାର ସିଡନୀରେ ପହଞ୍ଚିଛନ୍ତି। ଏହା ତାଙ୍କ ଗସ୍ତର ତୃତୀୟ ପର୍ଯ୍ୟାୟ। ପ୍ରଥମ ପର୍ଯ୍ୟାୟରେ ସେ ଜି-୭ ଶିଖର ସମ୍ମିଳନୀ ପାଇଁ ଜାପାନର ହିରୋସିମାରେ ପହଞ୍ଚିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସେ ପ୍ରଶାନ୍ତ ମହାସାଗରୀୟ ଦେଶ ଗସ୍ତରେ ଯାଇଥିବା ବେଳେ ତୃତୀୟ ପର୍ଯ୍ୟାୟରେ ସେ ଅଷ୍ଟ୍ରେଲିଆରେ ପହଞ୍ଚିଥିଲେ।


ଅନ୍ୟପକ୍ଷରେ 'ଗ୍ଲୋବାଲ୍ ସାଉଥ୍' ବିଶ୍ୱରେ ସବୁଠୁ ଅଧିକ ବିପଦଗ୍ରସ୍ତ ହୋଇପାରେ ବୋଲି ଜାଣିଥିଲେ ବି ଆବଶ୍ୟକ ବେଳେ ସେମାନେ ସାହାଯ୍ୟ କଲେ ନାହିଁ ବୋଲି ବିକଶିତ ରାଷ୍ଟ୍ରମାନଙ୍କୁ ସମାଲୋଚନା କରି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ପାପୁଆ ନ୍ୟୁ ଗିନିରେ ଆୟୋଜିତ ୩ୟ 'ଇଣ୍ଡିଆ-ପେସିଫିକ୍ ଆଇଲାଣ୍ଡ୍ସ କୋଅପରେସନ୍' (ଏଫ୍ଆଇପିଆଇସି) ଶିଖର ସମ୍ମିଳନୀରେ ଉଦ୍ବୋଧନ ଦେବା ବେଳେ ପ୍ରଧାନମନ୍ତ୍ରୀ କହିଲେ, ଇନ୍ଧନ, ଖାଦ୍ୟ, ସାର ଓ ଔଷଧ ଯୋଗାଣ ଶୃଙ୍ଖଳରେ ବ୍ୟାଘାତ ଘଟିଥିବା କଥା ଆଜି ଆମେ ଦେଖୁଛନ୍ତି। ଆମେ ଯେଉଁମାନଙ୍କୁ ଭରସା କରିଥିଲେ, ଆବଶ୍ୟକ ବେଳେ ସେମାନେ ଆମକୁ ସାହାଯ୍ୟ କଲେ ନାହିଁ। ସେ ଆହୁରି ମଧ୍ୟ କହିଲେ ଯେ, କୋଭିଡ୍-୧୯ ମହାମାରୀ ସମୟରେ 'ଗ୍ଲୋବାଲ୍ ସାଉଥ୍' ସବୁଠୁ ଅଧିକ ଅସୁବିଧାରେ ପଡ଼ିଥିଲା।

ଏହା ପୂର୍ବରୁ ଏଠାରେ ଜଳବାୟୁ, ପ୍ରାକୃତିକ ବିପର୍ଯ୍ୟୟ, କ୍ଷୁଧା, ଦାରିଦ୍ର୍ୟ ଏବଂ ସ୍ୱାସ୍ଥ୍ୟ ଆଦି ସମସ୍ୟା ଥିଲା। ଏବେ ନୂଆ ନୂଆ ସମସ୍ୟା ସବୁ ଦେଖା ଦେଲାଣି। ଅସୁବିଧା ସମୟରେ ଭାରତ ତା'ର ବନ୍ଧୁଭାବାପନ୍ନ 'ପେସିଫିକ୍ ଆଇଲାଣ୍ଡସ୍' ଦେଶମାନଙ୍କୁ ସାହାଯ୍ୟ କରିଥିବାରୁ ମୁଁ ଆନନ୍ଦିତ। ପାପୁଆ ନ୍ୟୁ ଗିନିର ପ୍ରଧାନମନ୍ତ୍ରୀ ଜେମ୍ସ ମାରାପେ ମଧ୍ୟ ବୈ?ଶ୍ୱିକ ପ୍ଲାଟ୍ଫର୍ମରେ ଭାରତର ନେତୃତ୍ୱକୁ ପ୍ରଶଂସା କରିବା ସହିତ ସହାୟତା ଲାଗି ପ୍ରଧାମନ୍ତ୍ରୀ ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ଆମେ ବୈ?ଶ୍ୱିକ କ୍ଷମତା ବିସ୍ତାରକାରୀଙ୍କ ଛକାପଞ୍ଝାର ସରବ୍ୟ ହୋଇଛୁ। ଆପଣ 'ଗ୍ଲୋବାଲ୍ ସାଉଥ୍'ର ନେତା। ବୈ?ଶ୍ୱିକ ମଞ୍ଚରେ ଆମେ ଭାରତର ନେତୃତ୍ୱକୁ ଅନୁସରଣ କରିବୁ। ସୂଚନାଯୋଗ୍ୟ, ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନି-ରାଷ୍ଟ୍ର ଗସ୍ତରେ ଅଛନ୍ତି। ଜାପାନର ହିରୋସିମାରେ ଅନୁଷ୍ଠିତ 'ଜି୭' ଶିଖର ସମ୍ମିଳନୀରେ ଯୋଗ ଦେଇ ସେ ରବିବାର ଦିନ ପାପୁଆ ନ୍ୟୁ ଗିନିର ରାଜଧାନୀ ପୋର୍ଟ ମୋର୍ସବିରେ ପହଞ୍ଚିଥିଲେ। ସେଠାରେ ସେ ଭାରତ ଓ ୧୪ଟି ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ରଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବା ଲାଗି ଆୟୋଜିତ ପ୍ରମୁଖ ଶିଖର ସମ୍ମିଳନୀରେ ଯୋଗ ଦେଇଛନ୍ତି। ଏହି ଦ୍ୱୀପ ଦେଶକୁ ଗସ୍ତ କରିବାରେ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ।

## ଆମେରିକାରେ ମୋଦିଙ୍କୁ ଦିଆଯିବ ୨୧ ତୋପ ସଲାମୀ, ୨୦ ସହରରେ ଏକତା ପଦଯାତ୍ରା

ୱାଶିଂଟନ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ ମାସରେ ଆମେରିକା ଗସ୍ତ କରିବାକୁ ଯାଉଛନ୍ତି। ଏହି ଯାତ୍ରା ବିଷୟରେ ଆମେରିକାରେ ରହୁଥିବା ଭାରତୀୟ ସମ୍ପ୍ରଦାୟଙ୍କ ମଧ୍ୟରେ ବହୁତ ଉତ୍ସାହ ଅଛି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ସ୍ୱତନ୍ତ୍ର କରିବା ପାଇଁ ଭାରତୀୟ ସମ୍ପ୍ରଦାୟ ଆମେରିକାର ୨୦ ଟି ସହରରେ ଏକତା ପଦଯାତ୍ରା କରିବେ। ଆମେରିକାର ରାଷ୍ଟ୍ରପତ ଜୋ ବାଇଡେନ ମୋଦିଙ୍କ ସମ୍ମାନାର୍ଥେ ଭୋଜି ଦେବେ। ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ମୋଦିଙ୍କ ସମ୍ମାନାର୍ଥେ ଭୋଜି ଦେବେ। ହ୍ୱାଇଟ ହାଉସରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୨୧ ତୋପ ସଲାମୀ ମଧ୍ୟ ପ୍ରଦାନ କରାଯିବ। ପିଏମ ମୋଦିଙ୍କ ଆମେରିକା ଗସ୍ତକୁ ଐତିହାସିକ କରିବା ପାଇଁ ଆମେରିକାରେ ରହୁଥିବା ଆମେରିକୀୟ ସମ୍ପ୍ରଦାୟ ସମଗ୍ର ଦେଶରେ ଏକତା ପଦଯାତ୍ରା କରିବାକୁ ପ୍ରସ୍ତୁତ ହେଉଛି। ମୋଦି ୨୧ ଜୁନ ରେ ଆମେରିକାରେ ପହଞ୍ଚିବେ। ଅନ୍ୟପକ୍ଷରେ, ଆମେରିକାରେ ରହୁଥିବା ଭାରତୀୟ ସମ୍ପ୍ରଦାୟ ଜୁନ ୧୮ କୁ ଭାରତ ଏକତା ଦିବସ ଭାବରେ ପାଳନ କରିବେ। ଏହି ଅବସରରେ ଭାରତୀୟ ସମ୍ପ୍ରଦାୟ ଜାତୀୟ ସଂଗ୍ରହାଳୟରୁ ୱାଶିଂଟନ ଡିସିର ଲିଙ୍କନ ମେମୋରିଆଲ ପର୍ଯ୍ୟନ୍ତ ଏକ ପଦଯାତ୍ରା ବାହାର କରିବେ। ସେହିଭଳି ଆମେରିକାର ୨୦ ଟି ସହରରେ ଏକତା ପଦଯାତ୍ରା କରାଯିବ। ଯେଉଁଥିରେ ବହୁ ସଂଖ୍ୟାରେ ମୂଳ ଭାରତୀୟ ଲୋକ ଅଂଶଗ୍ରହଣ କରିବେ। ଆମେରିକାର ଓଭରସିଜ ଫ୍ରେଣ୍ଡସ ଅଫ ଆମେରିକାର ଜାତୀୟ ରାଷ୍ଟ୍ରପତି ଅଦାପା ପ୍ରସାଦ ଏହି ସୂଚନା ଦେଇଛନ୍ତି। ମୋଦିଙ୍କ ବିମାନ ଜୁନ ୨୧ ରେ ଆଣ୍ଡ୍ରିୟୁ ବାୟୁସେନା ବେସରେ ଅବତରଣ କରିବ। ପିଏମ ମୋଦି ୱାଶିଂଟନ ଡିସିର ଏକ ହୋଟେଲରେ ରହିବେ, ଯେଉଁଠାରେ ଭାରତୀୟ ସମ୍ପ୍ରଦାୟ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଜୁନ ୨୨ ରେ, ଯେତେବେଳେ ପିଏମ ମୋଦିଙ୍କୁ ହ୍ୱାଇଟ ହାଉସରେ ସ୍ୱାଗତ କରାଯିବ, ତାଙ୍କ ସମ୍ମାନାର୍ଥେ ୨୧ ତୋପ ସଲାମୀ ଦିଆଯିବ।

# ମୁଁ ଆପଣଙ୍କ 'ଅଟୋଗ୍ରାଫ୍' ନେବି: ବାଇଡେନ୍



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭୂତପୂର୍ବ ଲୋକପ୍ରିୟତା ଦେଖି ତାଙ୍କର 'ଅଟୋଗ୍ରାଫ୍' ନେବେ ବୋଲି ଶନିବାର ଦିନ ରହସ୍ୟ କରି ଆମେରିକାର ରାଷ୍ଟ୍ରପତି ଜୋ' ବାଇଡେନ୍ କହିଥିବା ସରକାରୀ ଅଧିକାରୀମାନେ କହିଛନ୍ତି। ଆଜି ସରକାରୀ ଅଧିକାରୀମାନେ କହିଛନ୍ତି, 'କ୍ୱାଡ୍' ବୈଠକ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିକଟକୁ ଯାଇ ଜୋ' ବାଇଡେନ୍ କହିଲେ ଯେ, ଆସନ୍ତା ମାସରେ ୱାସିଂଟନ୍ ଡି.ସି.କୁ 'ଷ୍ଟେଟ୍ ଭିଜିଟ୍'ରେ ଯିବାକୁ ଥିବା ଏହି ଭାରତୀୟ ନେତାଙ୍କ (ମୋଦୀ) କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ବହୁ ବିଶିଷ୍ଟ ନାଗରିକମାନେ ତାଙ୍କୁ (ବାଇଡେନ୍) ଅନୁରୋଧ କରୁଛନ୍ତି। ଜାପାନର ହିରୋସିମାରେ 'କ୍ୱାଡ୍' ବୈଠକ ଚାଲିଥିବା ବେଳେ ବାଇଡେନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଖରେ ଉପସ୍ଥିତ ହୋଇ କହିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଇଚ୍ଛୁକ ବହୁସଂଖ୍ୟକ ବିଶିଷ୍ଟ ନାଗରିକଙ୍କଠାରୁ ଆସୁଥିବା ଅନୁରୋଧ ତାଙ୍କ ପାଇଁ ଚାଲେଞ୍ଜ୍ ପାଲଟି ଗଲାଣି।

ସେଠାରେ ଉପସ୍ଥିତ ଥିବା ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଆନ୍ଥୋନି ଏଲବାନିଜ୍ କଥା ଯୋଡ଼ି କହିଲେ, ସିଡନି 'କମ୍ୟୁନିଟି ରିସେପ୍ସନ୍'ରେ ୨୦,୦୦୦ ଲୋକ ଧରିବା ଭଳି ସାମର୍ଥ୍ୟ ଅଛି, କିନ୍ତୁ ଏତେ ଅଧିକ ସଂଖ୍ୟାରେ ଅନୁରୋଧ ଆସୁଛି ଯେ, ମୁଁ ସମ୍ଭାଳିବାକୁ ସମର୍ଥ ହେଉନାହିଁ। ଲୋକପ୍ରିୟତା ଯୋଗୁଁ ସମ୍ମୁଖୀନ ହେଉଥିବା ଅସୁବିଧା ବିଷୟରେ ଉଭୟ ରାଷ୍ଟ୍ରପତି ବାଇଡେନ୍ ଓ ପ୍ରଧାନମନ୍ତ୍ରୀ ଏଲ୍ବାନିଜ୍ କୌ?ତୁକରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାପରେ ପ୍ରଧାନମନ୍ତ୍ରୀ ଏଲ୍ବାନିଜ୍ 'ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍'ରେ ୯୦,୦୦୦ ଜନତା କିଭଳି ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ତାହା କହିଲେ। ଏକଥା ଶୁଣି ଜୋ' ବାଇଡେନ୍ କହିଲେ, ତା'ହେଲେ ମୁଁ ନିଶ୍ଚୟ ଆପଣଙ୍କର 'ଅଟୋଗ୍ରାଫ୍' ନେବି।

# ମୋଦୀଙ୍କ ପାଦ ଛୁଇଁ ସ୍ୱାଗତ କଲେ ପାପୁଆ ନ୍ୟୁଗିନି ପ୍ରଧାନମନ୍ତ୍ରୀ



ମୋରେସବି: ଜାପାନ ଗସ୍ତ ସାରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟରେ ରବିବାର (ମେ ୨୧) ପାପୁଆ ନ୍ୟୁଗିନିରେ ପହଞ୍ଚିଛନ୍ତି। ଏଫଆଇପିଆଇସି ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ପାପୁଆ ନ୍ୟୁ ଗିନିରେ ପହଞ୍ଚିଛନ୍ତି। ଯେଉଁଠାରେ ତାଙ୍କୁ ପାପୁଆ ନ୍ୟୁଗିନିର ପ୍ରଧାନମନ୍ତ୍ରୀ ଜେମ୍ସ ମାରାପେ ସ୍ୱାଗତ କରିଥିଲେ । ଏହି ସମୟରେ ପାପୁଆ ନ୍ୟୁଗିନିର ପ୍ରଧାନମନ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଦ ଛୁଇଁଥିଲେ। ଆଉ ମୋଦୀ ତାଙ୍କ ପିଠି ଥାପୁଡ଼ାଇଦେଇଥିଲେ । ପାପୁଆ ନ୍ୟୁଗିନିର ମୋରେସବି (ଜ୍ୟାକସନ) ଅନ୍ତର୍ଜାତୀୟ ବିମାନବନ୍ଦରରେ ମୋଦୀଙ୍କୁ ପାରମ୍ପାରିକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମୟରେ ସେଠାରେ ବହୁ ସଂଖ୍ୟକ ପ୍ରବାସୀ ଭାରତୀୟ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀଙ୍କୁ ଗାର୍ଡ ଅଫ୍ ଅନର ମଧ୍ୟ ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ପାପୁଆ ନ୍ୟୁଗିନିରେ ମେ ୨୨ରେ ହେବାକୁ ଥିବା ଭାରତ-ପ୍ରଶାନ୍ତ ମହାସାଗରୀୟ ସହଯୋଗ ଶିଖର ସମ୍ମିଳନୀରେ ଯୋଗ ଦେବେ । ଏଫଆଇପିଆଇସି (ଫୋରମ ଫର ଇଣ୍ଡିଆ-ପ୍ୟାସିଫିକ ଆଇଲାଣ୍ଡ୍ସ କୋଅପରେସନ୍)ର ତୃତୀୟ ସମ୍ମିଳନୀରେ ସେ ଯୋଗ ଦେବେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ମୋଦୀ ପାପୁଆ ନ୍ୟୁଗିନି ଯାଇଛନ୍ତି । ଏଠାରୁ ସେ ଅଷ୍ଟ୍ରେଲିଆ ଗସ୍ତରେ ଯିବେ ।


# ବିଶ୍ୱକୁ ସତର୍କ କଲା ଜି-୭: ଆଣବିକ ଅସ୍ତ୍ରର ଦ୍ରୁତ ସଂପ୍ରସାରଣ କରୁଛି ଚୀନ

ହିରୋସିମା: ଚୀନ ଆଣବିକ ଅସ୍ତ୍ରଶସ୍ତ୍ରର ଦ୍ରୁତ ସଂପ୍ରସାରଣ କରୁଛି। ସାରା ବିଶ୍ୱକୁ ଗ୍ରୁପ-୭ ରାଷ୍ଟ୍ରଗୁଡ଼ିକ ଏ ନେଇ ସତର୍କ କରାଇ ଦେଇଛନ୍ତି। ହିରୋସିମାଠାରେ ଅନୁଷ୍ଠିତ ଜି-୭ ବୈଠକ ପରିପ୍ରେକ୍ଷୀରେ ସଦସ୍ୟ ଦେଶଗୁଡ଼ିକ ପକ୍ଷରୁ ଏକ ମିଳିତ ବିବୃତି ଜାରି ହୋଇଛି। ସେଥିରେ ବେଜିଂ ଏବଂ ମସ୍କୋକୁ ପୃଥକଭାବେ ଟାର୍ଗେଟ କରାଯାଇଛି। ଅଧିକନ୍ତୁ ଏହି ଦେଶସମୂହ ଏହା ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି ଯେ ସେମାନଙ୍କର ଉଦ୍ଦେଶ୍ୟ ନୁହେଁ ଏଭଳି ଏକ ନୀତି ପ୍ରସ୍ତୁତ କରିବା ଯାହା ଚୀନର କ୍ଷତି କରିବ କିମ୍ବା ତାହାର ଆର୍ଥିକ ବିକାଶକୁ ଗତିରୋଧ କରିବ। ସମୃଦ୍ଧି ହାସଲ କରୁଥିବା ଚୀନ ଅନ୍ତର୍ଜାତୀୟ ନିୟମକୁ ପାଳନ କରିଲେ ତାହା ବିଶ୍ୱର ହିତରେ ଆସିବ ବୋଲି କୁହାଯାଇଛି। ଅନ୍ତର୍ଜାତୀୟ ବାଣିଜ୍ୟ ବଜାରରେ ଚୀନର ପ୍ରଭାବ ବଢୁଥିବାରୁ ଜି-୭ ଦେଶସମୂହ ଚିନ୍ତାପ୍ରକଟ କରିଛନ୍ତି। ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ସହିତ ଭବିଷ୍ୟତରେ କିଭଳି କାର୍ଯ୍ୟ ସଂପାଦନ କରାଯିବ ସେ ସଂକ୍ରାନ୍ତ ରଣନୀତି ପରିସର ନିର୍ଦ୍ଧାରଣ ହେବା ଆବଶ୍ୟକ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଜି-୭ର ସଦସ୍ୟ ଦେଶଗୁଡ଼ିକ ଯଥା ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ, ଇଟାଲି ଏବଂ କାନାଡ଼ା ମଧ୍ୟ ଆର୍ଥିକ ସୁରକ୍ଷା କ୍ଷେତ୍ରରେ ପୃଥକ୍ ବିବୃତି ଜାରି କରିଛନ୍ତି। ବାଣିଜ୍ୟକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଏବଂ ପରିଣାମ ସଂପର୍କରେ ଜି-୭ ରାଷ୍ଟ୍ରସମୂହ ଚେତାଇ ଦେଇଛନ୍ତି। ଏଥିସହିତ ୟୁକ୍ରେନ ଉପରେ ରୁଷ୍ ଆକ୍ରମଣ କାରଣରୁ ଦେଖାଦେଇଥିବା ସମସ୍ୟା ଏବଂ ତାଇୱାନକୁ ନେଇ ଚୀନ ସହିତ ସୃଷ୍ଟି ହୋଇଥିବା ଉତ୍ତେଜନା ସଂପର୍କରେ ବିଶ୍ୱର ଏହି ବିକଶିତ ରାଷ୍ଟ୍ରଗୁଡ଼ିକ ଗୁରୁତ୍ୱାରୋପ କରିଥିଲେ। ଜି-୭ ଦେଶର ନେତୃବୃନ୍ଦ ବିଶ୍ୱର ପ୍ରମୁଖ ସମସ୍ୟା ଯଥା ଜଳବାୟୁ ପରିବର୍ତ୍ତନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଦାରିଦ୍ର୍ୟ, ଅର୍ଥନୈ?ତିକ ଅସ୍ଥିରତା, ଆଣବିକ ଅସ୍ତ୍ରର ପ୍ରସାର ଏବଂ ସର୍ବୋପରି ୟୁକ୍ରେନ ଉପରେ ରୁଷର ଆକ୍ରମଣ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ଗୁଜରାଟ ଦଙ୍ଗା ଉପରେ ହୋଇଥିବା ଡକ୍ୟୁମେଣ୍ଟାରୀକୁ ନେଇ ବିବିସିକୁ ହାଇକୋର୍ଟଙ୍କ ସମନ

ନୂଆଦିଲ୍ଲୀ : ଗୁଜରାଟ ଦଙ୍ଗା ଉପରେ ବିବିସିର ବିବାଦୀୟ ଡକ୍ୟୁମେଣ୍ଟାରୀ ଉପରେ ଦାଖଲ ହୋଇଥିବା ମାନହାନି ମାମଲାରେ ବିବିସିକୁ ଦିଲ୍ଲୀ ହାଇକୋର୍ଟ ସମନ ଜାରି କରିଛି। ହାଇକୋର୍ଟରେ ଦାଖଲ ହୋଇଥିବା ମାମଲାରେ କୁହାଯାଇଛି, ଏହି ଡକ୍ୟୁମେଣ୍ଟାରୀ ଦ୍ୱାରା କେବଳ ପ୍ରଧାନମନ୍ତ୍ରୀ ନୁହେଁ ନ୍ୟାୟପାଳିକା ଏବଂ ସମଗ୍ର ଦେଶର ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇଛି। ବରିଷ୍ଠ ଓକିଲ ହରିଶ ସାଲଭ୍ୱେ ସଂଗଠନ ପକ୍ଷରୁ ହାଜର ହୋଇଥିଲେ। ସେ କହିଛନ୍ତି, ଡକ୍ୟୁମେଣ୍ଟାରୀ ଭାରତ ଏବଂ ନ୍ୟାୟପାଳିକା ସମେତ ସମଗ୍ର ସିଷ୍ଟମକୁ ବଦନାମ କରିଛି। ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ ସଚିନ ଦତ୍ତ ଗୁଜରାଟର ଏକ ଏନଜିଓ ଦ୍ୱାରା ଦାଖଲ ହୋଇଥିବା ଏକ ମାମଲାରେ ଏହି ସମନ ଜାରି କରିଛନ୍ତି। ତେବେ ସେପ୍ଟେମ୍ବରରେ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି।

# ୨୦୦୦ ଟଙ୍କିଆ ନୋଟ୍ ନେବାକୁ ଦୋକାନ ସବୁ ମନା କରି ପାରିବେ ନାହିଁ: ରିଜର୍ଭ ବ୍ୟାଙ୍କ୍ ମୁଖ୍ୟ



ମୁମ୍ବାଇ: ୨୦୦୦ ଟଙ୍କିଆ ନୋଟ୍ ସଚଳ ହୋଇଥିବାରୁ ବ୍ୟବସାୟ ପ୍ରତିଷ୍ଠାନ ସବୁ ଏହାକୁ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ଆଜି ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାସ କହିଛନ୍ତି। ସେ କହିଛନ୍ତି, ଆମେ ପ୍ରସାରଣରୁ (ବଜାରରୁ) ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର କରି ନେଉଥିଲେ ବି ଏହା ସଚଳ ମୁଦ୍ରା ହୋଇ ରହିବ। ରିଜର୍ଭ ବ୍ୟାଙ୍କ୍ର ପୂର୍ବ ନିର୍ଦ୍ଦେଶ ମୁତାବକ କେହି ୨୦୦୦ ଟଙ୍କିଆ ନୋଟ୍ ଗ୍ରହଣ କରିବାକୁ ମନା କରିପାରିବେ ନାହିଁ। ୨୦୦୦ ଟଙ୍କିଆ ନୋଟ୍ ପ୍ରତିବଦଳ କରିବା ଲାଗି ଯଥେଷ୍ଟ ସମୟ ଦିଆଯାଇଥିବାରୁ ଗ୍ରାହକମାନେ ଆତଙ୍କିତ ହେବାର କୌ?ଣସି କାରଣ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ୨୦୦୦ ଟଙ୍କିଆ ନୋଟ୍ ସବୁ ବ୍ୟାଙ୍କରେ ପ୍ରତିବଦଳ କିଂବା ଜମା କରିବା ଲାଗି ଜାରି କରିଥିବା ବିଜ୍ଞପ୍ତିରେ ରିଜର୍ଭ ବ୍ୟାଙ୍କ୍ ଜନସାଧାରଣଙ୍କୁ ନିବେଦନ କରିଛି। ରିଜର୍ଭ ବ୍ୟାଙ୍କ୍ର ଗଭର୍ଣ୍ଣନର୍ ଦାସ କହିଛନ୍ତି, ପ୍ରସାରଣରୁ ପ୍ରତ୍ୟାହାର କରାଯାଇଥିବା ୨୦୦୦ ଟଙ୍କିଆ ନୋଟଗୁଡ଼ିକ ପ୍ରତିବଦଳ ସୁବିଧା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବା ଲାଗି ଦେଶର ସମସ୍ତ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏହି ପ୍ରକ୍ରିୟା ଅବାଧରେ ସମ୍ପନ୍ନ କରିବା ଲାଗି ବ୍ୟାଙ୍କ୍ ସବୁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସେ ଆହୁରି ମଧ୍ୟ କହିଛନ୍ତି, ପ୍ରତ୍ୟାହାର ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କରିବା ଲାଗି ଆମେ ସେପ୍ଟେମ୍ବର ୩୦କୁ ଶେଷ ତାରିଖ ବୋଲି ଉଲ୍ଲେଖ କରିଛୁ। କାରଣ, ଆମେ ଏଥିପାଇଁ ସମୟସୀମା ଉନ୍ମୁକ୍ତ ଛାଡ଼ି ପାରିବୁ ନାହିଁ।

# ୨୦୦୦ ଟଙ୍କିଆ ବିମୁଦ୍ରୀକରଣ: ବଢ଼ିଲା ସୁନା ଚାହିଦା

ନୂଆଦିଲ୍ଲୀ : ଭାରତୀୟ ରିଜର୍ଭ ବ୍ୟାଙ୍କ ଗତ ସପ୍ତାହରେ ଶୁକ୍ରବାର ୨୦୦୦ ଟଙ୍କିଆ ନୋଟ ପ୍ରତ୍ୟାହାର କରିବାକୁ ଘୋଷଣା କରିଥିଲେ। ଏହି ନିଷ୍ପତ୍ତି ୨୦୧୬ରେ ହୋଇଥିବା ବିମୁଦ୍ରୀକରଣର ସ୍ମୃତିକୁ ଲୋକଙ୍କ ମନରେ ଫେରାଇ ଆଣିଛି। ଯଦିଓ ଏଥର ବିମୁଦ୍ରୀକରଣର ପ୍ରଭାବ ଦୃଶ୍ୟମାନ ହେଉନାହିଁ, ତଥାପି ଅନେକ ଲୋକ ୨୦୦୦ ଟଙ୍କିଆ ନୋଟ ହଟାଇବା ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି କାରଣରୁ, ଗୋଟିଏ ପଟେ ସୁନା-ରୂପା ଏବଂ ଅଳଙ୍କାର ଚାହିଦା ହଠାତ ବୃଦ୍ଧି ପାଇଛି ଏବଂ ଅନ୍ୟ ପଟେ ଏହି ନୋଟ ଗୁଡିକ ପେଟ୍ରୋଲ ପମ୍ପରେ ପୂର୍ବ ଅପେକ୍ଷା ବହୁଗୁଣ। ପହଞ୍ଚିବା ଆରମ୍ଭ କରିଛି। ଖବର ଅନୁଯାୟୀ, ସୁନା, ରୂପା ଏବଂ ଅଳଙ୍କାରର ଅଧିକ ଚାହିଦା ଯୋଗୁ ଏସବୁର ମୂଲ୍ୟ ବୃଦ୍ଧି ପାଇଛି। ବିଶେଷକରି ଯେଉଁମାନେ ୨୦୦୦ଟଙ୍କିଆ ନୋଟ ଦେବାକୁ ଚାହୁଁଛନ୍ତି, ଜୁଏଲର୍ସ ସେମାନଙ୍କଠାରୁ ଅଧିକ ଟଙ୍କା ଆଦାୟ କରୁଛନ୍ତି। ଏକ ଖବର ଅନୁଯାୟୀ, କେତେକ ଅଳଙ୍କାର ସୁନା କିଣିବାରେ ୫-୧୦ ପ୍ରତିଶତ କମିଶନ ଆଦାୟ କରିବା ଆରମ୍ଭ କରିଛନ୍ତି। ଫଳରେ ସୁନା ୧୦ ଗ୍ରାମ ପିଛା ୬୬ ହଜାର ଟଙ୍କା ସ୍ତରରେ ପହଞ୍ଚିଥିବାବେଳେ ଦେଶରେ ପ୍ରକୃତ ସୁନା ଦାମ ୧୦ ଗ୍ରାମ ପିଛା ପ୍ରାୟ ୬୦,୨୦୦ଟଙ୍କା ସ୍ତରରେ ଅଛି।

ଖବର ଅନୁଯାୟୀ, ଦୁଇ ହଜାର ଟଙ୍କିଆ ନୋଟ ପ୍ରତ୍ୟାହାର କରିବାକୁ ଆରବିଆଇର ନିଷ୍ପତ୍ତି ପରେ ଅଳଙ୍କାରରୁ ସୁନା ଓ ରୂପା କ୍ରୟ ଚାହିଦା ବୃଦ୍ଧି ପାଇଛି। ବ୍ୟବସାୟୀଙ୍କ ଏକ ସଂଗଠନ ଜିଜେସି କହିଛି ଏଥର ପରିସ୍ଥିତି ୨୦୧୬ ଭଳି ନୁହେଁ। ଏକ ପୃଥକ ରିପୋର୍ଟରେ କୁହାଯାଇଛି ଶୁକ୍ରବାର ଠାରୁ ଆଜି ପର୍ଯ୍ୟନ୍ତ ଇନ୍ଦୋରର ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ଦ୍ୱାରା ୨୦୦୦ ଟଙ୍କା ନୋଟ ଦେୟ ଅତି କମରେ ପାଞ୍ଚ ଗୁଣ ବୃଦ୍ଧି ପାଇଛି। ଇନ୍ଦୋର ପେଟ୍ରୋଲ-ପମ୍ପ ଡିଲର ଆସୋସିଏଶନର ସଭାପତି ରାଜେନ୍ଦ୍ର ସିଂ ଭାସୁ କହିଛନ୍ତି ପେଟ୍ରୋଲ ପମ୍ପକୁ ଆସୁଥିବା ଗ୍ରାହକ ପୂର୍ବ ଅପେକ୍ଷା ୨୦୦୦ ଟଙ୍କିଆ ନୋଟ ଅଧିକ ଟଙ୍କା ଦେଉଛନ୍ତି।

# ଜମା ହେଉଥିବା ୨୦୦୦ ଟଙ୍କିଆ ନୋଟ ବିଷୟରେ ସୂଚନା ରଖିବାକୁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ



ମୁମ୍ବାଇ : ଭାରତୀୟ ରିଜର୍ଭ ବ୍ୟାଙ୍କ ସମସ୍ତ ବ୍ୟାଙ୍କକୁ ପ୍ରତିଦିନ ୨୦୦୦ ଟଙ୍କତଆ ନୋଟ ଜମା କରାଯାଉଥିବା ତଥ୍ୟ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ଜଡିତ ନିର୍ଦ୍ଦେଶନାମା ଆରବିଆଇ ଦ୍ୱାରା ମେ ୨୨ ଜାରି କରାଯାଇଛି। ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି କାଉଣ୍ଟରରେ ୨୦୦୦ ଟଙ୍କିଆ ନୋଟ ସାଧାରଣ ଜନତାଙ୍କୁ ବିନିମୟ କରିବାର ସୁବିଧା ପୂର୍ବପରି ପ୍ରଦାନ କରାଯିବ। ନୋଟ ବିନିମୟ ପାଇଁ ଚାରିମାସ ସମୟ ଦିଆଯିବ। ଦାଶ କହିଛନ୍ତି ସ୍ୱଚ୍ଛ ନୋଟ ନୀତି ଅନୁଯାୟୀ ୨୦୦୦ ଟଙ୍କିଆ ନୋଟ ବିମୁଦ୍ରୀକରଣ ନିଷ୍ପତ୍ତି ନିଆଯାଇଛି। ନୋଟ ବିନିମୟ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଚାଲିଛି । ମେ ୨୩ ଠାରୁ, ଅନ୍ୟ ନୋଟ ପାଇଁ ୨୦୦୦ ଟଙ୍କିଆ ନୋଟ ବିନିମୟର ସୀମା ଯେ କୌଣସି ବ୍ୟାଙ୍କରେ ଥରକରେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିବ। ଆମେ ନୋଟ ବିନିମୟରେ ସମ୍ମୁଖୀନ ହେଉଥିବା ଅସୁବିଧା ଉପରେ ନିରନ୍ତର ନଜର ରଖିଛୁ। ନୋଟ ବଦଳାଇବାରେ ବ୍ୟସ୍ତ ନହେବାକୁ ଆରବିଆଇ ଗଭର୍ଣ୍ଣର ଲୋକମାନଙ୍କୁ ନିବେଦନ କରିଛନ୍ତି। ଆରବିଆଇ ଗଭର୍ଣ୍ଣର କହିଛନ୍ତି ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ ବିମୁଦ୍ରୀକରଣ ସମୟରେ ମୁଦ୍ରାର ଅଭାବକୁ ପୂରଣ କରିବା ପାଇଁ ୨୦୦୦ ଟଙ୍କିଆ ନୋଟ ଛାପିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବର୍ତ୍ତମାନ ଏହି ଉଦ୍ଦେଶ୍ୟ ପୂରଣ ହୋଇଛି। ଆଜି ପ୍ରଚଳନ ପାଇଁ ଅନ୍ୟାନ୍ୟ ନୋଟ ଯଥେଷ୍ଟ ପରିମାଣରେ ଅଛି । ଏପରିକି ୨୦୦୦ ଟଙ୍କିଆ ନୋଟର ପ୍ରଚଳନ ଏହାର ଶିଖର ସ୍ତର ୬ ଲକ୍ଷ ୭୩ ହଜାର କୋଟିରୁ ପ୍ରାୟ ୩ ଲକ୍ଷ ୬୨ ହଜାର କୋଟି ଟଙ୍କାକୁ ଖସି ଆସିଛି। ଏହାର ମୁଦ୍ରଣ ମଧ୍ୟ ବନ୍ଦ ହୋଇଯାଇଛି।

## ବିଶ୍ୱବିଦ୍ୟାଳୟ ସ୍ଥାପନ ନହେବା ପର୍ଯ୍ୟନ୍ତ ଜାରି ରହିବ ସଂଗ୍ରାମ
# ବିଦ୍ୟାର୍ଥୀ ବିକାଶ ମଞ୍ଚର ରକ୍ତଦାନ ଶିବିର ଓ ଆଲୋଚନାଚକ୍ର




ଭଦ୍ରକ, (ପିପିଏସ) : ଶହୀଦ୍ ସ୍ମୃତି ଭବନ, ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ବିଦ୍ୟାର୍ଥୀ ବିକାଶ ମଞ୍ଚର ଆଲୋଚନାଚକ୍ର। ନିମନ୍ତ୍ରଣ ସତ୍ତ୍ୱେ ଯୋଗ ଦେଲେନି ୪ ବିଧାୟକ ଓ ସାଂସଦ। ଭଦ୍ରକରେ ଅବିଳମ୍ବେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ହେଉଥିବା ଆଲୋଚନାଚକ୍ରରେ ଜିଲ୍ଲାର ମାନନୀୟା ସାଂସଦ ଓ ସମସ୍ତ ମାନ୍ୟବର ବିଧାୟକମାନଙ୍କୁ ଯୋଗଦେବା ନେଇ ଇ-ମେଲ, ହ୍ୱାଟ୍ସଅପ୍, ଫୋନ୍ ଯୋଗେ କଥା ହୋଇ ବାରମ୍ବାର ନିବେଦନ କରିଥିଲୁ। ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧାମନଗରର ମାନ୍ୟବର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏହି ସଭାରେ ଯୋଗ ଦେଇଥିବା ବେଳେ ଭଦ୍ରକର ମାନନୀୟା ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀର ମାନ୍ୟବର ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲିର ମାନ୍ୟବର ବିଧାୟକ ବ୍ୟୋମକେଶ ରାୟ ଓ ବାସୁଦେବପୁରର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଭଦ୍ରକର ମାନ୍ୟବର ବିଧାୟକ ସଞ୍ଜିବ ମଲ୍ଲିକ ସଭାରେ ଅନୁପସ୍ଥିତ ଥିଲେ। ଯାହାକୁ ନେଇ ଆଲୋଚନାଚକ୍ରରେ ଉପସ୍ଥିତ ଥିବା ଶ୍ରୋତା ଓ ବକ୍ତାମାନେ କ୍ଷୋଭ ପ୍ରକାଶ କରିବା ସହ ଏହି ଆନ୍ଦୋଳନକୁ ଜନଆନ୍ଦୋଳନରେ ପରିଣତ କରିବାକୁ ପ୍ରତିଜ୍ଞା କରିଛନ୍ତି। ଶିକ୍ଷାବିତ୍ ପ୍ରଫେସର ଡଃ ବ୍ରଜମୋହନ ମିଶ୍ର, ଐତିହାସିକ ଭଦ୍ରକ ମହାବିଦ୍ୟାଳୟର ସ୍ୱର୍ଣ୍ଣିମ ଅତୀତକୁ ମନେ ପକାଇ ଖୁବ୍‌ଶୀଘ୍ର ଜିଲ୍ଲାବାସୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସରକାରଙ୍କୁ ନିବେଦନ କରିଥିଲେ। ଏହା ସତ୍ତ୍ୱେ ମଧ ଯଦି ସରକାର ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ ନକରନ୍ତି ତେବେ ପ୍ରଥମେ ଜିଲ୍ଲାବ୍ୟାପୀ ଓ ପରେପରେ ରାଜ୍ୟ ରାଜଧାନୀରେ ଛାତ୍ର ଓ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ସରକାର ଯଦି ନଶୁଣିଲେ, ତେବେ ପୂର୍ବ ସୂଚନା ମୁତାବକ ଆତ୍ମାହୁତି ଦେବା ପାଇଁ ପଛାଇବୁ ନାହିଁ ବୋଲି କହିଥିଲେ। ଡଃ ମିଶ୍ରଙ୍କ ମତାମତକୁ ପୂର୍ଣ୍ଣ ସମର୍ଥନ ଜଣାଇବା ସହିତ ବିଧାନସଭା ଭିତରେ ଓ ବାହାରେ ଆନ୍ଦୋଳନର ସ୍ୱରକୁ ଶାଣିତ କରିବା ସହିତ ନିଜେ ଆତ୍ମାହୁତି ଦେବାକୁ ପଛେଇବେ ନାହିଁ ବୋଲି ଧାମନଗରର ମାନ୍ୟବର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସଭାରେ ସ୍ପଷ୍ଟ କହିଥିଲେ। ଅନ୍ୟତମ ଅତିଥି ଭାବରେ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ବିଶ୍ୱବିଦ୍ୟାଳୟ ପ୍ରସଂଗରେ ନିଜେ ଜାରି ରଖିଥିବା ତଥ୍ୟଭିତ୍ତିକ ଉଦ୍ୟମ ବିଷୟ ଜଣାଇବା ସହ ଏହି ପ୍ରସଙ୍ଗରେ ଜିଲ୍ଲାର ନିର୍ବାଚିତ ପ୍ରତିନିଧିଙ୍କ ଆଚରଣକୁ ନେଇ କ୍ଷୁବ୍ଧ ହୋଇଥିଲେ। ଡଃ ରାଧାରାଣୀ ମହାପାତ୍ର ନିଜ ବକ୍ତବ୍ୟରେ ବିଦ୍ୟାର୍ଥୀ ବିକାଶ ମଞ୍ଚ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନହେବା ଯାଏ ସଂଗ୍ରାମ ଜାରି ରହିବ ବୋଲି କହିଥିଲେ। ମଞ୍ଚର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡଃ ଦେବେନ୍ଦ୍ରନାଥ ରାଉତ ସଭାରେ ଅଧ୍ୟକ୍ଷତା କରିବା ସହ ଅନୁପସ୍ଥିତ ଥିବା ନିର୍ବାଚିତ ପ୍ରତିନିଧି ଓ ସରକାରଙ୍କୁ ଈଶ୍ୱର ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ପ୍ରକାଶ କରିଥିଲେ। ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ଗୁରୁଜୀ ଗୌତମ ମହାରଣା ମଞ୍ଚ ଆମନ୍ତ୍ରଣ, ରୋଟାରିଆନ୍ ଅଭିଜିତ୍ ନାୟକ ଅତିଥି ପରିଚୟ ଓ ସମ୍ପାଦକ ସୁଦାମ ଭୁଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ପୂର୍ବତନ ବିଧାୟକ ନରେନ ପଲେଇ, ଡାକ୍ତର ରବୀନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ ସଂଗ୍ରାମ୍ କେଶରୀ ମହାନ୍ତି, ଡାକ୍ତର ହରେକୃଷ୍ଣ ନାୟକ, ଅଧିବକ୍ତା ଗିରିଧାରୀ ନାଥ, ସୁଧାକର ରାଉତ, ଶାନ୍ତନୁ ରାଉତ, ବିପ୍ଲବ ହୋତା, ନଳିନୀ ମହାନ୍ତି, ଜ୍ୟୋତି ପ୍ରକାଶ ମହାନ୍ତି ଓ ଅନ୍ୟବକ୍ତାମାନେ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ କରିବା ସହିତ ଏ ପ୍ରସଂଗରେ ଲକ୍ଷ୍ୟପ୍ରାପ୍ତି ପର୍ଯ୍ୟନ୍ତ ନିରନ୍ତର ଉଦ୍ୟମ ଜାରି ରଖିବା ପାଇଁ ଗଠନ ମୂଳକ ମତାମତ ଦେଇଥିଲେ। ସକାଳ ସମୟରେ ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବାର୍ତ୍ତା ଥିଲା ରକ୍ତ ଦେବା, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଶପଥ ନେବା। ଏହି ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରାଯିବା ସହ ଅତିଥି ଭାବରେ ଡାକ୍ତର ହରେକୃଷ୍ଣ ନାୟକ, ଡଃ ରାଧାରାଣୀ ମହାପାତ୍ର, ସଂଗ୍ରାମ କେଶରୀ ମହାନ୍ତି, ଅକ୍ଷୟ କୁମାର ଜେନା, ସୁରେନ୍ଦ୍ର ପ୍ରସାଦ ଦାସ, ଅଭିଜିତ୍ ନାୟକ, ନିହାର ରଂଜନ କର, ଅତୁଲ ଦେ, ଗୀତାରାଣୀ ଆଇଚ, ରାମଚନ୍ଦ୍ର ବେହେରା, ସୁଧାକର ରାଉତ, ଗୌତମ ମହାରଣା, ପବନ ଶର୍ମା, ସାମ୍ବାଦିକ ହରିହର ନାୟକ, ତପନ ମିଶ୍ର, ନରେନ୍ଦ୍ର ସାମଲ, ସନାତନ ରାଉତ, ଭଦ୍ରକ ପୌରାଧକ୍ଷା ଗୁଲମକ୍କୀ ହବିବି, ଶୁଭେନ୍ଦୁ ରାୟ ମହାପାତ୍ର, ନଳିନୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚର ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସୁଦାମ ଭୁଇଁ, ସୁଧାଂଶୁ ଶେଖର ପଣ୍ଡା, ପୁରୁଷୋତ୍ତମ ଆର୍ଯ୍ୟ, ବାବା ଯଦୁମଣି ଦାସ, ବିଶ୍ୱନାଥ ରାଉତ, ବିକାଶ ନାୟକ, ଧର୍ମେନ୍ଦ୍ର ବିଶ୍ୱାଳ, ବରଜୁ ବାଗେ, ମନୋଜ ସାହୁ, ମମତା ବିଶ୍ୱାଳ, ମନୀଷା ବିଶ୍ୱାଳ, ମଧୁସ୍ମିତା ବିଶ୍ୱାଳ, ମୀନାରାଣୀ ବିଶ୍ୱାଳ ଓ ଅନ୍ୟ ୩୦ରୁ ଉର୍ଦ୍ଧ୍ୱ ତ୍ୟାଗୀ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତୁଳସୀପଲ୍ଲୀ ନୂଆଗାଁରେ ପାନୀୟ ଜଳ ସଙ୍କଟ

ଗଞ୍ଜାମ, (ପିପିଏସ) : ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିକଟସ୍ଥ ତୁଳସୀପଲ୍ଲୀ ନୂଆଗାଁରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି। ମହିଳା ମାନେ ୩ କି.ମି. ଚାଲି ଚାଲି ଯାଇ ପାନୀୟ ଜଳ ସଂଗ୍ରହ କରୁଛନ୍ତି । ଏଣୁ ଅଂଚଳବାସୀଙ୍କ ମଧ୍ୟରେ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏଠାରେ ପାନୀୟ ଜଳ ବ୍ୟବସ୍ଥା କରାନଗଲେ ଆନ୍ଦୋଳନକୁ ଜୋରଦାର୍ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହିଭଳି ଗଞ୍ଜାମ ଜିଲ୍ଲାର ଅନେକ ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଛି । ଏଣେ ଗଞ୍ଜାମ ଜିଲ୍ଲାକୁ ଚତୁର୍ଥ ଜାତୀୟ ଜଳ ପୁରସ୍କାର -୨୦୨୨ର ଶ୍ରେଷ୍ଠ ଜିଲ୍ଲାର ମାନ୍ୟତା ମିଳିଥିବା ହାସ୍ୟାସ୍ପଦ ଘଟଣା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ମାଟ୍ରିକ ଟପ୍ପର ମାନଙ୍କୁ ସମ୍ବର୍ଦ୍ଧିତ କଲେ ପୂର୍ବତନ ବିଧାୟକ ଅନୁଭବ



ଖଣ୍ଡପଡା, (ପିପିଏସ୍) : ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ଖଣ୍ଡପଡାର ପୂର୍ବତନ ବିଧାୟକ ତଥା ଇଟି ଆଣ୍ଡ ଆଇଟିର ପରାମର୍ଶଦାତା ଅନୁଭବ ପଟ୍ଟନାୟକ ରବିବାର ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ରବିବାର ପୂର୍ବାହ୍ନରେ ଖଣ୍ଡପଡା ସହରାଚଂଳ ମଣିକର୍ଣ୍ଣିକା ସାହିର ଛାତ୍ରୀ ୫୬୭ ନମ୍ବର ରଖିଥିବା ପୁନର୍ନବା ମହାପାତ୍ର, ଖଣ୍ଡପଡା ବ୍ଲକ ଅଧିନ ମର୍ଦ୍ଦରାଜପୁରର ୫୬୪ ନମ୍ବର ରଖିଥିବା ଛାତ୍ର ଆଶୁତୋଷ ରାଉତ ଏବଂ ଭାପୁର ବ୍ଲକ ବିଜିପୁରର ୫୫୯ ନମ୍ବର ରଖିଥିବା ଛାତ୍ରୀ ସ୍ମୃତି ସରିତା ମହାପାତ୍ରଙ୍କୁ ଭେଟି ସେମାନଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଅପରପକ୍ଷରେ ଶ୍ରୀ ପଟ୍ଟନାୟକ ଭାପୁର ବ୍ଲକ ବାଇଗୁଣିଆ ଗ୍ରାମର ଓଇଏସ ପରୀକ୍ଷାରେ ସଫଳତା ପ୍ରାପ୍ତି କରିଥିବା ପିଂଟୁ ପ୍ରଧାନଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧିତ କରିଥିବା ଜଣାଯାଇଛି।

# ରାମାନନ୍ଦ ମହାପାତ୍ରଙ୍କ ସ୍ମୃତିରେ ଶ୍ରୀରାମ ମହାଯଜ୍ଞ ସମିତିର ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲ୍ଲାର ବରିଷ୍ଠ ଆଇନଜୀବୀ, ନାଟ୍ୟ ନିର୍ଦ୍ଦେଶକ, ଭଦ୍ରକ ଜିଲ୍ଲାର ବିଜେପି ଦଳର ପ୍ରଥମ ସଭାପତି, ବିଶିଷ୍ଟ କଳାକାର ଏବଂ ସର୍ବୋପରି ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ କମିଟି 'ଶ୍ରୀରାମ ମହାଯଜ୍ଞ ସମିତି'ର ପ୍ରତିଷ୍ଠାତା ସଦସ୍ୟ ତଥା ସଭାପତି ରାଏ ରାମାନନ୍ଦ ମହାପାତ୍ରଙ୍କ ଅକାଳ ବିୟୋଗରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ସହରର ଏକ କଲ୍ୟାଣ ମଣ୍ଡପ ପରିସରରେ ସମିତିର ସମ୍ପାଦକ ଶରତ ପଢ଼ିଆରୀଙ୍କ ସଂଯୋଜନାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ୧୯୯୧ ମସିହାରୁ ହୋଇ ଆସୁଥିବା ଭଦ୍ରକର ଶ୍ରୀରାମ ନବମୀ ଆଜି ଗଣପର୍ବରେ ପରିଣତ ହୋଇଛି। ଆରମ୍ଭରୁ ଘର ଘର ବୁଲି ଜିଲ୍ଲା ତମାମ ପ୍ରବାସ କରି, ଅନେକ ସମୟରେ ପ୍ରଶାସନ ସରକାରଙ୍କ ସହ ଲଢ଼େଇ କରି, ନ୍ୟାୟାଳୟ ପର୍ଯ୍ୟନ୍ତ ରାମ ନବମୀକୁ ନେବା ପର୍ଯ୍ୟନ୍ତ କ୍ଷେତ୍ରରେ ସ୍ୱର୍ଗତ ମହାପାତ୍ରଙ୍କ ଅବଦାନ ସର୍ବଦା ମନେ ରହିବ ବୋଲି ମଞ୍ଚାସୀନ ଅତିଥି ସମିତିର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ମନ୍ତ୍ରୀ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସଂଯୋଜକ ଗୋବିନ୍ଦ ରାଉତ, ବରିଷ୍ଠ ସଦସ୍ୟ ଦୀନବନ୍ଧୁ ପତି ପ୍ରମୁଖ ନିଜ ନିଜର ସ୍ମୃତି ଚାରଣରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ସ୍ୱର୍ଗତ ମହାପାତ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଶ୍ରୀରାମ ମହାଯଜ୍ଞ ସମିତିର ପୂର୍ବତନ ସମ୍ପାଦକ ଆଇନଜୀବୀ ଦୁର୍ଗା ରାୟ ମହାପାତ୍ର, ସୂର୍ଯ୍ୟକାନ୍ତ ମହାନ୍ତି, ବରିଷ୍ଠ ଉପଦେଷ୍ଟା ଅଭିମନ୍ୟୁ ସେଠୀ, ବରିଷ୍ଠ ଆଇନଜୀବୀ ସନ୍ତୋଷ ଦାସ, ଅନ୍ୟତମ ଉପଦେଷ୍ଟା ହେମନ୍ତ ପାଢ଼ୀ, ଗୋପାଳ ମୈକାପ, କଂଗ୍ରେସ ନେତା ନଳିନୀ ମହାନ୍ତି, ଓକିଲ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ନାଟ୍ୟଶ୍ରୀ ନିର୍ମଳ ରାଉତ, ସାମ୍ବାଦିକ ଜ୍ଞାନ ପାଣି, ସମିତିର ଉପ ସଭାପତି ଅମ୍ବିକା ଦାସ, ଜଗନ୍ନାଥ ଦାଶ, ରଘୁନାଥ ସାହୁ, ମନସ୍ମିତା ଖୁଣ୍ଟିଆ, ବିପ୍ଳବ ହୋତା, ସଞ୍ଜୀବ ଦାସ ପ୍ରମୁଖ ସ୍ମୃତି ଚାରଣ କରିଥିବା ବେଳେ ସମିତିର କୋଷାଧକ୍ଷ ନିରଞ୍ଜନ ସାହୁ, ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ଭଗବାନ ପଣ୍ଡା, ସ୍ୱାଧୀନ ସୁନ୍ଦର ଦାସ, ପ୍ରେମାନନ୍ଦ ବେହେରା, ଶିବ ଶଙ୍କର ଦାସ, ତୁଷାର ଦାସ, ସନ୍ତୋଷ ସାହୁ, ବସନ୍ତ ରାଉତ, କଳ୍ପନା ଜେନା, ରମିତା ପାଢ଼ୀ, ନବନିତା ନାୟକ, ଜ୍ୟୋତି ପ୍ରକାଶ ସାହୁ, ପ୍ରଶାନ୍ତ ସିଂ, ବିଶ୍ୱନାଥ ଲାହା, ସରୋଜ ରାଉତ, ମିଳନ ବଳ, ହୃଷିକେଶ ନାଥ, ରାହୁଲ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ମଞ୍ଚରେ ସ୍ୱର୍ଗତ ମହାପାତ୍ରଙ୍କ କନିଷ୍ଠ ପୁତ୍ର ଟୁବୁଲା ମହାପାତ୍ର ଉପସ୍ଥିତ ରହିଥିଲେ।

## ଜିଲ୍ଲା ଅମଲା ମଂଚ କର୍ମଚାରୀଙ୍କ କଳା ବ୍ୟାଚ ପରିଧାନ

କେନ୍ଦ୍ରାପଡା , (ହି.ସ.) : ରାଜ୍ୟ ଅମଲା ମଂଚର ନିଷ୍ପତି ଅନୁଯାଇ କେନ୍ଦ୍ରାପଡା ଜିଲ୍ଲା ଶାଖାର ଅମଲା ମଂଚ ତରଫରୁ କଳା ବ୍ୟାଚ ପରିଧାନ କରିଥିବା ଜଣାପଡିଛି । ଅମଲା ମାନଙ୍କର ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ଏବଂ କାର୍ଯ୍ୟ ଦକ୍ଷତା ଭିତିରେ ବେତନ ସମୀକରଣ କରି ଦରମା ହାର ଲେବୁଲ ୪ ରୁ ଲେବୁଲ ୯କୁ ବୃଦ୍ଧି କରିବା ପାଇଁ ବାରମ୍ବାର ଦାବି ଉପସ୍ଥାପନ ସତ୍ୱେ ରାଜ୍ୟ ସରକାରଙ୍କ କ୍ରମାଗତ ଉଦାସୀନତା ପ୍ରତିବାଦରେ ବାଧ ହୋଇ କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ମିଳିତ ମଂଚର ସମସ୍ତ ସଦସ୍ୟ ଆଜି (୨୨/୦୫) ଠାରୁ ଆସନ୍ତା ୩୧/୦୫ ପର୍ଯ୍ୟନ୍ତ କଳା ବ୍ୟାଚ ପରିଦାନ କରିବେ । ସରକାର ଧାର୍ଯ୍ୟ ସମୟ ସୀମା ଭିତରେ ଅମଲା ମାନଙ୍କର ଦାବି ପୁରଣ ଦିଗରେ ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଆସନ୍ତା ଜୁନ୍ ୧ ତାରିଖ ଠାରୁ ସମସ୍ତ ବିଭାଗର ଅମଲା ସାମୁହିକ ଭାବେ ସମୂହ ଛୁଟିରେ ରହିବେ । ଏହି ସମୟରେ ଜନ ସାଧାରଣଙ୍କ କାର୍ଯ୍ୟରେ ଉପୁଜିଥିବା ବାଧା ନିମିତ ସରକାର ଦାୟୀ ରହିବେ । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅଧିର କୁମାର ସାହୁ, ଆବାହକ ଦିବାକର ମହାନ୍ତି, ଉପାଧ୍ୟକ୍ଷ ସୁଦର୍ଶନ ବେହେରା, ସୁଶାନ୍ତ ବଳ, ଅବିନାଶ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ ।

## ହରିହାଟ ମେଳା କମିଟିର କୋଷାଧକ୍ଷଙ୍କ ବିୟୋଗରେ ଶୋକସଭା

କୋରେଇ, (ହି.ସ.) : କରଦା ହରିହାଟ ମେଳା କମିଟିର କୋଷାଧକ୍ଷ ତଥା ରଣପାଳ ୟୁଜିଏମଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ବିମ୍ବାଧର ବେହେରାଙ୍କ ବିୟୋଗରେ କରଦା ଗାନ୍ଧୀ ପୀଠ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କରଦା ପଂଚାୟତର ପୂର୍ବତନ ସରପଂଚ ଗଣେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ ମେଳା କମିଟିର ସଦସ୍ୟ ମାନଙ୍କ ସହିତ ସ୍ଥାନୀୟ ଅଂଚଳର ବହୁ ବ୍ୟକ୍ତି ତଥା ଛାତ୍ର ମାନେ ଯୋଗ ଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ବେହେରାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।
ଏହି ସଭାରେ ମେଳା କମିଟିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ,ପ୍ରସନ୍ନ ବେହେରା,ସୁଶୀଲ ବେହେରା, ପ୍ରଶାନ୍ତ ମହାପାତ୍ର, ହରିହର ସାହୁ , ରତ୍ନାକର ସାହୁ, ନବଘନ ପଣ୍ଡା, ଦୀପକ ବେହେରା, ତାରିଣୀ କୁମାର ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ଶ୍ରୀଧର ସାହୁ, ଦଶରଥ ବେହେରା, ଅର୍ଜୁନ ସାହୁ, କୁଳମଣୀ ସାହୁ, ସାବିତ୍ରୀ ସାହୁ, ଅଭିରାମ ମଲ୍ଲିକ, କାର୍ତିକ ମଲ୍ଲିକ, ସୁରେନ୍ଦ୍ର ପାଣିଗ୍ରାହୀ, ପଦ୍ମାକର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

## ଏକକାଳୀନ ୩ ବିଷାକ୍ତ ସାପ ସହ ୨୫ରୁ ଉର୍ଦ୍ଧ୍ୱ ଅଣ୍ଡା ଉଦ୍ଧାର

କୋରେଇ, (ହି.ସ.) : ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅର୍ନ୍ତଗତ ପଥରପଦା ପଂଚାୟତ ଅନ୍ତର୍ଗତ ମହମ୍ମଦ ଜମାଲପୁର (ଅଢେଇବାଟିଆ) ଗ୍ରାମରୁ ଗୋଟିଏ ସ୍ଥାନରୁ ୩ଟି ବିଷାକ୍ତ ସାପ ସହ ୨୫ରୁ ଉର୍ଦ୍ଧ୍ୱ ଅଣ୍ଡା ଉଦ୍ଧାର କରାଯାଇଛି। ପ୍ରକାଶ ଯେ, ଅଢେଇବାଟିଆ ଗ୍ରାମର ଗୋକୁଳାନନ୍ଦ ସାହୁ ଆଜି ତାଙ୍କ ବାଟି ପଛପଟେ ପାଚେରୀ ନିର୍ମାଣ କରିବାକୁ ଯାଉଥିବା ବେଳେ ସେଠାରେ ଗଚ୍ଛିତ ଇଟା ମଧ୍ୟରୁ ସାପ ଗର୍ଜ୍ଜନ ଶୁଣି ଶ୍ରମିକ ମାନେ ଭୟଭୀତ ହୋଇ ଗୋକୁଳାନନ୍ଦକୁ ଖବର ଦେଇଥିଲେ । ସେ ସେଠାରେ ପହଂଚି ଇଟା ମଧ୍ୟରେ ସାପ ଥିବା ଜାଣି କାମ ବନ୍ଦ କରି ପାଣିକୋଇଲି ଥାନାକୁ ଖବର ଦେଇଥିଲେ । ଖବର ପାଇ କନେଷ୍ଟବଳ ମନମୋହନ ବାରିକ ଘଟଣାସ୍ଥଳରେ ପହଂଚିଥିଲେ । ସେଠାରେ ପହଂଚି ଦେଖିବା ବେଳକୁ ୨୫ରୁ ଉର୍ଦ୍ଧ୍ୱ ସାପ ଅଣ୍ଡା ଦେଖିବାକୁ ପାଇଥିଲେ । ଫଳରେ ସେ ଏକାଧିକ ସାପ ଥିବାର ଆଶଙ୍କା କରିଥିଲେ । ଅଣ୍ଡା ଗୁଡିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପରେ ସାପ ଧରିଥିଲେ । ସେଠାରୁ ଏକକାଳୀନ ୩ଟି ବଡ ୫ ଫୁଟରୁ ଉର୍ଦ୍ଧ୍ୱ ସାପ ଧରାଯାଇଥିଲା ।

## ୧୦ ଦଫା ଦାବି ନେଇ ୩୦ରେ ଧାରଣା ଦେବେ ନିର୍ମାଣ ଶ୍ରମିକ

କେନ୍ଦ୍ରାପଡା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ସଂଘର ୧୦ ଦଫା ଦାବି ପୁରଣ କରା ନଗଲେ ଆସନ୍ତା ୩୦ ତାରିଖରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ଧାରଣା ଦିଆଯିବ । ଏନେଇ ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି । ଏହା ସହ ଏହି ଦାବିର ନକଲ ମ୍ୟାବର ମୁଖ୍ୟମନ୍ତ୍ରୀ, ୫ଟି ସଚିବ, ଶ୍ରମ ଆଯୁକ୍ତ, ଶ୍ରମ ସଚିବ ତଥା ସମସ୍ତ ଲୋକ ପ୍ରତିନିଧି ମାନଙ୍କୁ ସୂଚନା ଦିଆ ଯାଇଛି । ଏନେଇ ସଂପାଦକ ଅଶୋକ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

## କେନାଲ ନବୀକରଣ ନାମରେ ରାସ୍ତା ଉପରେ ମାଟି, ଦୈନିକ ଘଟୁଛି ଦୁର୍ଘଟଣା

କେନ୍ଦ୍ରାପଡା, (ହି.ସ.) : କେନ୍ଦ୍ରାପଡା ସହର ଭିତରେ ଥିବା ଗୋବରୀ କେନାଲର ନବୀକରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ କାମ ନେଇଥିବା ଠିକାଦାର ର ମନମୁଖୀ କାର୍ଯ୍ୟପାଇଁ ଦୈନିକ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । କେନାଲର ଫକିରାବାଦ ପୋଲ ଠାରୁ କେନ୍ଦ୍ରାପଡା ବ୍ଲକ ପର୍ଯ୍ୟନ୍ତ କେନାଲ ବନ୍ଧର ରାସ୍ତା ବିପଦ ଶଙ୍କୁଳ ହୋଇ ପଡିଛି । କେନାଲରୁ ଜେସିବି ଦ୍ୱାରା ମାଟି ଉଠାଯାଇ ରାସ୍ତା କଡରେ ଜମା କରାଯାଉ ଥିବା ଓ ଏହାକୁ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ସ୍ଥାନାନ୍ତର କରାଉ ଥିବା ବେଳେ ମାଟି ଗୁଡିକ ରାସ୍ତା ଉପରେ ପଡି ରହୁଛି । ସାମାନ୍ୟ ବର୍ଷାରେ ଏହି ଚିକିଟା ମାଟି ପଥଚାରୀ ଓ ଦୁଇ ଚକିଆ, ଚାରି ଚକିଆ ଗାଡି ପାଇଁ ଅତ୍ୟନ୍ତ ବିପଦ ସୃଷ୍ଟି କରୁଥିବା ଓ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ମାଟି ରାସ୍ତାଯାକ ବିଛାଡି ହୋଇ କାଦୁଅ ହୋଇ ଥିବାରୁ ପଥଚାରୀ ଓ ବୟସ୍କ ନାଗରିକ ମାନେ ରାସ୍ତା ଉପରେ ପଡି ଖଣ୍ଡିଆ ଖାବରା ହେଉଛନ୍ତି । ତୁରନ୍ତ ରାସ୍ତା ସଫା କରି ମାଟି କାଦୁଅ ରାସ୍ତା ଉପରୁ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି

## ଚାଷୀମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ବିହୀନ ଋଣ ପ୍ରଦାନ ପାଇଁ କର୍ମଶାଳା

କେନ୍ଦ୍ରାପଡା, (ହି.ସ.) : ରାଜ୍ୟ ସମବାୟ ବିଭାଗ ତରଫରୁ ପଞ୍ଜିକରଣ ଥିବା ଚାଷୀ ମାନଙ୍କୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ବିହିନ ଋଣ ପ୍ରଦାନ କରିବା ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି (ପ୍ରଶିକ୍ଷଣ) ଲୋକନାଥ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଦିନିକିଆ କର୍ମଶାଳାରେ ସମବାୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ମାନ୍ୟବର ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ କୋ-ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ତଥା ରେଜିଷ୍ଟାର ଓଡିଶା ସମବାୟ ସମିତିର ଉଦ୍ଧବ ଚନ୍ଦ୍ର ମାଝି, ରାଜ୍ୟ କୋ-ଅପରେଟିଭ ବ୍ୟାଙ୍କର ସଭାପତି ଟିକେ ଦୋରା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଭାତ କାନୁନଗୋଙ୍କ ସମେତ ସଂପାଦକ ପ୍ରମୁଖ ଯୋଗ ଦେଇ କେନ୍ଦ୍ରାପଡା ଜିଲ୍ଲାର ୪ଟି ବ୍ଲକ ତଥା ମାର୍ଶାଘାଇ, ମହାକାଳପଡା, କେନ୍ଦ୍ରାପଡା, ଗରଦପୁର ଅଂଚଳରେ ଥିବା କୃଷି ସମବାୟ ସମିତିର ପଞ୍ଜିକରଣ କରିଥିବା ଚାଷୀ ମାନଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ବିହିନ ଋଣ ପ୍ରଦାନ କରିବା, ସମସ୍ତ ସମବାୟ ସମିତିର ଭିତିଭୂମିକୁ ସୁଦୃଢ କରିବା, ସମିତିର ନିଜସ୍ୱ ଗୋଦାମ ଗୃହ କରିବା, କୃଷି ସମବାୟ ସମିତିର ସଂପାଦକ ମାନଙ୍କୁ କ୍ୟାଡର ଭୁକ୍ତ କରିବା, ସମସ୍ତ ଶାଖା ଗୁଡିକ କମ୍ପ୍ୟୁଟର କରଣ କରିବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା । ଏହି କର୍ମଶାଳାରେ କେନ୍ଦ୍ରାପଡା କୃଷି ସମବାୟ ସମିତିର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, ଅକ୍ଷୟ ପାଣି, ଦୁର୍ଗାଶିଷ ମହାନ୍ତି, ସଂପାଦକ ସେକ ସକିଲ ଅହେମ୍ମଦ, ହେମନ୍ତ ପାତ୍ର, ବୈରାଗୀ ସାହୁ, ଶ୍ରୀହର୍ଷ ମହାନ୍ତି, ପ୍ରଭଞ୍ଜନ ସାହୁ, ସୁବୋଧ ଲେଙ୍କା, କାଳନ୍ଦୀ ବିଶ୍ୱାଳ, ବିଜୟ କୁମାର ବାରିକ, ସମସ୍ତ ସଭାପତି, ସଂପାଦକ ଏବଂ ଡାଟାଏଣ୍ଟ୍ରି ଅପରେଟର ପ୍ରମୁଖ ଉପସ୍ଥିତ ଥିଲେ ।

## ନାବାଳିକା ଦୁଷ୍କର୍ମ ମାମଲାରେ ଜେଲ ଗଲା ବୃଦ୍ଧ

କେନ୍ଦ୍ରାପଡା, (ହି.ସ.) : କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଠାକୁରପାଟଣା ଅଂଚଳର ଜଣେ ବୟସ୍କ ବ୍ୟକ୍ତିଙ୍କୁ ପୋଲିସ ନାବାଳିକା ଦୁଷ୍କର୍ମ ମାମଲାରେ ୩୯ ୨/୨୩ ରେ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଅଭିଯୋଗ ମୁତାବକ ଠାକୁରପାଟଣା ଅଂଚଳର ପ୍ରହଲ୍ଲାଦ ବେହେରା(୬୨) କିଛିଦିନ ହେବ ଜେ ନାବାଳିକା କୁ ପ୍ରଲୋଭନ ଦେଖାଇ ନିଜ ଗୁହାଳ ଘରକୁ ଡାକିନେଇ ଦୁଷ୍କର୍ମ ଉଦ୍ୟମ କରିବା ସହ ଘଟଣା ପ୍ରକାଶ କଲେ ଜୀବନରେ ମାରି ଦେବାକୁ ଧମକ ଚମକ ଦେଇଥିଲା । ଭୟଭୀତ ନାବାଳିକା ଜଣକ ଘରେ ଏକଥା ପ୍ରକାଶ କରିବା ପରେ ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ କରାଯାଇଛି ।

## ଅତିରିକ୍ତ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲାରେ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ନିଲୁ ମହାପାତ୍ରଙ୍କୁ କେନ୍ଦ୍ରାପଡା ତହସିଲ ଓ ମାର୍ଶାଘାଇ ତହସିଲର ସୁପରଭାଇଜର ମାନେ ସୋମବାର ଶ୍ରୀ ମହାପାତ୍ରଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହି ସମ୍ବର୍ଦ୍ଧନାରେ ସଭାପତି ସୁକାନ୍ତ କୁମାର ମଲିକ, ଜାନକୀ ବଲ୍ଲଭ ପଣ୍ଡା, ନଳିନୀକାନ୍ତ ପୃଷ୍ଟି, ସ୍ମୃତି ରଞ୍ଜନ ନାୟକ, ଜିତେନ୍ଦ୍ର ବିଶ୍ୱାଳ, ନରହରି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂଗଠନ ସମ୍ଭାଳିବେ କି ପ୍ରସନ୍ନ...

ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ଏବେ ବିଭିନ୍ନ ଜିଲ୍ଲା ଗସ୍ତ ସହ ରାତି ରହଣୀ ମାଧ୍ୟମରେ ସାଧାରଣ ଲୋକଙ୍କ ସହ ସିଧାସଳଖ ଯୋଗସୂତ୍ର ରକ୍ଷା କରୁଛନ୍ତି । ତା'ଛଡ଼ା ବିଜେଡିର ବିଭିନ୍ନ ବର୍ଗର ନେତାମାନେ ଏବେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜର ଆପତ୍ତି-ଅଭିଯୋଗକୁ ପହଂଚାଇବା ନିମନ୍ତେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ଯେକୌଣସି ସମୟରେ ଭେଟିବାର ସୁଯୋଗ ରହିଛି । ଆଉ ଏସବୁ ମାଧ୍ୟମରେ ଦଳର କର୍ମୀ ଓ ନେତାମାନଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷ ସମ୍ପର୍କରେ ବିସ୍ତୃତ ତଥ୍ୟ ବିଜେଡି ନେତୃତ୍ୱଙ୍କ ହସ୍ତଗତ ହୋଇଛି । ତା'ଛଡ଼ା ଝାରସୁଗୁଡ଼ା ଉପନିର୍ବାଚନ ପରିଚାଳନାବେଳେ ବର୍ତ୍ତମାନର ତଥାକଥିତ ପ୍ରଭାବଶାଳୀ ଗୋଷ୍ଠୀର ଷଡ଼ଯନ୍ତ୍ର(ନିର୍ବାଚନୀ ଖର୍ଚ୍ଚର ଆଳ ଦେଖାଇ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭାରୁ ପ୍ରାର୍ଥୀ ଦୀପାଳିଙ୍କୁ ଦୂରେଇ ରଖିବା) ସମ୍ପର୍କରେ ମଧ ଆବଶ୍ୟକ ତଥ୍ୟ ବିଜେଡି ସୁପ୍ରିମୋଙ୍କୁ କ୍ଷୁବ୍ଧ କରିଥିଲା ।

ଯେଉଁଥିପାଇଁ ବିଜେଡି ସୁପ୍ରିମୋ ଏବେ ପଶ୍ଚିମଓଡ଼ିଶାରେ ଦଳୀୟ ସଂଗଠନକୁ ଅଧିକ ସକ୍ରିୟ କରିବା ନିମନ୍ତେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଆଗକୁ ଆଣିବାକୁ ଯୋଜନା କରୁଥିବା ଜଣାପଡ଼ିଛି । ପ୍ରସନ୍ନଙ୍କ ଦୀର୍ଘବର୍ଷର ଅଭିଜ୍ଞତା, ଭଦ୍ର ଓ ନମ୍ର ଆଚରଣ ଯୋଗୁ ତାଙ୍କର ଗ୍ରହଣୀୟତା ଦଳର ସବୁ ବର୍ଗର ନେତାମାନଙ୍କ ମଧ୍ୟରେ ରହିଛି । ତେଣୁ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରସନ୍ନଙ୍କୁ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ଦାୟିତ୍ୱ ଦେଇ ପଶ୍ଚିମଓଡ଼ିଶାରେ ସୁଶାନ୍ତଙ୍କ ପ୍ରଭାବ ଓ ଗୋଷ୍ଠୀବାଦକୁ ହ୍ରାସ କରିବାକୁ ଦଳ ଯୋଜନା କରିଛି । ୨୦୧୯ ସାଧାରଣ ନିର୍ବାଚନରେ ପଶ୍ଚିମଓଡ଼ିଶାର ୩୬ଟି ବିଧାନସଭା ଆସନ ମଧ୍ୟରୁ ମାତ୍ର ୨୩ଟି(୩ଟି ଉପନିର୍ବାଚନକୁ ମିଶାଇ) ଆସନ ବିଜେଡି ପାଖରେ ରହିଥିଲେ ମଧ ସମସ୍ତ ଲୋକସଭା ଆସନ ବିଜେପି ପାଖରେ ରହିଛି । ତେଣୁ ସୁଶାନ୍ତଙ୍କ ପ୍ରଭାବ ରହିଲେ ଦଳ ଭିତରେ ବଢୁଥିବା ଅସନ୍ତୋଷ ବିଜେଡିର ଏହି ବିଧାୟକ ସଂଖ୍ୟାକୁ ଆହୁରି ହ୍ରାସ କରିବାର ଆଶଙ୍କା ରହିଛି । ତା'ଛଡ଼ା ରାଜା ଖାନ୍ ସହ ସମ୍ପର୍କ, ନବ ଦାସ ହତ୍ୟା ମାମଲା ଆଦିରେ ସୁଶାନ୍ତଙ୍କ ବିବାଦୀୟ ଭୂମିକାକୁ ନେଇ ବିରୋଧୀ ଦଳ ଅଭିଯୋଗ କରୁଥିବାରୁ ବିଜେଡି ନେତୃତ୍ୱ ତାଙ୍କୁ ବିଶେଷ ଗୁରୁତ୍ୱ ଦେବାକୁ ଚାହୁଁନଥିବା ଜଣାପଡ଼ିଛି । ମମିତା ମେହେର ହତ୍ୟା ଓ ଗୋବିନ୍ଦ ସାହୁ ଆତ୍ମହତ୍ୟା ମାମଲାରେ ଦିବ୍ୟଶଙ୍କର ମିଶ୍ର ବିବାଦରେ ରହିଛନ୍ତି । ସେ ନିଜ ନିର୍ବାଚନମଣ୍ଡଳୀ ଜୁନାଗଡ଼ ଛାଡ଼ି ନର୍ଲା ବିଧାନସଭା ଆସନ ଉପରେ ଆଖି ପକାଇ ସେଠାରେ ନିଜ ପାଇଁ ମାର୍ଗ ପ୍ରଶସ୍ତ କରୁଛନ୍ତି । ଶ୍ରୀ ମିଶ୍ର ବିଜେଡି ସଂଗଠନ ସମ୍ପାଦକ ଶ୍ରୀ ଦାସଙ୍କ ଖାସ୍ ଅନୁଗତ ହୋଇଥିବାରୁ କଳାହାଣ୍ଡି ଜିଲ୍ଲାରେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସେହିଭଳି ଝାରସୁଗୁଡ଼ା ଜିଲ୍ଲାରେ ନବଙ୍କ ଖଣି ପରିବହନ ବ୍ୟବସାୟିକ ସାମ୍ରାଜ୍ୟ ଉପରେ ବିଜେଡିର ଗୋଟିଏ ପ୍ରଭାବଶାଳୀ ଗୋଷ୍ଠୀ ନଜର ପକାଇଛି । ଏସବୁ କାରଣକୁ ଦୃଷ୍ଟିରେ ରଖି ପ୍ରସନ୍ନଙ୍କୁ ଆଗକୁ ଆଣି ଦଳର ପ୍ରମୁଖ ଦାୟିତ୍ୱ ବିଶେଷକରି ପଶ୍ଚିମଓଡ଼ିଶାର ସଂଗଠନ ଦାୟିତ୍ୱ ଦେବାକୁ ଆପାତତଃ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି । ସଂଗଠନ ସମ୍ପାଦକ ଶ୍ରୀ ଦାସଙ୍କୁ ସମ୍ବଲପୁର ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଥିଲେ ମଧ ସେ ଏପର୍ଯ୍ୟନ୍ତ ଗୋଟିଏଥର ସେଠାରେ ଦଳର ସାଂଗଠନିକ କାର୍ଯ୍ୟର ସମୀକ୍ଷା ବି କରିନଥିବା ଏବଂ ବିଭିନ୍ନ ଜିଲ୍ଲାରେ ଥିବା ନିଜର ଖାସ୍ ଅନୁଗତମାନଙ୍କୁ ପ୍ରୋତ୍ସାହିତ କରୁଥିବାରୁ ଦଳରେ ଗୋଷ୍ଠୀବାଦ ବଢୁଥିବା, ଶ୍ରୀ ଦାସଙ୍କ ଦଳୀୟ ନେତାମାନଙ୍କ ପ୍ରତି କ୍ରମାଗତ ଭାବେ ବଢୁଥିବା ଶାଳୀନତାବିହୀନ ଆଚରଣ ଓ ଉଚ୍ଚାରଣ ଆଦି ଖବରକୁ ନେଇ ବିଜେଡି ସୁପ୍ରିମୋ କ୍ଷୁବ୍ଧ ହୋଇଛନ୍ତି । ଏସବୁ କାରଣ ପାଇଁ ବିଜେଡି ସୁପ୍ରିମୋ ଏବେ ପ୍ରଣବଙ୍କ ପତିଆରା ଉପରେ ଲଗାମ୍ ଦେଇ ଦଳରେ ସମନ୍ୱୟ ରକ୍ଷା ସହ ସବୁ ବର୍ଗର ନେତାମାନଙ୍କ ସନ୍ତୁଷ୍ଟ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ଯାହା ଆଜି ପ୍ରାରମ୍ଭିକ ଭାବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ଅନୁଭୂତ ହୋଇଛି ।

ତେବେ ନବୀନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଶ୍ରୀ ଦାସ ନିଜର ଖାସ୍ ଅନୁଗତ ସୁଶାନ୍ତଙ୍କ ମାଧ୍ୟମରେ ବିଦ୍ରୋହ କରିବା ଭଳି ତ୍ରୁଟିର ସାହାସ କିଭଳି କରିପାରିଲେ ତାହା ଏବେ ବିଜେଡି ସୁପ୍ରିମୋଙ୍କୁ ବେଶ୍ ଚିନ୍ତାରେ ପକାଇଛି । ବିଜେଡି ସୁପ୍ରିମୋଙ୍କ ନାଁରେ ସାଂଗଠନିକ କାର୍ଯ୍ୟ ତଦାରଖ କରୁଥିବା ଶ୍ରୀ ଦାସଙ୍କ ବିନା ଇଙ୍ଗିତରେ ସୁଶାନ୍ତଙ୍କ ସମର୍ଥକମାନେ ଏଭଳି ସାହାସ କରିପାରିବେ ନାହିଁ ବୋଲି ଦଳ ଅନୁଭବ କରିଛି । ଆଉ ଏସବୁ କାରଣ ନିମନ୍ତେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଟିକେଟ୍ ବଂଟନବେଳେ ଏଭଳି ବିଦ୍ରୋହକୁ ଏଡ଼ାଇବା ନିମନ୍ତେ ଶ୍ରୀ ଦାସଙ୍କ ପତିଆରା ଉପରେ ଲଗାମ ଦେବାକୁ ବିଜେଡି ସୁପ୍ରିମୋ ପଦକ୍ଷେପ ନେବେ ବୋଲି ଦଳ ସୂତ୍ରରୁ ଜଣାପଡ଼ିଛି ।

## ମନ୍ତ୍ରିମଣ୍ଡଳ ଅଦଳ ବଦଳ ହେଉଛି...

ଅଳ୍ପଦିନ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ବାବୁ ନିଜ ମନ୍ତ୍ରୀମଣ୍ଡଳର ପରିବର୍ତନ କରିବାର କ'ଣ ଆବଶ୍ୟକତା ଥିଲା ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ନିମାପଡା ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ହତ୍ୟାକାଣ୍ଡରେ ସମୀର ଦାସଙ୍କ ସଂପୃକ୍ତି ,ମହିଳା ବ୍ୟଭୀଚାର ପ୍ରସଙ୍ଗରେ ଶ୍ରୀକାନ୍ତ ସାହୁଙ୍କ ସଂପୃକ୍ତି, ମମିତା ମେହେର ହତ୍ୟାକାଣ୍ଡରେ ଦିବ୍ୟଶଙ୍କର ମିଶ୍ର ଓ ପରୀ ଘଟଣାରେ ଅରୁଣ ସାହୁଙ୍କ ସଂପୃକ୍ତିକୁ ନେଇ ବିଜେପିର କ୍ରମାଗତ ଅଭିଯୋଗ ପରେ ସେମାନଙ୍କୁ ରାଜ୍ୟ ସରକାର ବାଧ ହୋଇ ଶେଷରେ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିଥିଲେ ସତ କିନ୍ତୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ । ବିଜେଡିର ମନ୍ତ୍ରୀ, ନେତାମାନେ ହତ୍ୟା ଓ ଅପହରଣରେ ସଂଶ୍ଳିଷ୍ଟ ଅଛନ୍ତି । ଯଦି ରାଜ୍ୟ ସରକାର ଏଭଳି ଦୁର୍ନୀତିଯୁକ୍ତ ନେତା, ମନ୍ତ୍ରୀଙ୍କୁ ଦଣ୍ଡ ଦେଇଥାନ୍ତେ ତାହାଲେ ଆଇନ ଉପରେ ଓଡିଶାବାସୀ ବିଶ୍ୱାସ ରହିଥାନ୍ତା ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

୨୦୨୪ରେ ସରକାର ଗଢ଼ିବ ବିଜେପି । ବିଜେଡି ସରକାରରେ ମନ୍ତ୍ରୀଙ୍କର କୌଣସି କ୍ଷମତା କି ଅଧିକାର ନାହିଁ । ଧର୍ମକୁ ଆଖିଠାର ମାରିବା ଭଳି "ପୁରୁଣା ମଦ ନୂଆ ବୋତଲ ରେ"ନୀତି ଆପଣାଇଛନ୍ତି ବିଜେଡି ସରକାର । ମନ୍ତ୍ରୀମଣ୍ଡଳ ପରିବର୍ତନ ବିଜେଡିର ଶାସନ ଶୈଳୀ ଉପରେ କିଛି ପ୍ରଭାବ ପଡିବ ନାହିଁ । ଓଡ଼ିଶାର ଶାସନରେ କିଛି ନୂତନତ୍ୱ ନାହିଁ । ପୂର୍ବରୁ ଯେଭଳି ସ୍ଥାଣୁ, ଅପରାଗ ହୋଇ ଚାଲିଥିଲା ସେଭଳି ଚାଲିବ । ଯେଉଁମାନଙ୍କ ନାଁରେ ପୂର୍ବରୁ ବହୁ ଅଭିଯୋଗ ଥିଲା, ସେଇଭଳି ପୁରୁଣା ଲୋକଙ୍କୁ ନେଇ ଓଡ଼ିଶାବାସୀଙ୍କୁ ରାଜ୍ୟ ସରକାର ଲଣ୍ଠନ ଦେଖାଇବା ବନ୍ଦ କରନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

## ଆସନ୍ତା ତିନି ବର୍ଷ ପାଇଁ ଚାଷୀଙ୍କୁ ଶସ୍ୟବୀମା ସଂପୂର୍ଣ୍ଣ ମାଗଣା...

ଦକ୍ଷ ଓ ସ୍ୱଚ୍ଛ କରିବା ପାଇଁ ୨୨୯୫ ଗୋଟି ପାକ୍‌ସର କୋର ବ୍ୟାଙ୍କିଙ୍ଗ ସଲ୍ୟୁସନ ବ୍ୟବସ୍ଥାରେ କମ୍ପ୍ୟୁଟରୀକରଣ କରାଯାଇଛି ଯାହାକି ସାରା ଦେଶରେ ପ୍ରଥମ ଅଟେ। ତୃଣମୂଳ ସ୍ତରରେ ସ୍ୱଳ୍ପମିଆଦୀ ଋଣ ସେବା ବ୍ୟବସ୍ଥାର ସଂପ୍ରସାରଣ ପାଇଁ ୧୪୫୧ ଗୋଟି ନୂତନ ପାକ୍‌ସ ସଂଗଠିତ କରାଯାଇଛି।
କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟର ଅନଲାଇନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ୬୬ ଗୋଟି ନିୟନ୍ତ୍ରିତ ବଜାର କମିଟିକୁ ଇ-ନାମ ପ୍ଲାଟଫର୍ମରେ ସ୍ଥାନିତ କରାଯାଇଛି। ଇ-ନାମ ପ୍ଲାଟଫର୍ମରେ ଏଫପିଓମାନଙ୍କୁ ପଞ୍ଜିକରଣ କରାଯାଇଛି ଏବଂ ଏ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଗ୍ରହଣ କରିଛି। ଆନ୍ତ-ମଣ୍ଡି ବାଣିଜ୍ୟ କାରବାରର ପରିମାଣରେ ପ୍ରଭୂତ ବୃଦ୍ଧି ଘଟି ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଛି।
ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ମୋଟ ୫୧ଟି ଗୋଦାମରୁ ୪୪ଟି ଗୋଦାମରେ ଓୟେରହାଉସିଂ ଡେଭଲପମେଂଟ ଆଣ୍ଡ ସଲ୍ୟୁସନ ଆକ୍ଟର ବ୍ୟବସ୍ଥା ଲାଗୁ କରାଯାଇଛି ଓ ଡବ୍ଲ୍ୟୁଡିଆରଏ ଅଧୀନରେ ପଞ୍ଜିକୃତ କରାହୋଇଛି। ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟଜନିତ ଫସଲ ହାନିରୁ ସୁରକ୍ଷା ଦେବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରିଛନ୍ତି ଏବଂ ୨୦୨୧-୨୨ ବର୍ଷ ପାଇଁ ୩୧.୯୩ ଲକ୍ଷ ଚାଷୀଙ୍କୁ ୧୧୬୬.୦୨ ଗୋଟି ଟଙ୍କାର ବୀମାଅର୍ଥ ପ୍ରଦାନ କରାଯାଇଛି। ୨୦୨୩-୨୪ ବର୍ଷରୁ ଏହି ଯୋଜନାରେ ଉନ୍ନତିକରଣ ପୂର୍ବକ ଅଧିକ ଚାଷୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି।

## ଶପଥ ନେଲେ ୩ ନୂଆ କ୍ୟାବିନେଟ୍ ମନ୍ତ୍ରୀ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପୁଣି ଥରେ ସାରଦା ନାୟକ ନବୀନଙ୍କ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଛନ୍ତି । ୨୦୧୨ରେ ଅବକାରୀ ରାଷ୍ଟ୍ରମନ୍ତ୍ରୀ ଥିଲେ । ସାରଦା ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ୨୦୦୪,୨୦୦୯ ଓ ୨୦୧୯ରେ ବିଧାୟକ ହୋଇଥିଲେ ।ଲୋକସେବା ଭବନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ,ପ୍ରଶାସକ, ନେତା ,ମନ୍ତ୍ରୀ ଉପସ୍ଥିତଥିଲେ।
କ୍ୟାବିନେଟ ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗ ବଣ୍ଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସୁଦାମ ମାରାଣ୍ଡି ନୂଆ ସ୍କୁଲ ଓ ଗଣଶିକ୍ଷା ବିଭାଗ, ସାରଦା ପ୍ରସାଦ ନାୟକ ଶ୍ରମ ବିଭାଗ ଓ ବିକ୍ରମ କେଶରୀ ଆରୁଖ ନୂଆ ଅର୍ଥ ର କ୍ୟାବିନେଟ ମନ୍ତ୍ରୀ ଭାବେ ଦାଇତ୍ୱ ଦିଆଯାଇଛି । ନିରଞ୍ଜନ ପୂଜାରୀଙ୍କଠୁ ଅର୍ଥବିଭାଗ ଆଣି ବିକ୍ରମଙ୍କୁ ଦିଆଯାଇଛି । ପୂର୍ବରୁ ଅର୍ଥମନ୍ତ୍ରୀ ଥିବା ନିରଞ୍ଜନ ପୂଜାରୀଙ୍କ ପାଖରେ ସ୍ୱାସ୍ଥ୍ୟ ଓ ସଂସଦୀୟ ବିଭାଗ ରହିଛି । ସମୀର ଦାସଙ୍କ ପରେ ସୁଦାମ ମାରାଣ୍ଡି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ହୋଇଥିବା ବେଳେ ଶ୍ରୀକାନ୍ତ ସାହୁଙ୍କ ପରେ ସାରଦା ନାୟକ ଶ୍ରମ ମନ୍ତ୍ରୀ ହୋଇଛନ୍ତି ।
ସୂଚନା ଯୋଗ୍ୟ ୨୦୨୪ ନିର୍ବାଚନ ପୂର୍ବରୁ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଅଭିଜ୍ଞ ଅନୁଭବୀଙ୍କୁ ଭରସା କରି ନୂଆ ଟିମ ଗଠନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏଥର ମନ୍ତ୍ରୀମଣ୍ଡଳରେ ପଶ୍ଚିମ, ଦକ୍ଷିଣ ଓ ଉତ୍ତରକୁ ଫୋକସ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରାଜ୍ୟର ୩ ପ୍ରାନ୍ତରୁ ଅନୁଭବୀଙ୍କୁ ପ୍ରତିନିଧିତ୍ୱ କରିବାକୁ ସୁଯୋଗ ଦେଇଛନ୍ତି ନବୀନ । ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ବିରୋଧିଙ୍କୁ ଚେକ ଦେବାକୁ ୩ ପ୍ରାନ୍ତରୁ ଅନୁଭବୀଙ୍କୁ ନିଜ ମନ୍ତ୍ରୀମଣ୍ଡଳରେ ସାମିଲ ନବୀନ ସାମିଲ କରିଥିବା ନେଇ ଚର୍ଚ୍ଚା ଜୋର ଧରିଛି ।

*ଭୋଟ ପାଇପାଇ ମନ୍ତ୍ରୀ ହୋଇଗଲେ ଲୋକଶାସନ ହୁଏନାହିଁ । ଶାସନର ପ୍ରତି କ୍ଷେତ୍ରରେ କଅଣ ହେଉଛି ଓ କେଉଁଠି କଅଣ ହେବା ଉଚିତ ସେ ବିଷୟରେ ମତ ଦେବା, ଏ ସବୁ ଲୋକଶାସନ ପାଇଁ ଅତି ଦରକାରୀ ।*

**(ଗାଁ ମଜଲିସ, ୧ମ ଖଣ୍ଡ, ପୃଷ୍ଠା-୧୯୭)**

ପ୍ରଜାତନ୍ତ୍ର

**ତା ୨୩।୦୫।୨୦୨୩ ମଙ୍ଗଳବାର**

# ଶାନ୍ତିର ମାର୍ଗ

ହିରୋସିମାଠାରେ ଜି-୭ ଶିଖର ସମ୍ମିଳନୀ ପୁଣିଥରେ ଋଷ-ୟୁକ୍ରେନ ଯୁଦ୍ଧ ସମାପ୍ତ କରି ଶାନ୍ତିର ପଥ ଗ୍ରହଣ କରିବାକୁ ଭାରତ ଗୁରୁତ୍ୱ ଆରୋପ କରିଛି । ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନର ପ୍ରଧାନମନ୍ତ୍ରୀ ଭୋଲୋଦିମୀର ଜେଲେନ୍ସ୍କୀଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହୋଇଛି ଓ ଯୁଦ୍ଧ ଶୀଘ୍ର ସମାପ୍ତ କରିବା ଉପରେ ଜୋର ଦେଇଛନ୍ତି । ସିଏ ଭରସା ପ୍ରଦାନ କରିଛନ୍ତି ଯେ ଭାରତ ଏଥିଲାଗି କୃତସଂକଳ୍ପବଦ୍ଧ । ଯୁଦ୍ଧ ଆରମ୍ଭ ହେବା ପରେ ଜେଲେନ୍ସ୍କୀଙ୍କୁ ପ୍ରଧାନମନ୍ତ୍ରୀଙ୍କର ଏହା ହେଉଛି ପ୍ରଥମ ସାମନାସାମନି ସାକ୍ଷାତ ଆଲୋଚନା । ଯୁଦ୍ଧ ହେବାର କିଛି ସମୟ ପରେ ରଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀ ସଂଘାଇଠାରେ ମିଶିଥିଲେ,ସେତେବେଳେ ବି ଯୁଦ୍ଧ ସମାପ୍ତ କରିବା ଉପରେ ଜୋର ଦେଇଥିଲେ । ତାଙ୍କ ପ୍ରସ୍ତାବକୁ ଗ୍ରହଣ କରାଯିବ ବୋଲି ପୁଟିନ ସେବେ ଭରସା ଦେଇଥିଲେ, କିନ୍ତୁ ସେ ସମ୍ମିଳନୀରୁ ଫେରିବା ମାତ୍ରେ ହିଁ ୟୁକ୍ରେନ ଉପରେ ଆକ୍ରମଣ ତୀବ୍ର କରିଦେଇଥିଲେ । ଏବେ ଯୁଦ୍ଧ ଲଢ଼ିବାର ୧୫ମାସ ହୋଇଗଲାଣି । ଉଭୟଙ୍କ ମଧ୍ୟରୁ କେହି ବି ଟିକିଏ ସମାଧାନର ମାର୍ଗ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ୟୁକ୍ରେନର ଏକ ବଡ଼ ଅଞ୍ଚଳକୁ ରଷ ନିଜ ଦଖଲକୁ ନେଇଯାଇଛି । ଏ ଯୁଦ୍ଧ ଯୋଗୁଁ ବିଶ୍ୱର ଆମଦାନୀ-ରପ୍ତାନୀ ତଥା ବାଣିଜ୍ୟ କାରବାର ପ୍ରଭାବିତ ହୋଇଛି ଓ ମହଙ୍ଗାବସ୍ଥା ସମସ୍ତଙ୍କୁ ସାମନା କରିବାକୁ ପଡ଼ିଛି ।

ଋଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ସମଗ୍ର ବିଶ୍ୱର ଦୃଷ୍ଟି ଭାରତ ଉପରେ ରହିଆସିଛି । ବିଶ୍ୱାସ କରାଯାଉଥିଲା ଯେ ଭାରତର ପ୍ରୟାସରେ ଏହାକୁ ରୋକିବା ସମ୍ଭବ ହେବ । କାରଣ ରଷିଆର ଘନିଷ୍ଠ ମିତ୍ର ହେଉଛି ଭାରତ ଓ ତାହାର ମଧ୍ୟସ୍ଥତାର ପ୍ରଭାବ ରଷ ଉପରେ ପଡ଼ିବ । ଭାରତ ମଧ୍ୟ ଏଥିପାଇଁ ପୂରା ପ୍ରୟାସ ମଧ୍ୟ କରିଛି । ଯେବେବି ପ୍ରଧାନମନ୍ତ୍ରୀ ମୋଦୀ ଓ ଋଷ ରାଷ୍ଟ୍ରପତି ପୁଟିନଙ୍କ ମଧ୍ୟରେ ସାକ୍ଷାତ -ଆଲୋଚନା ହୋଇଛି, ସିଏ ତାହାକୁ ଧ୍ୟାନ ଦେଇ ଶୁଣିଛନ୍ତି ସତ, କିନ୍ତୁ ନିଜ ମନ ଯାହା କହିଲା ତାହା ହିଁ କରିଛନ୍ତି । ୟୁକ୍ରେନ ସହ ଭାରତର ସମ୍ବନ୍ଧ ମଧ୍ୟ ନିକଟତର, ତେଣୁ ଭାରତର ପ୍ରୟାସକୁ ମଧ୍ୟ ସିଏ ଗମ୍ଭୀରତାର ସହ ଗ୍ରହଣ କରିଛି । ଏ ଅବସ୍ଥାରେ ହିରୋସିମାରେ ଜେଲେନ୍ସ୍କୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ପୃଥକ କଥାବାର୍ତ୍ତା ଓ ପୁଣି ସମ୍ମିଳନୀ ମଞ୍ଚରେ ଉଭୟ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ମାନବଜଗତ ଲାଗି ଗମ୍ଭୀର ସଙ୍କଟ ବୋଲି କହିବା ଫଳରେ ସବୁ ସଦସ୍ୟ ଦେଶ ତା' ଉପରେ ସକରାତ୍ମକ ପ୍ରତିକ୍ରିୟା ରଖିଛନ୍ତି । ପାଶ୍ଚାତ୍ୟ ଦେଶମାନେ ପୂର୍ବରୁ ମନେସ୍ଥିର କରିନେଇଥିଲେ ଯେ ଏହି ସମ୍ମିଳନୀରେ ଋଷ ଉପରେ କଡ଼ା ପ୍ରତିବନ୍ଧ ଲଗାଇବ, କିନ୍ତୁ ଏବେ ଚୀନ ତାଙ୍କ ପାଇଁ ବଡ଼ ଶତ୍ରୁ ଭାବେ ନଜରକୁ ଆସିଛି । ଜି-୭ ଦେଶ ସମୂହ ତା'ର ନାମ ନନେଇ ତାହାକୁ କଠୋର ଭାଷାରେ ନିନ୍ଦା କରିଛି ଓ କହିଛି ଯୁଦ୍ଧ ବନ୍ଦ କରିବା ଲାଗି ତାହା ଚାପ ପ୍ରୟୋଗ କରୁ ।

ଋଷ ଓ ୟୁକ୍ରେନ ଯୁଦ୍ଧ ଏବେ ଯେଉଁ ମୋଡ଼ରେ ପହଞ୍ଚିଲାଣି,ତାହା କୌଣସି ପ୍ରକାରର ବୁଝାମଣାରେ ପହଞ୍ଚିବାର ସମ୍ଭାବନା ଦେଖାଯାଉନାହିଁ । ପାଶ୍ଚାତ୍ୟ ଦେଶଗୁଡ଼ିକ ଖୋଲାଖୋଲି ୟୁକ୍ରେନ ସପକ୍ଷରେ ବାହାରିଲେଣି । ଚୀନ ମଧ୍ୟ ପ୍ରତ୍ୟକ୍ଷ ଭାବେ ଋଷ ସହିତ ଛିଡ଼ା ହୋଇଛି । ଋଷ ଆକ୍ରମଣ ଯୋଗୁଁ ୟୁକ୍ରେନ ବଧ୍ୱସ୍ତ ହେବାରେ ଲାଗିଛି । ପରମାଣୁ ଯୁଦ୍ଧାସ୍ତ୍ରର ବ୍ୟବହାରର ଆଶଙ୍କା ବି ରହିଛି । ଏ ସ୍ଥିତିରେ ଭାରତ ଲାଗି ମଧ୍ୟସ୍ଥତା ପାଇଁ ଉଦ୍ୟମ କରିବା ଆଦୌ ସହଜ କଥା ନୁହେଁ । ପୁଣି ଋଷ ଯେପରି ୟୁକ୍ରେନ ବିରୋଧରେ ଅଯୌକ୍ତିକ ଆରୋପ ଲଗାଇ ତା'ଉପରେ ଆକ୍ରମଣ କରିବାର ବାହାନା ଖୋଜି ଚାଲିଛି ଓ ପୁଟିନ ଯେଉଁ ମନୋଭାବର ବ୍ୟକ୍ତି, ଲାଗୁନାହିଁ ଭାରତର ମାନବତାର ଦ୍ୱାହୀ ତା'ଉପରେ କୌଣସି ପ୍ରଭାବ ପକାଇବ । କିନ୍ତୁ ବାସ୍ତବତା ହେଉଛି ଏ ଯୁଦ୍ଧ ମାନବତା ଲାଗି ବଡ଼ ସଙ୍କଟ ସୃଷ୍ଟି କରିଛି ।

**ଭର୍ତ୍ତୃହରି ମହତାବ**

# ଶ୍ରାଦ୍ଧର ସ୍ୱରୂପ

ଆମ ଭାରତୀୟ ପରମ୍ପରାରେ ପିତୃ ପୁରୁଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ଶ୍ରାଦ୍ଧ କର୍ମ କରାଯିବାର ବିଧି ରହିଛି । ଏହାଦ୍ୱାରା ଯେ କେବଳ ପିତୃ ପୁରୁଷଙ୍କ ଠାରୁ ଆଶୀର୍ବାଦ ମିଳେ ତାହା ନୁହେଁ, ଶ୍ରାଦ୍ଧ କରୁଥିବା ବ୍ୟକ୍ତି ମଧ୍ୟ ମାନସିକ ଶାନ୍ତି ଲାଭ କରେ । ଯମସ୍ମୃତି ଅନୁସାରେ ଭାରତୀୟ ପରମ୍ପରାରେ ସାଧାରଣତଃ ପାଞ୍ଚ ପ୍ରକାର ଶ୍ରାଦ୍ଧ ଯଥା ନିତ୍ୟ ଶ୍ରାଦ୍ଧ, ନୈମିତ୍ତିକ ଶ୍ରାଦ୍ଧ, କାମ୍ୟ ଶ୍ରାଦ୍ଧ, ବୃଦ୍ଧି ଶ୍ରାଦ୍ଧ, ପାର୍ବଣ ଶ୍ରାଦ୍ଧ ଇତ୍ୟାଦି କରିବାର ନିୟମ ରହିଛି ।

ନିତ୍ୟ ଶ୍ରାଦ୍ଧ : ନିତ୍ୟର ଅର୍ଥ ହେଉଛି ପ୍ରତିଦିନ । ଏହି ଶ୍ରାଦ୍ଧରେ ବେଶି କିଛି ଆଡ଼ମ୍ବର କରାଯାଇନଥାଏ । କେବଳ ଜଳ ସାହାଯ୍ୟରେ ହିଁ ଶ୍ରାଦ୍ଧ କରାଯାଏ । ସ୍ନାନ ସମାପନ କରିବା ପରେ ବ୍ୟକ୍ତିଜଣକ ଶୁଦ୍ଧପୂତ ହୋଇ ଏହି ଶ୍ରାଦ୍ଧ କରିଥାନ୍ତି ।

ନୈମିତ୍ତିକ ଶ୍ରାଦ୍ଧ : ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ପାଇଁ ଶ୍ରାଦ୍ଧ କରାଗଲେ ତାକୁ ନୈମିତ୍ତିକ ଶ୍ରାଦ୍ଧ ବୋଲି କୁହାଯାଏ । କୌଣସି ବ୍ୟକ୍ତିର ମୃତ୍ୟୁ ପରେ ଦଶ ବା ଏକାଦଶ ଦିନଯାଏ ଯେଉଁ ପିଣ୍ଡ ଦାନ କରାଯାଏ ତାହା ଏହି ନୈମିତ୍ତିକ ଶ୍ରାଦ୍ଧର ଅନ୍ତର୍ଗତ । ଆମ ହିନ୍ଦୁ ଧର୍ମର ବିଶ୍ୱାସ ଅନୁଯାୟୀ ମୃତ୍ୟୁର କିଛି ଦିନ ଯାଏ ମୃତକର ଆତ୍ମା ସଂସାର ସହିତ ଜଡ଼ିତ ହୋଇଥାଏ । ସେହି ଦିବଂଗତ ଆତ୍ମାକୁ ସନ୍ତୁଷ୍ଟ କରିବା ପାଇଁ ଶ୍ରାଦ୍ଧ ଦିଆଯାଏ । ଏହି ଶ୍ରାଦ୍ଧ ପରେ ବ୍ୟକ୍ତିଜଣଙ୍କର ଆତ୍ମ ସଂପୂର୍ଣ୍ଣ ବନ୍ଧନମୁକ୍ତ ହୁଏ ବୋଲି ବିଶ୍ୱାସ ରହିଛି ।

କାମ୍ୟ ଶ୍ରାଦ୍ଧ : କୌଣସି ଅଭୀଷ୍ଟ ପୂରଣ ପାଇଁ ଯେଉଁ ଶ୍ରାଦ୍ଧ କରାଯାଏ ତାକୁ କାମ୍ୟ ବୋଲି କୁହାଯାଏ । ଏହି ଶ୍ରାଦ୍ଧ ଦ୍ୱାରା ବ୍ୟକ୍ତିର ଇଚ୍ଛା ଫଳବତୀ ହୁଏ ବୋଲି ବିଶ୍ୱାସ କରାଯାଏ ।

ବୃଦ୍ଧିଶ୍ରାଦ୍ଧ : ସନ୍ତାନ ଜନ୍ମ ବା ବିବାହୋତ୍ସବ ଇତ୍ୟାଦି ମାଙ୍ଗଳିକ କାର୍ଯ୍ୟରେ ଯେଉଁ ଶ୍ରାଦ୍ଧ କରାଯାଏ ତାକୁ ବୃଦ୍ଧି ଶ୍ରାଦ୍ଧ ବୋଲି କୁହାଯାଏ । ଏହାଦ୍ୱାରା ପରିବାରର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

ପାର୍ବଣ ଶ୍ରାଦ୍ଧ : ମହାଳୟା ପକ୍ଷ, ଅମାବାସ୍ୟା ତିଥି ତଥା ବିଭିନ୍ନ ପର୍ବପର୍ବାଣିରେ ଏହି ଶ୍ରାଦ୍ଧ କରାଯାଇଥାଏ । ଏହାଦ୍ୱାରା ବିଘ୍ନ ନାଶ ହୋଇଥାଏ ବୋଲି ବିଶ୍ୱାସ ରହିଛି ।

ଶ୍ୟାମ ସୁନ୍ଦର ସାମଲ
ବିଡ଼ାନାସୀ ବନ୍ଧଛକ, କଟକ,
ମୋ: ୯୭୭୮୬୩୫୯୨୬

# ଜଳବାୟୁ ବିପଦର ସଦ୍ୟ ସତର୍କବାଣୀ

**ବିପିନ ବିହାରୀ ରାଉତ**

ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆନ୍ତଃ ସରକାରୀ ପ୍ୟାନେଲର ସଦ୍ୟ ରିପୋର୍ଟରେ ଏକ ସତର୍କ ବାଣୀ ଦିଆଯାଇଛି । ଯାହା ଏ ପର୍ଯ୍ୟନ୍ତ ଆସିଥିବା ବିପଦ ସଙ୍କେତ ଠାରୁ ଅତି ଅଧିକ ଗୁରୁତର । ସମଗ୍ର ମାନବ ସମାଜ ପ୍ରତି ବାୟୁମଣ୍ଡଳ ସମସ୍ୟାର ସମୂହ ବିପଦକୁ ଆନ୍ତର୍ଜାତିକ ସମ୍ପ୍ରଦାୟ ଏ ପର୍ଯ୍ୟନ୍ତତ ପ୍ରାୟତଃ ଏଡ଼ାଇ ଆସିଛି । ଆଇଟିସସି ଓ ଅନ୍ୟାନ୍ୟ ଅନେକ ସଂସ୍ଥା ତଥା ବିଶେଷଜ୍ଞମାନେ ଦିନକୁ ଦିନ ବାୟୁମଣ୍ଡଳ ଉତ୍ତପ୍ତ ହୋଇ ପୃଥିବୀରେ ଜଳବାୟୁରେ ଯେଉଁ ସବୁ ପରିବର୍ତ୍ତନ ଘଟୁଛି ଅଥବା ଘଟିବାର ଆଶଙ୍କା ରହିଛି ସେ ବିଷୟରେ କ୍ରମାଗତ ଭାବେ ସମସ୍ତ ଦିଗ ଉପସ୍ଥାପନ କରିଆସିଛନ୍ତି । କିନ୍ତୁ ଏହି ସମସ୍ୟାର ସମାଧାନ ଲାଗି ଏ ପର୍ଯ୍ୟନ୍ତ ସବୁ ଦେଶ କୌଣସି ଦୃଢ଼ ପଦକ୍ଷେପ ନେଇନାହାନ୍ତି । ଗତ କିଛି ବର୍ଷରେ ଜଳବାୟୁ ପରିବର୍ତ୍ତନ ଏକ କ୍ରମାଗତ ବିତର୍କର ବଷୟ ହୋଇଛି । ଦିନକୁ ଦିନ ପରିଲକ୍ଷିତ ହେଉଥିବା ଏଥିଜନିତ ସମସ୍ୟାଗୁଡ଼ିକ ଚର୍ଚ୍ଚାକୁ ଆସୁଛି । ବିଭିନ୍ନ ସମୟରେ ପରିବେଶ ସମ୍ପର୍କିତ ରିପୋର୍ଟ ଗୁଡ଼ିକ ଭବିଷ୍ୟତ କୁପ୍ରଭାବ ସୂଚାଉଛି । ଏବେକାର ଆଇଟିସିସି ରିପୋର୍ଟ ୬୭ଟି ଦେଶରେ ବୈଜ୍ଞାନିକ ମାନଙ୍କ ଠାରୁ ମିଳିଥିବା ମତାମତ ଉପରେ ପର୍ଯ୍ୟବେସିତ । ସେ ସବୁକୁ ଆଧାର କରାଯାଇ ଏହି ମୂଲ୍ୟାୟନ କରାଯାଇଛି । ଏଥିରେ କୁହାଯାଇଛି ଯେ ଆଗାମୀ, ଦୁଇଦଶନ୍ଧି ମଧ୍ୟରେ ବିଶ୍ୱ ଉତ୍ତପ୍ତୀକରଣ ୧.୫ ଡିଗ୍ରୀ ମଧ୍ୟରେ ସୀମିତ ରହିଲେ ବି ପୃଥିବୀରେ ଅନେକ ଜଳବାୟୁ ବିପର୍ଯ୍ୟୟ ଅନୁଭୂତ ହେବ । ତାପମାତ୍ରା ତା ଠାରୁ ବଢ଼ିଲେ ଏପରି କି ସେହି ବୃଦ୍ଧି ସାମୟିକ ହେଲେ ବି ପରିଣାମ ଅତ୍ୟନ୍ତ ଗୁରୁତର ହେବ ଏବଂ ସେ ସବୁରୁ ଅନେକଙ୍କୁ ବଦଳାଯାଇପାରିବ ନାହିଁ । ବିଶ୍ୱ ତାପମାତ୍ରା ବୃଦ୍ଧି ପ୍ରାକୃତିକ ପରିବେଶରେ ଏପରି କେତେ ପରିବର୍ତ୍ତନ ଆଣି ସାରିଛି ଯାହାକୁ ବଦଳାଇ ହେବନାହିଁ । ପୃଥିବୀରେ ଅନେକ କ୍ଷେତ୍ରରେ ଏହାର ପ୍ରଭାବ ପଡ଼ିସାରିଛି ।

ଜଳବାୟୁର ସମସ୍ତ ପ୍ରାକୃତିକ ବ୍ୟବସ୍ଥା, ଦୈନନ୍ଦିନ ପାଣିପାଗ ଓ ଅନ୍ୟାନ୍ୟ ଦିଗ କ୍ଷତିକାରକ ଢ଼ଙ୍ଗରେ ଏପଟ ସେପଟ ହେବାକୁ ଯାଉଛି ବୋଲି ପାଣିପାଗ ବିଶେଷଜ୍ଞମାନଙ୍କର ମତ । ତଦ୍ୱାରା ପୃଥିବୀରେ ବହୁ ସଂଖ୍ୟକ ଲୋକ ବଞ୍ଚିବା ଭଳି ପରିସ୍ଥିତିରେ ରହିବେ ନାହିଁ । ଗତ କେଇ ଶତାବ୍ଦୀ ମଧ୍ୟରେ ସମୁଦ୍ର ଜଳସ୍ତର ଯେତିକି ବଢ଼ିଥିଲା ଆଗାମୀ କେତେକ ଦଶନ୍ଧିରେ ତାହା ବେଶୀ ବୃଦ୍ଧି ପାଇବ । ବନ୍ୟା ଓ ତାପ ପ୍ରଭାବ ପରି ପାଣିପାଗର ମାତ୍ରାଧିକ କୁପ୍ରଭାବ ସମଗ୍ର ପୃଥିବୀ ଉପରେ ପଡ଼ିବ । ଅନେକ ଅଞ୍ଚଳରେ ମରୁଡ଼ି ଦେଖାଦେବ । ସମସ୍ତ ପ୍ରତିକ୍ରିୟା ଜୀବନ ଚକ୍ରକୁ ଏପଟସେପଟ କରିଦେବ । ଗରିବ ରାଷ୍ଟ୍ରଗୁଡ଼ିକ ସହ ସେ ସବୁ ଦେଶର ଦୁର୍ବଳ ଶ୍ରେଣୀ ଏଥିରେ ବେଶି କ୍ଷତିଗ୍ରସ୍ତ ହେବେ । ଦକ୍ଷିଣ ଏସିଆ ଓ ଭାରତ ଉପରେ ପାଣିପାଗ ପରିବର୍ତ୍ତନର ଅଧିକ କୁପ୍ରଭାବ ଦେଖାଦେବ । ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଆର୍ଦ୍ର ଭଲବ ତାପମାତ୍ରା ଦେଖାଦେବ, ଯାହା ତାପ ଓ ଆର୍ଦ୍ରତାର ଏକ ମାପକ । ଏହା ଅସହ୍ୟ ୩୫ ଡିଗ୍ରୀ ସେଲସିୟସ ତାପମାତ୍ରାରେ ପହଞ୍ଚିପାରେ । ଆଉ ଏକ ବିପଦଜନକ ଭବିଷ୍ୟତବାଣୀ ହେଲା ମୁମ୍ବାଇ, କୋଲକାତା ଓ ଚେନ୍ନାଇ ପରି ବୃହତ ସହରଗୁଡ଼ିକ ଲାଗି ସେସବୁ ସମୁଦ୍ର କୂଳ ସହର, ସମୁଦ୍ର ପତ୍ତନ ବୃଦ୍ଧିରେ ସ୍ଥଳଭାଗକୁ ସମୁଦ୍ର ଜଳ ପ୍ରବେଶ କରି ସେ ସବୁ ସହର ଅନ୍ୟ ଜନବସତି ଗୁଡ଼ିକ କ୍ଷତିଗ୍ରସ୍ତ ହେବ । ଭାରତରେ ଉପକୂଳ ବନ୍ୟା ଯୋଗୁଁ ଆଗାମୀ ଦୁଇଦଶନ୍ଧିରେ ସାଢ଼େ ୩ କୋଟି ଲୋକ ଓ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ୫ କୋଟି ଲୋକ ବିପଦଗ୍ରସ୍ତ ହେବେ । ପ୍ରକୃତରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମସ୍ତ ଭୌଗୋଳିକ ଚିତ୍ର ଏବଂ ଏଯାଏଁ ପ୍ରକୃତି ଯାହା ସବୁ ଦେଇଛି ସେ ସବୁ ପ୍ରଭାବିତ ହେବାକୁ ଯାଉଛି । ପାହାଡ଼ ପର୍ବତମାଳା, ନଦୀ ଓ ସମତଳ ଅଞ୍ଚଳ ପରି ପ୍ରାକୃତିକ କ୍ଷେତ୍ର ସବୁଠାରୁ ଆରମ୍ଭ କରି କୃଷି, ମତ୍ସ୍ୟ ଓ ଶିଳ୍ପ ଯାଏ ସବୁ ଉଦ୍ୟୋଗ ଏହି ସମସ୍ୟାର ଶିକାର ହେବେ । ତାହା ଜୀବଜଗତ ପାଇଁ କି ବିପଦ ଆଣିଦେବ ସହଜରେ ଅନୁମେୟ । ମଣିଷର ଚଳଣୀ ଆଧୁନିକତାର ଅଗ୍ରଗତି ସହ ବଦଳୁଛି । ତାପମାତ୍ରା ବୃଦ୍ଧି ଯୋଗୁଁ ଓ ଆର୍ଥିକ ପ୍ରଗତି କାରଣରୁ ମଣିଷ ଜଳବାୟୁ ପରିବର୍ତ୍ତନର ସମସ୍ୟାକୁ ବୈଷୟିକ ପଦ୍ଧତିରେ ମୁକାବିଲା କରିବାକୁ ଚେଷ୍ଟା କରୁଛି । ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତ ପରି ଦେଶରେ ସହରାଞ୍ଚଳ ଗୁଡ଼ିକରେ ଏୟାରକଣ୍ଡିସନର ବ୍ୟବହାର ଏକ ସାଧାରଣ ବିଷୟ ହୋଇଗଲାଣି । ତିନି ଦଶନ୍ଧି ତଳେ ଗଣମାଧ୍ୟମ ଠାରୁ ଆରମ୍ଭ କରି ସାଧାରଣ ଆଲୋଚନାରେ ବିଳାସର ଅଂଶଭାବେ ଶୀତତାପ ନିୟନ୍ତ୍ରିତ କୋଠରୀରେ ରହିବା କୁହାଯାଉଥିଲା । କିନ୍ତୁ ସେ ସ୍ଥିତି ଆଉନାହିଁ କିନ୍ତୁ ଏୟାରକଣ୍ଡିସନର ବ୍ୟବହାର ଯୋଗୁଁ ବାହାରର ତାପମାତ୍ରା ବଢୁଛି । ମଣିଷର ଚଳଣି ଜନିତ ଅନେକ ବିଷୟ ବିଶ୍ୱ ଉତ୍ତପ୍ତୀକରଣକୁ ବଢ଼ାଉଛି । ପେଟ୍ରୋଲ, ଡିଜେଲ ଚାଳିତ ଯାନବାହାନ ବ୍ୟବହାର ଠାରୁ ଆରମ୍ଭ କରି ବିଦ୍ୟୁତ ଉତ୍ପାଦନ ସକାଶେ କୋଇଲାର ଉପଯୋଗ ଏହି ସମସ୍ୟାକୁ ଅଧିକ ଉତ୍କଟ କରିଛି । ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ଲାଗି ବିଶ୍ୱ ସମ୍ପ୍ରଦାୟ ଅନେକ ମିଳିତ କୌଶଳର ଆଲୋଚନା କରିଛନ୍ତି । ସେ ସମ୍ପର୍କରେ ଅନେକ ରାଜିନାମା ବି ହେଲାଣି । କିନ୍ତୁ ଏ ପର୍ଯ୍ୟନ୍ତ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆଯାଇନାହିଁ । ଆଇଟିସିସି ରିପୋର୍ଟରେ କୁହାଯାଇଛି ଯେ, ୨୦୨୧ ନଭେମ୍ବରରେ ଗ୍ଲାସିଗୋରେ ହୋଇଥିବା ଜଳବାୟୁ ସମ୍ମିଳନୀରେ ଯେଉଁ ସବୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ତାର ମିଆଦ ଏତେ ବଢ଼ାଇ ଦିଆଯାଇଛି ଯେ, ସେସବୁରୁ ହଠାତ୍ ଉପକାର ମିଳିବା କଷ୍ଟକର । ଜଳବାୟୁ ପରିବର୍ତ୍ତନ ଏବେକାର ସମସ୍ୟା ଓ ତୁରନ୍ତ ତାର ମୁକାବିଲା କରିବାକୁ ହେବ । ଗତ ଦୁଇବର୍ଷ ଧରି କରୋନା ମହାମାରୀ ବିରୋଧରେ ଯେପରି ବିଶ୍ୱକୁ ଲଢ଼ିବାକୁ ପଡ଼ିଲା ସେହିପରି ବାୟୁମଣ୍ଡଳ ଉତ୍ତପ୍ତୀକରଣ ବିପଦକୁ ମିଳିତ ଭାବେ ସମସ୍ତଙ୍କୁ ଅଟକାଇବାକୁ ପଡ଼ିବ । ଧନୀ ଦେଶଗୁଡ଼ିକ ଏ କ୍ଷେତ୍ରରେ ନିଜର ଦାୟିତ୍ୱକୁ ତୁରନ୍ତ ଗ୍ରହଣ କରି ସହାୟକ ପଦକ୍ଷେପ ନେବା ଦରକାର । କାରଣ ସେମାନଙ୍କ ଯୋଗୁଁ ଜଳବାୟୁ ମୁକାବିଲା ପଦକ୍ଷେପ ବିଳମ୍ବିତ ହୋଇଯାଉଛି । ଆଇଟିସିସିର ସତର୍କବାଣୀକୁ ସେମାନେ ଓ ସମଗ୍ର ବିଶ୍ୱ ତୁରନ୍ତ ଗୁରୁତ୍ୱ ନ ଦେଲେ ସମସ୍ତେ ବିପଦଗ୍ରସ୍ତ ହେବେ ।

ଶ୍ରୀବିହାର କଲୋନୀ, କଟକ,
ମୋ : ୯୪୩୭୬୬୬୪୫୩

# ମୃତ୍ୟୋର୍ମା ଅମୃତଂ ଗମୟଃ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଯୌବନକୁ ଦୀର୍ଘଦିନ ଧରି ରଖି ନୀରୋଗ, ସୁସ୍ଥ, ସ୍ୱସ୍ଥ ଓ ସ୍ମୃତିବାହୀ ଚେତନାଯୁକ୍ତ ଦୀର୍ଘାୟୁ ଜୀବନ ପାଇଁ ଆମ ଶରୀରର କେଉଁ ଅଂଶ ବିଶେଷ ଭାବରେ କ୍ରିୟାଶୀଳ ତାହା ବହୁତ ହଜାର ବର୍ଷ ପର୍ଯ୍ୟନ୍ତ ସାଧାରଣ ମନୁଷ୍ୟକୁ ଜ୍ଞାତ ନଥିଲା, ଜ୍ଞାତ ଥିଲା କେବଳ ଆର୍ଯ୍ୟ ମୁନି, ଋଷି ଓ ଅବତାର ପୁରୁଷମାନଙ୍କୁ । ସେଥିପାଇଁ ସେମାନେ ନିଜର ଅନୁସରଣକାରୀଙ୍କୁ ଆଜ୍ଞାଚକ୍ର (ଦୁଇ ଭୃକୁଟିର ମଧ୍ୟ ନାସିକା ମୂଳରେ ଅବସ୍ଥିତ) ରେ ମନକୁ ସ୍ଥିର କରି ନାମଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀଗୁରୁଙ୍କ ଦ୍ୱାରା ପ୍ରଦତ୍ତ ବୀଜମନ୍ତ୍ର ନାମଧ୍ୟାନ କରି ଆଜ୍ଞାଚକ୍ରରେ ମନକୁ ସ୍ଥିର କରିବା ପାଇଁ ଆର୍ଯ୍ୟ ଋଷିମାନେ କହିଛନ୍ତି । କଳିଯୁଗର ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଜପ ଧ୍ୟାନର ସୁବିଧା ପାଇଁ ଚକ୍ରଫଟୋରେ ମନ ସ୍ଥିର କରି ଜପ କରିବାକୁ କହିଛନ୍ତି । ଏହି ନାମର ସ୍ପନ୍ଦନ ପିନିୟଲ ଗ୍ଲାଣ୍ଡକୁ ଉ□ଜିତ କରି ତାର କ୍ଷରଣକୁ ବଢ଼ାଇବାରେ ବିଶେଷ ସହାୟତା କରିଥାଏ । ପିନିୟଲ ଗ୍ରନ୍ଥିର କ୍ଷରଣ ଓ ଜୀବନ ପାଇଁ ତାର ପ୍ରୟୋଜନ ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଦୁଇ ଭୃକୁଟି ମଧ୍ୟରେ ଗୋଟିଏ ସରଳରେଖା ଭିତର ଆଡ଼କୁ ଟାଣିଲେ ଯେଉଁଠି ପହଞ୍ଚେ ସେଇଠାରେ ପିନିୟଲ ଗ୍ରନ୍ଥି ଅବସ୍ଥିତ । ଏହି ପିନିୟଲ ଗ୍ଲାଣ୍ଡ ଏବଂ ତାର କ୍ଷରଣ ମେଲାଟୋନିନ୍ (melatorin) ଚିକିତ୍ସାଜଗତ ପାଇଁ ଏହି ଶତାବ୍ଦୀର ବିସ୍ମୟକର ଆବିଷ୍କାର । ଏହି ପିନିୟଲ ଗ୍ଲାଣ୍ଡ ଆମର ମସ୍ତିଷ୍କର ମଧ୍ୟସ୍ଥଳରେ ଥେଲାମସ୍ (Thalamus) ର ପଛରେ ଅବସ୍ଥିତ । ଏହାର ଆକାର ଅଧା ସେ□ମିଟର ଏବଂ ଓଜନ ୧୨୦ ମିଲିଗ୍ରାମ୍ ପାଖାପାଖି । ସାଧାରଣତଃ ୪୦ ବର୍ଷ ପରେ ଏହି ଗ୍ରନ୍ଥି ଶୁଖି ଯାଏ ଓ ଏହି ସମୟରୁ ହିଁ ମନୁଷ୍ୟର ବାର୍ଦ୍ଧକ୍ୟ ଆରମ୍ଭ ହୁଏ ଏବଂ ଧିରେ ଧିରେ ଏହାର ପ୍ରକୋପ ବଢେ । ମେଲାଟୋନିନ୍‌ର ପ୍ରଧାନ କାମ ହେଲା ଶରୀରର କୋଷକୁ ଧ୍ୱଂସରୁ ରକ୍ଷା କରିବା । ମାନବ ଶରୀରରେ ପ୍ରତିକ୍ଷଣ ଅକ୍ସିଡ଼େସନ (ଡଙ୍ଗସୟବ-ଞ୍ଚସକ୍ଟଭ) ଚାଲିଥାଏ । ଯେପରି ଭାବରେ ଲୁହାରେ କଳଙ୍କି ଲାଗେ ସେହି ପ୍ରକାର ମଣିଷର ଶରୀରରେ ମଧ୍ୟ କଳଙ୍କି ଲାଗ ଶରୀରକୁ ବାର୍ଦ୍ଧକ୍ୟ ଆଡ଼କୁ ନେଇଯାଏ । ସ୍ୱାସ୍ଥ୍ୟ ପାଇଁ କୋଷ ଓ ତାର ରାସାୟନିକ ପ୍ରକ୍ରିୟା ଅତି ଆବଶ୍ୟକ । ମେଲାଟୋନିନ୍ ଅଭାବରେ ଏହି ପ୍ରକ୍ରିୟା ବାଧିତ ହୋଇଯାଏ । ମେଲାଟୋନିନ୍ ଆଣ୍ଟି-ଅକ୍ସିଡେଣ୍ଟର କାମ କରେ, କୋଷକୁ ସଚେତନ ରଖେ, କଳଙ୍କି ଲାଗିବାକୁ ଦେଇ ନଥାଏ । ଯେଉଁ ବ୍ୟକ୍ତିର ମେଲାଟୋନିନ୍‌ର କ୍ଷରଣ ଦୀର୍ଘଦିନ ଧରି ହୋଇଥାଏ ସେ ସେତେ ସୁଦୀର୍ଘଜୀବୀ ହୋଇଥାନ୍ତି । ଯୌବନ ଦୀର୍ଘସ୍ଥାୟୀ ହୋଇଥାଏ ଓ ଦେହ ନୀରୋଗ ରହିଥାଏ । ସ୍ମୃତିଶକ୍ତି ଅକ୍ଷୁର୍ଣ୍ଣ ରହିଥାଏ, ବହୁଦିନ ଧରି ମନୁଷ୍ୟ ସକ୍ରିୟ ଓ କର୍ମଠ ରହେ, ନିଦ ବି ଭଲ ଆସିଥାଏ, ଉଚ୍ଚ ରକ୍ତଚାପର ସମସ୍ୟା ରହେ ନାହିଁ ଓ ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ ବଢ଼ିଯାଏ । ମେଲାଟୋନିନ୍‌ର କ୍ଷରଣ ଅନ୍ଧକାର ଓ ଆଲୋକ ଦ୍ୱାରା ପରିଚାଳିତ ହୁଏ । ସେଥିପାଇଁ ତାକୁ ଜୈବିକ ଘଣ୍ଟା (Biological Clock) କୁହାଯାଏ । ପିନିୟଲ ଗ୍ଲାଣ୍ଡ ସ୍ନାୟୁ ଦ୍ୱାରା ଆଖି ସହିତ ଯୁକ୍ତ । ଏଥିପାଇଁ ଅନ୍ଧାର ହେଲେ ପିନିୟଲ୍ ଗ୍ରନ୍ଥିରୁ ସଙ୍କେତ ଚାଲିଯାଏ ଓ ମେଲାଟୋନିନ୍‌ର କ୍ଷରଣ ଆରମ୍ଭ ହୋଇଯାଏ । ସୂର୍ଯ୍ୟ ଉଦୟ ହେଲେ ଆଲୋକର କ୍ଷରଣ ବନ୍ଦ ହୁଏ । ସେଥିପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ବାଣୀରେ ପ୍ରକାଶ କରିଛନ୍ତି - ଉଷା ନିଶାରେ ମନ୍ତ୍ର ସାଧନ ଚଲାବୁଲାରେ ଜପ, ଯଥା ସମୟେ ଇଷ୍ଟ ନିର୍ଦ୍ଦେଶ ମୂର୍ତ୍ତି କରିବାହିଁ ତପ । ଉଷାନିଶାରେ ମନ୍ତ୍ର ସାଧନ ମେଲାଟୋନିନ୍‌ର କ୍ଷରଣକୁ ବଢ଼ାଇ ଦେଇଥାଏ । ନାମର ସ୍ପନ୍ଦନ ପିନିୟଲ ଗ୍ଲାଣ୍ଡକୁ ଉତ୍ତେଜିତ କରିଥାଏ । ସେଥିପାଇଁ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ନାମ କରିବାକୁ ବସିଲେ ନିଦର ଗୋଟିଏ ଝୁଙ୍କ ଆସିଥାଏ, ତାକୁ ଅତିକ୍ରମ କରିବାକୁ ହେବ । ସେଥିପାଇଁ ଯାହାର ଅନିଦ୍ରା ରୋଗ ଅଛି ସେ ଯେତେବେଳେ ନାମ କରିବାକୁ ବସେ, ତାକୁ କିଛିକ୍ଷଣରେ ନିଦ ଆସିଯାଏ । ନାମ-ଜପ ମସ୍ତିଷ୍କର ସ୍ନାୟୁକୁ ସୁକ୍ଷମ କରି ରଖେ, ମସ୍ତିଷ୍କ କମ୍ ଉତ୍ତେଜିତ ହୁଏ ଓ ମନୁଷ୍ୟର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଯଥା ସମୟରେ ଇଷ୍ଟ ନିର୍ଦ୍ଦେଶ ପାଳନ ମାଧ୍ୟମରେ ମନୁଷ୍ୟ ଭକ୍ତ ହନୁମାନ ପରି ଉର୍ଜ୍ଜୀତେଜା, କ୍ଷମତାବାନ୍ ଓ ବଳବାନ୍ ହୋଇଉଠେ । ଭକ୍ତ ଅସମ୍ଭକୁ ସମ୍ଭବ କରି ଦେଇଥାଏ । ଅସତ୍ ଓ ବାଧାବିଘ୍ନକୁ ଅତିକ୍ରମ କରି ଭକ୍ତ ବୀର୍ଯ୍ୟବାନ୍ ହୋଇଉଠେ । ନିର୍ଭୟ ଓ ନିର୍ଭୀକ ହୁଏ । ଉପସ୍ଥିତ ବୁଦ୍ଧି ବୃଦ୍ଧି ପାଏ । ଏଥିପାଇଁ ନାମମୟ ହୋଇ ରହିଲେ ମନୁଷ୍ୟ ଧ୍ୟାନଦୀପ୍ତ ହେବ ଓ ବ୍ୟକ୍ତିତ୍ୱ ସୁଗଠିତ ହୁଏ । ଏଥିନିମିତ୍ତ ସଦ୍‌ଗୁରୁ ଗ୍ରହଣ ଆବଶ୍ୟକ । ସଦ୍‌ଗୁରୁ ଗ୍ରହଣ କରି ତତ୍-ନିର୍ଦ୍ଦେଶିତ ପଥରେ ଚାଲି, ନିୟମିତ ନାମ-ଧ୍ୟାନ ପରାୟଣ, ସଦାଚାର ପାଳନ ଓ ସାତ୍ତ୍ୱିକ ଆହାର ଗ୍ରହଣ କରି ମଣିଷ ଅମିତ-ତେଜା ହୁଏ ଇଷ୍ଟ ବା ଗୁରୁ ଭକ୍ତିର ପ୍ରଭାବରେ ।

କଲ୍‌କି ଅବତାର ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ- ଯାହା ହିଁ କରିବାକୁ ଯାଅ ମୂଳରେ ଗୁରୁଭକ୍ତି ରହିବା ଦରକାର । ଗୁରୁଭକ୍ତି ମାଧ୍ୟମରେ ପ୍ରବୃତ୍ତି କାବୁ ହୋଇ ରହିଥାଏ । ସେବା ବୃତ୍ତି ସାବଲୀଳ ଓ ସହଜ ହୋଇ ଉଠେ, କର୍ମ ନିଖୁଁତ ହୁଏ । ଏହି ଗୁରୁ ଭକ୍ତିରୁ ହିଁ ମନୁଷ୍ୟ ମଙ୍ଗଳର ଅଧିକାରୀ ହୁଏ । ତେଣୁ ଗୁରୁଙ୍କୁ ଇଷ୍ଟ କୁହାଯାଏ, ଇଷ୍ଟ ଅର୍ଥ ମଙ୍ଗଳ, ଅର୍ଥାତ୍ ଗୁରୁଙ୍କୁ ଅନୁସରଣ କରିଲେ ମଣିଷର ମଙ୍ଗଳ ଆସେ ଓ ଏହି ଅନୁସରଣର ପନ୍ଥା ହେଉଛି - ଯଜନ, ଯାଜନ ଓ ଇଷ୍ଟଭୃତି । ପୁନର୍ବାର ପ୍ରେମାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଯିଏ ପ୍ରକୃତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକଙ୍କୁ ଖୋଜି ପାଇ ହେବ । ଏହା ପୂରାପୂରି ମାନଚିତ୍ର ଦେଖିବା ପରି । ଯେପରି ଶ୍ରୀ ରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଚୈତନ୍ୟ ମହାପ୍ରଭୁ । ପରିଷ୍କାର ସମସ୍ତଙ୍କୁ ବୁଝିହେବ ଓ ଦେଖି ହେବ । ଯୁଗ ପରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟର ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ନାନା ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ । ଏହି ଯୁଗ ପୁରୁଷୋତ୍ତମଙ୍କ ପ୍ରଦତ୍ତ ବୀଜମନ୍ତ୍ର ଜପଧ୍ୟାନ ମାଧ୍ୟମରେ ମନୁଷ୍ୟ ଅମୃତକୁ ଲାଭ କରିପାରିବ । ସ୍ମୃତିବାହୀ ଚେତନା ମାଧ୍ୟମରେ ମନୁଷ୍ୟ ମୃତ୍ୟୁକୁ ଅତିକ୍ରମ କରିପାରିବ । ଏ ଆଉ ଏହାହିଁ ହେଉଛି ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ବିଂଶ ଶତାବ୍ଦୀର ଚରମ ଓ ବିସ୍ମୟକର ଆହ୍ୱାନ - ମା ମ୍ରିୟସ୍ୟ ମା ଯହି, ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ ।

ପ୍ରଫେସର, ହେପାଟୋଲୋଜି
ବିଭାଗ, ଏସ୍.ସି.ବି. ମେଡ଼ିକାଲ
କଲେଜ, କଟକ, ଓଡ଼ିଶା,
ମୋ : ୯୪୩୭୦୫୧୯୫୭

## ସଂପାଦକଙ୍କୁ ପତ୍ର

### ଯୁଗ୍ମ ରାଜଧାନୀର ମାନ୍ୟତା ସମ୍ଭବ କି ?

ମହାଶୟ,

ହଜାର ବର୍ଷର କଟକ ସହର ଓଡ଼ିଶାର ପୂର୍ବତନ ରାଜଧାନୀ ଥିଲା । ବହୁ ସ୍ୱାଧୀନତା ସଂଗ୍ରାମୀ ଏଠାରେ ଦେଶର ସ୍ୱାଧୀନତା ପାଇଁ ନେତୃତ୍ୱ ନେଇଥିଲେ । ସୁବାଷ ବୋଷ,ଙ୍କ ବ୍ୟତୀତ ହରେକୃଷ୍ଣ ମହତାବ, ବୀରେନ ମିତ୍ର,ନବ କୃଷ୍ଣ ଚୌଧୁରୀ, ବିଜୁ ପଟ୍ଟନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ଙ୍କର କଟକ କର୍ମ ଭୂମି ଥିଲା । ବହୁ ସାହିତ୍ୟିକ କଳାକାର ଏଠାରେ ଜନ୍ମଲାଭ କରି ଓଡ଼ିଶାର ସୁନାମ ଆଣିଛନ୍ତି । କଟକରେ ହାଇକୋର୍ଟ, ବୋର୍ଡ ଅଫ ରେଭେନେନ୍ୟୁ, ପୋଲିସ ମୁଖ୍ୟ କାର୍ଯ୍ୟାଳୟ, ଶିଳ୍ପ ଓ ମତ୍ସ୍ୟ ପଶୁପାଳନ ନିର୍ଦ୍ଦେଶାଳୟ ଆଦି ଗୁରୁତ୍ୱପୂର୍ଣ୍ଣ ଅଫିସ ରହିଛି । ଏଠାରେ କେତେକ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିବା ବାଞ୍ଛନୀୟ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି । ଥିଙ୍କର୍ଷ କ୍ଲବ୍ ର ୬୯ ତମ ଆଭାସି ଆଲୋଚନା ଉପୋରକ୍ତ ବିଷୟରେ ଅନୁଷ୍ଠିତ ହୋଇଯାଇଛି । ତ୍ରିପୁରାର ପୂର୍ବତନ ମୁଖ୍ୟଶାସନ ସଚିବ ଶ୍ରୀ ସଞ୍ଜୟ ପଣ୍ଡା, ସୁପ୍ରିମ କୋର୍ଟ ଆଡଭୋକେଟ ସୋମ୍ୟାଜିତ ପାଣି, ଶୁଭଶ୍ରୀ ନନ୍ଦ,ଡ଼ ନନ୍ଦନନ୍ଦନ ଦାସ, ପ୍ରଫେସର ଉମାଶଙ୍କର ମିଶ୍ର,ପୂର୍ବାଞ୍ଚଳ ଶାନ୍ତି କମିଟି ର ସଭାପତି ବିଜୟ ସାହୁ ଆଲୋଚନାରେ ଅଂଶ ଗ୍ରହଣ କରି ଯୁଗ୍ମ ସହରରେ ଯୁଗ୍ମ ରାଜଧାନୀର ମାନ୍ୟତା ପାଇଁ କଟକରେ କେତେକ ମନ୍ତ୍ରୀ ମାନଙ୍କର କାର୍ଯ୍ୟାଳୟ କାର୍ଯ୍ୟ କରିବା ଉଚିତ୍ ହେବ ବୋଲି ମତ ପ୍ରକାଶ କରିଥିଲେ । ଥିଙ୍କର୍ଷ କ୍ଲବ୍ ର ସଭାପତି ବରଦା ଦାସ ସଭା ଟିକୁ ସଂଯୋଜନା କରି ଏ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ । ଶେଷରେ ଦ୍ୱିପାୟନ୍ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ

ବରଦା ଦାସ
ସଭାପତି, ଥିଙ୍କର୍ସ କ୍ଲବ୍

# ବିଜୁଳି କାଟ ପାଇଁ ପ୍ରତିକାର କାହିଁ ?

**ଗଙ୍ଗାଧର ସାମଲ**

ଓଡ଼ିଶାରେ ଏପ୍ରିଲ ମାସରେ ଝାଞ୍ଜି ପ୍ରବାହ ଏକ ଅସ୍ୱାଭାବିକ ଘଟଣା । ଚଳିତ ବର୍ଷ ଏପ୍ରିଲ ମଧ୍ୟଭାଗରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇ ଏବେ ଝାଞ୍ଜି ପବନ ଆରମ୍ଭ ହୋଇଯାଇଛି । ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶା ପ୍ରଚଣ୍ଡ ଖରା ତାତିରେ ସିଝିବା ପରେ ଏବେ ଉପକୂଳ ଓଡ଼ିଶାରେ ତାତି ଅନୁଭବ ହେଉଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟର ଅଧିକାଂଶ ଅଞ୍ଚଳର ତାପମାତ୍ରା ୪୦ଡିଗ୍ରୀ ସେଲସିୟସ ଅତିକ୍ରମ କରିଛି ଏବଂ ସୋମବାରରୁ ଏହା ଦୁଇତିନି ଦିନ ଧରି ଆହୁରି ଅସହ୍ୟ ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇ ଦେଇଛି । ସୁତରାଂ ଜନଜୀବନ ଉପରେ ଏହାର ଗୁରୁତର ପ୍ରଭାବ ପଡୁଛି । ଏଭଳି ସ୍ଥିତିରେ କଂକ୍ରିଟ ଜଙ୍ଗଲରେ ପରିପୂର୍ଣ୍ଣ ସହରାଞ୍ଚଳ ଗୁଡ଼ିକର ଜନଜୀବନ ଅସ୍ୱାଭାବିକ ହୋଇପଡ଼ିଥିବା ବେଳେ ଏହା ଉପରେ ପୁଣି ବିଜୁଳି କାଟ ଓ ଲୋ ଭୋଲଟେଜ ସମସ୍ୟା ସହରୀ ଜୀବନକୁ ଦୁର୍ବିସହ କରିଦେଇଛି । ପାଣିପାଗର ଏହି ଅସ୍ୱାଭାବିକତାର ଏକ ନିର୍ଦ୍ଦିଷ୍ଟ କାରଣ ରହିଛି, ଯାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଏପ୍ରିଲ ମାସରେ ଯେଉଁ ଖରାଦିନିଆ ବର୍ଷା ଓ କାଳବୈଶାଖୀ ହୁଏ, ଏ ବର୍ଷ ତାହା ଏ ପର୍ଯ୍ୟନ୍ତ ଦେଖାଯାଇନାହିଁ । ଆହୁରି ମଧ୍ୟ ଦକ୍ଷିଣ ଦିଗରୁ ରାଜ୍ୟକୁ ଆସୁଥିବା ସାମୁଦ୍ରିକ ଶୀତଳ ପବନ ପ୍ରବାହ ମଧ୍ୟ କେତେକ ପ୍ରାକୃତିକ କାରଣରୁ ଦୁର୍ବଳ ହୋଇପଡ଼ିଛି । ତେଣୁ ତାପମାତ୍ରା ବଢ଼ିବାରେ ଲାଗିଛି । ଏଥିସହିତ ପଶ୍ଚିମା ଉତ୍ତପ୍ତ ବାୟୁର ଆଗୁଆ ପ୍ରବାହ ଓଡ଼ିଶାକୁ ଏକ ତତଲା କଡ଼େଇରେ ପରିଣତ କରିଛି । ଏକେତ ବିଶ୍ୱ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓଡ଼ିଶା ଉପରେ ପଡୁଛି । ପ୍ରାକୃତିକ ପରିବେଶର ଅବକ୍ଷୟ ମଧ୍ୟ ପରିସ୍ଥିତିକୁ ଆହୁରି ଜଟିଳ କରିବାରେ ଲାଗିଛି । ତେଣୁ ନିକଟ ଭବିଷ୍ୟତରେ ବର୍ଷା ନ ହେଲେ ମେ ମାସ ବେଳକୁ ଅବସ୍ଥା ସାଂଘାତିକ ହୋଇପାରେ । ପ୍ରାୟ ଦୁଇଦଶନ୍ଧି ତଳର ଅଂଶୁଘାତ ମୃତ୍ୟୁ ବିଭୀଷିକା ଓଡ଼ିଶାବାସୀ ଭୁଲି ନାହାନ୍ତି । ସେଥର ମଧ୍ୟ ଖରାଦିନେ ବର୍ଷା ଆଦୌ ନ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ତାପମାତ୍ରା ଏକ ସ୍ଥାନୀୟ ଘଟଣା । ଏହା ସ୍ଥଳବିଶେଷରେ କେତେକ ସ୍ଥାନରେ ଅଧିକ ଆଉ କେତେକ ସ୍ଥାନରେ କମ ଅନୁଭୂତ ହୁଏ । ଏବେ କିନ୍ତୁ ସମଗ୍ର ଓଡ଼ିଶାରେ ଅତ୍ୟଧିକ ତାତି ଓ ଝାଞ୍ଜି ଅନୁଭୂତ ହେବା ଆମ ଜଳବାୟୁ ଓ ପାଣିପାଗ ବିଶେଷଜ୍ଞଙ୍କୁ ଚିନ୍ତାରେ ପକାଇଛି । ଏଭଳି ଅସ୍ୱାଭାବିକ ଘଟଣା ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି ଓ ପ୍ରୟାସକୁ ତତ୍ପର କରିବ ବୋଲି ଆଶା । ତାପମାତ୍ରା ବୃଦ୍ଧି ସହିତ ଆଉ ଏକ ସମସ୍ୟା ହେଲା ସରକାରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଏବେ ରାଜ୍ୟର ଅନେକ ଅଞ୍ଚଳରେ ଜଳକଷ୍ଟ ଉତ୍କଟ ହୋଇଛି । ଅନେକ ସ୍ଥାନରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପମାନ ସମ୍ପୂର୍ଣ୍ଣ ହୋଇ ନଥିବା ବେଳେ ଆଉ କେଉଁଠି ବିଜୁଳି ବିଭ୍ରାଟ ଯୋଗୁଁ ଜଳଯୋଗାଣ ବ୍ୟାହତ ହେଉଥିବାର ଖବର ମିଳୁଛି । ଉଭୟ ଗ୍ରାମ ଓ ସହରାଞ୍ଚଳରେ ସମାନ ସମସ୍ୟା ଦେଖାଦେଇଛି । ଆଶା କରିବା, ଜିଲ୍ଲା ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେଇ ଲୋକଙ୍କୁ ପିଇବା ପାଣି ଆବଶ୍ୟକ ମୁତାବକ ଯୋଗାଇବେ । ଅବଶ୍ୟ ପ୍ରାକୃତିକ ଜଳାଶୟ, ଜଳ ଉତ୍ସ ଆଦି ଶୁଖି ଯିବାରୁ ସମସ୍ୟା ଗୁରୁତର ହେଉଛି । ତଥାପି ସ୍ୱତନ୍ତ୍ର ପଦକ୍ଷେପ ଜରିଆରେ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ପ୍ରଶାସନକୁ ଆଶୁ ପଦକ୍ଷେପ ନେବାକୁ ପଡ଼ିବ । ରାଜ୍ୟରେ ଗ୍ରୀଷ୍ମ ଲହରି ଆରମ୍ଭ ହୋଇଯାଇଥିବାରୁ ଏଭଳି ସମୟରେ ସ୍କୁଲ କଲେଜ ଆଦି ଶିକ୍ଷାନୁଷ୍ଠାନକୁ ଖୋଲା ରଖି ପାଠପଢ଼ା ଚାଲୁ ରଖିବା କେତେ ଦୂର ଯୁକ୍ତିଯୁକ୍ତ ତା ଉପରେ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଅଭିଭାବକ ମହଲରୁ ପ୍ରଶ୍ନ ଉଠିଛି । ଏ ଦିଗରେ ଗଣଶିକ୍ଷା ବିଭାଗ ଗୁରୁତ୍ୱ ସହ ଚିନ୍ତା କରୁଥିବା ଜଣାପଡୁଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଖରାଛୁଟି ସମୟ ପରିବର୍ତ୍ତନ ହୋଇପାରେ ବୋଲି ମଧ୍ୟ ସୂଚନା ମିଳିଛି । କାରଣ ପରିସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ସବୁସ୍ତରରେ ପୂର୍ବପ୍ରସ୍ତୁତି ନିହାତି ଆବଶ୍ୟକ । ଏହି ପ୍ରଚଣ୍ଡ ଗ୍ରୀଷ୍ମରେ ବିଜୁଳିର ଗୁରୁତ୍ୱ କେତେ ଅଧିକ ତାହା କହିବା ନିଷ୍ପ୍ରୟୋଜନ । ବିଡ଼ମ୍ବନା ହେଉଛି ରାଜ୍ୟର ବିଦ୍ୟୁତ ଆବଣ୍ଟନକାରୀ କମ୍ପାନୀ ଓ କର୍ତ୍ତୃପକ୍ଷ ଘୋଷିତ ବିଜୁଳି କାଟ ଆରମ୍ଭ କରିଦେଇଛନ୍ତି । ଅନେକ ସ୍ଥାନରେ ଦୀର୍ଘ ସମୟ ଧରି ଅଘୋଷିତ ବିଜୁଳି କାଟ ହେଉଥିବା ଅଭିଯୋଗମାନ ମଧ୍ୟ ଆସୁଛି । ଯେଉଁ ସମୟତକ ବିଜୁଳି ମିଳୁଛି ତାହା ମଧ୍ୟ ଅତ୍ୟନ୍ତ ନିମ୍ନମାନର । ସେଥିରେ ଲୋ ଭୋଲଟେଜ ସମସ୍ୟା ରହୁଛି । ବିଦ୍ୟୁତ କର୍ତ୍ତୃପକ୍ଷ ସଫେଇ ଦେଉଛନ୍ତି ଯେ ଚାହିଦା ମୁତାବକ ବିଜୁଳି ଉତ୍ପାଦିତ ହେଉ ନଥିବାରୁ ସେମାନେ ବରାଦ ଅନୁସାରେ ତାହା ପାଉ ନାହାଁନ୍ତି । ତେଣୁ ବିଜୁଳି କାଟ ଓ ଲୋ ଭୋଲଟେଜ ସମସ୍ୟା ରହିବ । ଅବଶ୍ୟ ବର୍ଷା ଅଭାବ ଓ କୋଇଲା ସଙ୍କଟ ଯୋଗୁଁ ରାଜ୍ୟରେ ଉଭୟ ଜଳ ଓ ତାପଜ ବିଦ୍ୟୁତ ଉତ୍ପାଦନ ହ୍ରାସ ପାଇଛି । ଅପରପକ୍ଷରେ ଖରାଦିନେ ବିଜୁଳି ଚାହିଦା ବଢ଼ିଛି । ତେଣୁ ବିଜୁଳି କାଟ କରିବା ଅନୁଚିତ । ଏହା ବ୍ୟାବସାୟିକ ସାଧୁତା ନୁହେଁ । ଚୁକ୍ତି ମୁତାବକ ସେମାନେ ଉପଭୋକ୍ତାଙ୍କୁ ଉତ୍ତମ ମାନର ବିଜୁଳି ନିରନ୍ତର ଯୋଗାଇବାକୁ ବାଧ୍ୟ । ଓଡ଼ିଶା ବିଜୁଳି ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ । ଜାତୀୟ ଗ୍ରୀଡ଼ ଓ ଅନ୍ୟ ରାଜ୍ୟକୁ ବିଜୁଳି ଦିଆଯାଉଥିବାବେଳେ ଓଡ଼ିଶାବାସୀ କାହିଁକି କଷ୍ଟ ଭୋଗିବେ ? ବିଦ୍ୟୁତ ସଂସ୍କାର ପାଇଁ ବିପୁଳ ଅର୍ଥ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି । ଏଥିରେ ଗ୍ରୀଡ଼ ସଂଯୋଗ, ସରବରାହ ଲାଇନର ରକ୍ଷଣାବେକ୍ଷଣ, ନୂଆ ଟ୍ରାନ୍ସଫର୍ମର ବସାଇବା ଏବଂ ପରିବହନ କ୍ଷତିକୁ ହ୍ରାସ କରିବା ଆଦି ଯୋଜନା ରହିଛି । କିନ୍ତୁ ସମ୍ପୃକ୍ତି ବିତରକ କମ୍ପାନୀମାନେ ଉପଭୋକ୍ତାଙ୍କ ସ୍ୱାର୍ଥପ୍ରତି ଆଖିବୁଜି ଦେଇ ମନଇଚ୍ଛା ବେପାର କରୁଛନ୍ତି । ଜଣେ ଖାଉଟି ଠାରୁ ସମ୍ପୃକ୍ତ କମ୍ପାନୀ ବିଭିନ୍ନ ଶୁଳ୍କ ଆକାରରେ ଏବେ ପାଖାପାଖି ୧୦୦ ଟଙ୍କା ଏବଂ ମିଟର ବାବଦରେ ଚଢ଼ା ଭଡ଼ା ଆଦାୟ କରୁଛନ୍ତି । ଉପଭୋକ୍ତାଙ୍କ ଦାବି ସତ୍ତ୍ୱେ ସେମାନଙ୍କୁ ଅନୁମୋଦିତ ନିଜସ୍ୱ ମିଟର ବ୍ୟବହାର ପାଇଁ ସୁଯୋଗ ଦିଆଯାଉନାହିଁ । ଗୋଟିଏ ବିଜୁଳି ମିଟରର ବଜାର ମୂଲ୍ୟ ସର୍ବାଧିକ ୧୫୦୦ ଟଙ୍କା । ଅଥଚ ବିଜୁଳି ବିତରକ ସଂସ୍ଥା ନିଜସ୍ୱ ପୁରୁଣାକାଳିଆ ମିଟର ଦେଇ ବର୍ଷ ବର୍ଷ ଧରି ଗ୍ରାହକମାନଙ୍କ ଠାରୁ ମାସିକ ୪୦ ଟଙ୍କା ଲେଖାଏଁ ଭଡ଼ା ଆଦାୟ କରୁଛନ୍ତି । ଏହା ଖାଉଟିଙ୍କୁ ସିଧା ଶୋଷଣ କହିଲେ ଅତ୍ୟୁକ୍ତି ହେବନାହିଁ । ବିଜୁଳିର ଏହି ହୁଗୁଳା ଶାସନରେ ସରକାର ଓ ନିୟାମକ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ପ୍ରତିକାର ବ୍ୟବସ୍ଥା କରିବା ଏକାନ୍ତ ଜରୁରୀ । ତା'ନହେଲେ ଜନଅସନ୍ତୋଷ ତୀବ୍ର ହେବ । ଲୋକେ ଏହି ଅସୁବିଧା ପାଇଁ କମ୍ପାନୀ ଅପେକ୍ଷା ସରକାରଙ୍କୁ ଅଧିକ ଦୋଷ ଦେବେ । ସରକାର ଏଥିପ୍ରତି ସଚେତନ ରୁହନ୍ତୁ ।

ମାଣିକପାଟଣା, ଆଳି,
କେନ୍ଦ୍ରାପଡ଼ା,
ମୋ : ୯୪୩୭୨୨୬୬୪୭

### ଦିନକୁ ଦିନ ବୃଦ୍ଧି ପାଉଛି ଗ୍ରୀଷ୍ମ ପ୍ରକୋପ

# ପ୍ରଶାସନ ପକ୍ଷରୁ ଖୋଲାଯାଇ ପାରିଲାନି ଜଳଛତ୍ର



ଖପ୍ରାଖୋଲ, (ପିପିଏସ୍): ଦିନକୁ ଦିନ ବୃଦ୍ଧି ପାଉଛି ଗ୍ରୀଷ୍ମ ପ୍ରକୋପ। ସକାଳ ୮ ଟାରୁ ଗ୍ରୀଷ୍ମପ୍ରବାହ ଏତେ ମାତ୍ରାରେ ହେଉଛି ଯେ ଘର ବାହାରକୁ ବାହାରିବା କଷ୍ଟସାଧ ହୋଇପଡୁଛି। ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି ହେଲେ ଫଳ ଶୂନ। ଅସହ୍ୟ ହେଲାଣି ରୌଦ୍ର ତାପ। ଅସହ୍ୟ ଖରାରେ ଛତା କିମ୍ବା ଓଦା ଗାମୁଛା ନେନେଇ ବାହାରକୁ ବାହାରିବା କଷ୍ଟ ହୋଇପଡୁଛି। ଗତ କିଛି ଦିନ ହେବ ଏପରି ଅବସ୍ଥା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଦେଖିବାକୁ ମିଳିଛି। ଗ୍ରୀଷ୍ମର ପ୍ରକୋପ ଯୋଗୁଁ ଅଂଶୁଘାତ ଜନିତ ମୃତ୍ୟୁ ମଧ ଦୁଇ ଦିନ ତଳେ ଖପ୍ରାଖୋଲ ଅଞ୍ଚଳରେ ଦେଖିବାକୁ ମିଳିଛି। ଗତ କିଛିଦିନ ହେଲାଣି ତାପମାତ୍ରା ପ୍ରାୟ ୪୨ ଡିଗ୍ରୀ ରହୁଥିବାବେଳେ ଆଗକୁ ପାରଦ ବଢିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସକାଳ ୮ ଟାରୁ ସୂର୍ଯ୍ୟର ପ୍ରକୋପ ବଢିବା ସହ ମୁଣ୍ଡ ଫଟା ଖରା ଜନ ଜୀବନକୁ ଅସ୍ତବ୍ୟସ୍ତ କରୁଛି। ମାର୍ଚ୍ଚ ମାସ ଆରମ୍ଭରୁ ଏଠାରେ ଖରାର ପ୍ରକୋପ ଦେଖାଦେଲାଣି । କିନ୍ତୁ ପ୍ରସାଶନ ପକ୍ଷରୁ ଖରା ଦାଉରୁ ଲୋକଙ୍କୁ ରକ୍ଷା କରିବା ପାଇଁ କୌଣସି ଆନୁସାଙ୍ଗିକ ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇ ନାହିଁ । ଖପ୍ରାଖୋଲ ବସ ଷ୍ଟାଣ୍ଡରେ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ନ ଥିବାବେଳେ କୌଣସି ସ୍ଥାନରେ ଜଳ ଛତ୍ର ମଧ ଏପର୍ଯ୍ୟନ୍ତ ଖୋଲାଯାଇ ନାହିଁ। ଯାହାଫଳରେ ଯାତ୍ରୀମାନେ ପାଣି ମୁନ୍ଦେ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ କିଛି ବର୍ଷ ହେବ ଖପ୍ରାଖୋଲ ଠାରେ ତିନୋଟି ଜଳଛତ୍ର ଖୋଲାଯାଉଥିବା ବେଳେ ଏଥର ଜଳଛତ୍ର ନାମରେ ଖପ୍ରାଖୋଲ ବସଷ୍ଟାଣ୍ଡ ଠାରେ ପାଣି ପାଇଁ ଗୋଟିଏ କୁଡ଼ିଆ ତିଆରି କରି ଲୋକଙ୍କୁ ଭାଁ ବୁଲାଉଛି ପ୍ରଶାସନ। ବସ୍ ରହଣି ସ୍ଥାନରେ ଜଳଛତ୍ର କିମ୍ବା ନଳ କୂପ ନଥିବାରୁ ସାଧାରଣ ଗରିବ ଲୋକେ ପାଣି ବୋତଲ କିଣିବାକୁ ବାଧ ହେଉଛନ୍ତି। ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ପଥଚାରୀମାନେ ଏମିତିକି ବିଭିନ୍ନ ଅଫିସ ଓ ଅନ୍ୟାନ୍ୟ କାମରେ ଆସୁଥିବା ଲୋକେ ମଧ ପାନୀୟ ଜଳ ଟୋପେ ପାଇଁ କଲବଲ ହେଉଛନ୍ତି। ଗ୍ରୀଷ୍ମ ଋତୁ ଆସିଲେ ରାଜ୍ୟ ସରକାର ତୃଷା ମେଣ୍ଟାଇବା ପାଇଁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିଥାନ୍ତି। ହେଲେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ୨୧ଟି ପଞ୍ଚାୟତ ମଧ୍ୟରୁ କାଁ ଭାଁ କିଛି ସ୍ଥାନରେ ଜଳଛତ୍ର ଦେଖିବାକୁ ମିଳିଥିବା ବେଳେ ଖପ୍ରାଖୋଲ ସଦର ଠାରେ ଆଜି ପର୍ଯ୍ୟନ୍ତ ସରକାରୀ ସ୍ତରରେ ଜଳଛତ୍ର ଖୋଲାଯାଇନଥିବା ଦେଖିବାକୁ ମିଳୁଛି। ଅଂଶୁଘାତ ମୁକାବିଲା ପାଇଁ ଆବଶ୍ୟକ ମୁତାବକ ପଦକ୍ଷେପ ନେବା ପାଇଁ ପ୍ରଶାସନର ଦାୟିତ୍ୱ ରହିଛି। ଏପରିକି ପଞ୍ଚାୟତ କର୍ତ୍ତୃପକ୍ଷ ମଧ ନିଜ ନିଜ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା ନିୟମ ରହିଛି ହେଲେ ଏଠାରେ ମାର୍ଚ୍ଚ, ଏପ୍ରିଲ ମାସ ସରି ମେ ମାସ ସାରିବାକୁ ହେଲାଣି ତଥାପି ଖପ୍ରାଖୋଲ ସଦର ମହକୁମା ଠାରେ ଏପର୍ଯ୍ୟନ୍ତ ଜଳଛତ୍ର ଖୋଲାଯାଇ ନଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଆଇଏମ୍‌ଡି ଅନୁସାରେ ଏବର୍ଷ ମୌସୁମୀ କେରଳକୁ କିଛି ଦିନ ପରେ ଆସିବ ବୋଲି ପୂର୍ବାନୁମାନ କରିଥିବା ବେଳେ, ଏହିପରି ଭୀଷଣ ଗ୍ରୀଷ୍ମ ପ୍ରବାହ କୁ ଦେଖି ପ୍ରଶାସନ କଣ ପଦକ୍ଷେପ ନେଉଛି ଦେଖିବାକୁ ବାକି ରହିଲା।



# ଟାଉନ ଓ ହାଟ ମଝିରେ ଦେଶୀ ମଦ ପାଉଚର ଖୁଲମ୍‌ଖୁଲା କାରବାର



ଭବାନୀପାଟଣା। (ପିପିଏସ୍): ବାଇଆମ୍ବର ଲୋକଙ୍କ ଅଭିଯୋଗ ପରେବି ସହର ମଝିରେ ଦେଶୀ ମଦର କାରବାର ବନ୍ଦ ହଉନି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ମାଂସ ବଜାର ଓ ସାପ୍ତାହିକ ବଜାରରେ ନିୟମିତ ଭାବରେ ମଦ ପାଉଚ ବ୍ୟବସାୟ କରାଯାଉଅଛି। ଏହାର ଅଭିଯୋଗ ଗତ ବର୍ଷ କରାଯାଇଥିଲା ସେହି ସମୟରେ ଭବାନୀପାଟଣା ଟାଉନ ଥାନା ସହଯୋଗରେ ପୌର ପରିଷଦ ଅଧକ୍ଷା, ଉପାଧ୍ୟାକ୍ଷ ଓ କାଉନସିଲରଙ୍କ ନେତୃତ୍ୱରେ ସାପ୍ତାହିକ ପରିବା ବଜାର ଚଢ଼ାଉ କରାଯିଥିଲା। ଚଢ଼ଉ ସମୟରେ ବସ୍ତା ବସ୍ତା ମଦ ପାଉଚ ଜବତ କରାଯାଇଥୁଲା। ହେଲେ କିଛିଦିନ ପରେ ପୁଣି ଥରେ ସେହି ଜାଗାରେ ମଦ ପାଉଚ କାରବାର ଆରମ୍ଭ ହୋଇଯାଇଥିଲା। ଆଉ ଏବେ ପର୍ଯ୍ୟନ୍ତ ସେହି ଜାଗାରେ ମଦ ବିକ୍ରି ଚାଲିଛି। ସମସ୍ତଙ୍କ ନଜରରେ ଥାଇ ମଧ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କରଯାଉନାହଁ। ଏହା ପରେ ଭବାନୀପାଟଣା ଷ୍ଟଡିଅମ ପାଖ ହନୁମାନ ମନ୍ଦିରରୁ ପାଖ ପାଖି ୧୦୦ ମିଟର ଦୂରରେ ଚୁରିହାରୀ ପଡ଼ାରେ ମଧ ଦେଶୀ ମଦ ପାଉଚର ବ୍ୟବସାୟ ଖୁଲେଆମ ଚାଲିଛି। ଭବାନୀପାଟଣା ନବ ନିର୍ମିତ ବସ ଷ୍ଟାଣ୍ଡ ସାମ୍ନାରେ କାଳୀ ମନ୍ଦିରରୁ ପାଖା ପାଖି ୧୦୦ମିଟର ଦୂରରେ ଦିନ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦେଶୀ ମଦ ପାଉଚର କାରବାର ରାସ୍ତାକଡରେ ଖୁଲେଆମ ଚାଲିଛି। ଭବାନୀପାଟଣା ସହରର ମଝିରେ ଥିବା ୱାର୍ଡ ନଂ ୧୭ ରେ ଭାଟି କୁ ନେଇ ପଡ଼ାଭିତରୁ ଯାଉଥୁବା ମଦଭାଟିର ଗେଟରୁ ବାହାରି ନିଶାଖୋର ମାନେ ଅଶ୍ଳୀଳ ଭାବର ଗାଳିଗୁଲଜକୁ ନେଇ ସ୍ଥାନୀୟ ମହିଳାଙ୍କ ବାରମ୍ବାର ଅଭିଯୋଗକୁ ମଧ ଶୁଣାଯାଉନାହଁ। ସେହିପରି ଗୋଦାମପଡ଼ା, ଛେଦା ପଡ଼ା, ପରମାନନ୍ଦପୁର ପାଖ ମାଂସ ଦୋକାନ ଓ ହିଲ ଟାଉନ ପେଟ୍ରୋଲ ପମ୍ପ ସାମ୍ନାରେ ମଦ ପାଉରେ କାରବାର ଚାଲିଛି। ପାଖପାଖି ସହରର ପ୍ରତ୍ୟେକ ପଡ଼ାରେ ମଦ ପାଉଚର କାରବାର ଚାଲିଛି। ଯାହା ଫଳରେ ମଦୁଆଙ୍କ ସଂଖ୍ୟା ବଢ଼ି ଚାଲିଛି। କମ ବୟସର ପିଲାମାନେ ମଧ ନିଶା କରିବାରେ ଅଭ୍ୟସ୍ତ ହେଲେଣି। ଯାହା ଫଳରେ ସମାଜରେ ଖରାପ ପ୍ରଭାବ ପଡୁଛି। ଏତେ ମାତ୍ରାରେ ସହରରେ ଦେଶୀ ମଦ ପାଉଚର କାରବାର ହେଉଥିଲେ ମଧ ଏହାକୁ ବନ୍ଦ କରିବାର ପ୍ରୟାସ କେହି କରିପାରୁନାହାନ୍ତି।



# ରୁଗ୍ଣ ପତ୍ନୀଙ୍କ ସେବା ପାଇଁ ଅର୍ଥ ବାଧକ, ସହାୟତା ପ୍ରାର୍ଥନା



ପାରଳାଖେମୁଣ୍ଡି, (ପିପିଏସ୍) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରବନ୍ଧ ଗ୍ରାମର ଜଣେ ଗରୀବ ଶ୍ରେଣୀର ମହିଳା ରଗୁଣ ହୋଇପଡିଛନ୍ତି । ତାଙ୍କ ସେବାପାଇଁ ଅର୍ଥ ବାଧକ ସାଜିଥିବାର ଜଣାପଡିଛି । ଏନେଇ ତାଙ୍କ ପତି ସହାୟତା ପାଇଁ ନିବେଦନ କରିଛନ୍ତି । ସୂଚନା ପ୍ରକାରେ ଗାରବନ୍ଧ ଗ୍ରାମର ସୁବାଷ ଜାନୀ ଜଣେ ପମ୍ପ ଡ୍ରାଇଭର ଭାବେ ପଞ୍ଚାୟତ କାର୍ଯ୍ୟାଳୟରେ ନିୟୋଜିତ ଅଛନ୍ତି । ତାଙ୍କର ଧର୍ମପତ୍ନି ମୋହିନୀ ଜାନୀ (୪୮)ଙ୍କ ଗତ ମାର୍ଚ୍ଚମାସରେ ମସ୍ତିଷ୍କଘାତ (ବ୍ରେନ ହେମ୍ରେଜ)ର ଶିକାର ହୋଇ ସମ୍ପୂର୍ଣ୍ଣ ସଂଜ୍ଞାହୀନ ହୋଇପଡି ରହିଛନ୍ତି । ବିଏସ୍ ?କେୱାଇ କାର୍ଡ ରହିଛି । ମସ୍ତିଷ୍କାଘାତ ଚିକିତ୍ସା ନିମନ୍ତେ ଆନ୍ଧ୍ରର ବିଶାଖାପାଟଣା ଠାରେ ଥିବା ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଏବଂ ବିଏସ୍ ?କେୱାଇ କାର୍ଡ ମାଧ୍ୟମରେ ଚିକିତ୍ସାପାଇଁ ଅନୁରୋଧ କରିଥିଲେ । ହେଲେ ଡାକ୍ତରଖାନା କର୍ତ୍ତୃପକ୍ଷ ଉଲ୍ଲେଖିତ କାର୍ଡ କେବଳ ଅସ୍ତ୍ରପ୍ରଚାରରେ ହିଁ ବ୍ୟବହୃତ ହେବ ଏବଂ ଆପଣଙ୍କ ସ୍ତ୍ରୀଙ୍କ ଅସ୍ତ୍ରପ୍ରଚାର ହୋଇପାରିବ ନାହିଁ । ଏକ ବର୍ଷ ଛଅ ମାସ ପର୍ଯ୍ୟନ୍ତ ଏପରି ରହିବ। କେବଳ ଫିଜିଓଥିଅରଫି ହିଁ ଏକମାତ୍ର ଚିକିତ୍ସା ବୋଲି କହିବା ସହ ଏକ ବର୍ଷ ଛଅ ମାସ ପରେ ଦେଖିବା ବୋଲି କହି ପଠାଇଦେଇଥିଲେ । ରଗୁଣ ପତ୍ନୀଙ୍କୁ ଗାରବନ୍ଧ ସ୍ଥିତ ନିଜ ବାସଭବନକୁ ନେଇ ଆସିବା ପରେ ତାଙ୍କର ଆବଶ୍ୟକ ସେବା କରୁଛନ୍ତି ସୁବାଷଙ୍କ ପରିବାର । ହେଲେ ଔଷଧ କ୍ରୟ କରିବା, କିମ୍ବା ତାଙ୍କର ଅନ୍ୟାନ୍ୟ ସେବା କରିବାପାଇଁ ହାତରେ ଟଙ୍କା ନାହିଁ ବୋଲି ଭାବବିହ୍ୱଳ ହୋଇ କହିଛନ୍ତି । ମାସିକ ଦରମା କେବଳ ଦୁଇ ହଜାର ଟଙ୍କା ମିଳୁଥିବା ବେଳେ ଖବର କାଗଜ ବଣ୍ଟନ କରି ୯ଶହ ଟଙ୍କା ଉପାର୍ଜନ କରୁଥିଲେ । ହେଲେ ପତ୍ନୀଙ୍କ ଏପରି ଅବସ୍ଥା ଦେଖି ଖବରକାଗ ବାଣ୍ଟିବା ବନ୍ଦ କରିଦେଇଛନ୍ତି । ଦିବା ରାତ୍ର ନିଜ ପତ୍ନୀ ତଥା ପରିବାର ପ୍ରତିପୋଷଣ ପାଇଁ ଲାଗିପଡିଛନ୍ତି । ଏପଟେ ରୋଗଗ୍ରସ୍ତ ପତ୍ନି ସାଙ୍ଗକୁ ଦୁଇ ପଢୁଆ ଝିଅ ରହିଛନ୍ତି । ବଡ ଝିଅ ଡିଗ୍ରୀ କରି ବେକାର ହୋଇ ରହିଥିବା ବେଳେ ସାନ ଝିଅ ମାର୍ଚ୍ଚରେ ମାଙ୍କ ଦେହ ଅସୁସ୍ଥତା ଦେଖି +୨ ପରୀକ୍ଷା ଦେଇପାରିଲାନି । ଫଳରେ ତାଙ୍କର ପାଠ ପଢାରେ ଏକପ୍ରକାର ଅନିଶ୍ଚତା ହୋଇପଡିଛି । ତାଙ୍କର ସେବାରେ ଲାଗିପଡିଛନ୍ତି ଦୁଇ ଝିଅ ଏବଂ ସୁବାଷ । ଗୋଟିଏ ପଟେ ଅସୁସ୍ଥ ପତ୍ନୀ ଆଉ ଗୋଟେ ପଟେ ପରିବାର ପ୍ରତିପୋଷଣ କରିବା ଚିନ୍ତା ଘାରିଛି । ଏପରି ସ୍ଥଳେ ସେ ସରକାରୀ ସହାୟତା ଲୋଡିଛନ୍ତି । ପତ୍ନିଙ୍କ ସେବା ତଥା ଆବଶ୍ୟକୀୟ ଔଷଧ କିମ୍ବା ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିବାପାଇଁ ମୁସ୍କିଲ ହୋଇପଡୁଛି ବୋଲି କହିଛନ୍ତି ସୁବାଷ । ତେଣୁ କୌଣସି ସ୍ତରେ ମଧ ସହାୟତା ମିଳିଗଲେ ପତ୍ନୀଙ୍କ ସେବା କରିବା ଏବଂ ସୁସ୍ଥ ହେଲେ ହସଖୁସିରେ ପୁଣି ଦିନ କଟାଇବୁ ବୋଲି ଆଶାବନ୍ଧିଛନ୍ତି।

### ଖତ ଖାଉଛି ସରକାରୀ ଟଙ୍କା



# କାମରେ ଆସୁନି ଗୋଷ୍ଠୀ ଶୌଚାଳୟ



ଖପ୍ରାଖୋଲ, (ପିପିଏସ୍): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ସଦର ମହକୁମା ବସଷ୍ଟାଣ୍ଡ ପାଖରେ ଖପ୍ରାଖୋଲ ପଞ୍ଚାୟତ ତରଫରୁ ଯାତ୍ରୀ ଏବଂ ଜନସାଧାରଣଙ୍କ ସୁବିଧା ଓ ପରିମଳ ବ୍ୟବସ୍ଥାକୁ ସଫା ସୁତୁରା ରଖିବା ପାଇଁ ୨୦୨୧ ମସିହାରେ ୩ ଲକ୍ଷ୍ୟ ଅଟକଳ ପରିମାଣରେ ନିର୍ମିତ ଗୋଷ୍ଠୀ ଶୌଚାଳୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଆଜକୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ କାମକୁ ଆସୁନି କ୍ଷ ବର୍ତ୍ତମାନ ଶୌଚାଳୟର ଅବସ୍ଥାକୁ ଦେଖି ଲୋକେ କହୁଛନ୍ତି ଖତ ଖାଉଛି ସରକାରୀ ଟଙ୍କା। ସବୁ ସୁବିଧା ଥାଇ ମଧ ଏ ପର୍ଯ୍ୟନ୍ତ କାହିଁକି ଏହି ଶୌଚାଳୟ ଲୋକଙ୍କ କାମରେ ଆସୁନି ତାହା ବୁଝା ପଡୁନି। ବିଲ୍ଡିଙ୍ଗ ଠିକଠାକ ଅଛି ବିଲ୍ଡିଙ୍ଗ ଉପରେ ପାଣିଟାଙ୍କି ଅଛି କିନ୍ତୁ ଲୋକଙ୍କ କାମରେ ଆସୁନାହିଁ। ଶୁଣିବାକୁ ମିଳିଲା ଯେ ଗୋଷ୍ଠୀ ଶୌଚାଳୟ ଆରମ୍ଭ ହୋଇ କିଛି ଦିନ ଗଲାପରେ ରାତିରେ ଚୋର ମାନେ ପଶି ଭିତରେ ଲାଗିଥିବା ଲାଇଟ ଏବଂ ସାମାନ ପତ୍ର ଚୋରି କରି ନେଇଯାଇଥିଲେ। ପରେ କିଛି ଅସାମାଜିକ ଲୋକ ଶୌଚାଳୟ ଭିତରେ ମଦ ପିଇ ମଦ ବୋତଲ କୁ ଭିତରେ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ଶୌଚାଳୟକୁ ସଫା ସୁତୁରା ରଖିବା ପାଇଁ କୌଣସି ଲୋକକୁ ଦାୟିତ୍ୱ ନ ଦେଇଥିବାରୁ ତାହା ଏବେ ଅଳିଆ ଆବର୍ଜନା ଗୃହ ପାଲଟିଛି। ସେହିଦିନ ଠାରୁ ଗୋଷ୍ଠୀ ଶୌଚାଳୟ ଉପରେ ପ୍ରଶାସନ ର ସୁଦୃଷ୍ଟି ପଡିନି ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ବିଷୟ ଉପରେ ଆମେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଯେ ପୁଣି ଥରେ ସେହି ଗୋଷ୍ଠୀ ଶୌଚାଳୟ କୁ କାର୍ଯ୍ୟକ୍ଷମ କରାଯିବା ସହିତ ଖପ୍ରାଖୋଲ ଅଞ୍ଚଳରେ ଏମିତି ଅନେକ ସରକାରୀ ଜାଗାରୁ ଅସାମାଜିକ ବ୍ୟକ୍ତିମାନେ ପାଣି ଟ୍ୟାପ, ମଟର, ଇଲେକ୍ଟ୍ରି ଉପକରଣ ଚୋରି କରି ନେଉଛନ୍ତି ଏବଂ ଗୋଷ୍ଠୀ ଶୌଚାଳୟ କୁ ଭଲ ଭାବରେ ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନତାର ଆବଶ୍ୟକ ବୋଲି କହି ଦୁଃଖ ପ୍ରକାଶ କରିଥିଲେ।




### ବଡ଼ପୁଅ ମାନସିକ ରୋଗୀ, ମଝିଆ ପୁଅକୁ ବ୍ରେନ ଟ୍ୟୁମର

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ନୂଆପଡ଼ା, (ହି.ସ.): ବଡ଼ପୁଅ ମାନସିକ ରୋଗୀ, ମଝିଆ ପୁଅକୁ ବ୍ରେନ ଟ୍ୟୁମର। ଚିକିତ୍ସା ପାଇଁ ଅର୍ଥ ବାଧକ। ଢୋକେ ପିଇ ଦଣ୍ଡେ ଜିଉଁଛନ୍ତି ଚାରି ପ୍ରାଣୀ କୁଟୁମ୍ବ। ଆହା ସାହା ହେବାକୁ କେହିନାହିଁ। ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ମଖାପଦର ପଂଚାୟତର ଚଉଁରା ଗ୍ରାମର କପୁର ବନଛୋର। ବୟସର ଅପରାହ୍ନରେ ଠିଆ ହୋଇଥିବା ଏହି ମହିଳାଙ୍କ ଦୁଃଖ କହିଲେ ନସରେ।ତିନି ତିନିଟି ପୁଅର ମାଆ ହୋଇ ମଧ ସେ ଆଜି ଅସହାୟ। କାରଣ ତାଙ୍କର ବଡ଼ ପୁଅ ମାନସିକ ରୋଗୀ ହୋଇଥିବା ବେଳେ ମଝିଆ ପୁଅକୁ ବ୍ରେନ ଟ୍ୟୁମର। ସାନ ପୁଅ ଦାଦନ ଗଲେ ପରିବାର ଚଳେ। କୋଡିଏ ବର୍ଷ ତଳେ ସ୍ୱାମୀ ଦନାର ବନଛୋରଙ୍କ ମୃତ୍ୟୁ ଘଟିଲା। ଦନାର ମଖାପଦର ପଂଚାୟତରେ ପିଅନ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କର ମୃତ୍ୟୁ ପରେ କପୁରଙ୍କୁ ସେହି ପଂଚାୟତରେ ସ୍ୱିପର ପଦବୀରେ ରଖାଯାଇଛି। ଦରମା ମାସକୁ ମାତ୍ର ସାଢ଼େ ଚାରିଶହ ଟଙ୍କା। ତାହା ପୁଣି ଦୁଇ ତିନି ବର୍ଷରେ ଥରେ ମିଳେ।ମାସିକ ମିଳୁଥିବା ବିଧବା ଭତା ଓ କୋଡିଏ କିଲୋଗ୍ରାମ ରାସନ ହିଁ ଜୀବନ ଜିଇଁବାର ଏକମାତ୍ର ପନ୍ଥା।କପୁରଙ୍କ ବଡ଼ପୁଅ ରୂପଧର ଜନ୍ମରୁ ମାନସିକ ରୋଗୀ ତାଙ୍କୁ ବିଭିନ୍ନ ଡାକ୍ତରଖାନାରେ ଦେଖାଇଲେ ମଧ ସେ ଭଲ ହେଲେନି। ମଝିଆ ପୁଅ ଭୀମସେନ ଓ ସାନ ପୁଅ ପ୍ରଦୀପ କୁଲି ମଜୁରୀ କରି ପରିବାର ଚଳାଉଥିଲେ। କିନ୍ତୁ ଦଇବର ବିଧାନ ସେମାନଙ୍କ ପାଇଁ ଅଲଗା ଥିଲା ବୋଧହୁଏ। ଗତବର୍ଷ ଭୀମସେନଙ୍କ ମୁଣ୍ଡ ଭୀଷଣ ବ୍ୟଥା ହେବାକୁ ଲାଗିଲା। ତାଙ୍କୁ ଖଡ଼ିଆଳ ସ୍ଥିତ ମିଶନ ହସ୍ପିଟାଲରେ ଦେଖାଇବାରୁ ବ୍ରେନ ଟ୍ୟୁମର ହୋଇଥିବା ଜଣା ପଡିଲା।ସେଠାରେ ଚିକିତ୍ସା ବ୍ୟବସ୍ଥା ନଥିବାରୁ ଅନ୍ୟ ହସ୍ପିଟାଲକୁ ନେବାକୁ ପରାମର୍ଶ ଦେଇଥିଲେ କର୍ତୃପକ୍ଷ। ଅଭାବୀ କପୁରଙ୍କ ପାଇଁ ଲୁହ ଝରାଇବା ଛଡା ଅନ୍ୟ ଉପାୟ ନଥିଲା। କାରଣ ପୁଅକୁ ଚିକିତ୍ସା କରାଇବା ପାଇଁ ଫଟା ପାହୁଲା ଟାଏ ତାଙ୍କ ପାଖରେ ନଥିଲା। କିନ୍ତୁ ତାଙ୍କୁ ସହଯୋଗ କରିବାକୁ ଆଗେଇ ଆସିଲେ ଗ୍ରାମବାସୀ। ଗାଁ ଲୋକେ ଚାନ୍ଦା କରି ରାୟପୁର ସ୍ଥିତ ବାଲାଜି ହସ୍ପିଟାଲକୁ ଭୀମସେନକୁ ନେଇ ଭର୍ତି କରାଇଲେ। ସେଠାରେ ପନ୍ଦର ଦିନ ରହି ଅସ୍ତ୍ରୋପଚାର କରାଇ ଭଲ ଲାଗିବାରୁ ଘରକୁ ଫେରି ଆସିଲେ।ପୁଣି ମଝିରେ ଦୁଇଥର ସେହି ହସ୍ପିଟାଲରେ ଦେଖାଇଲେଣି। ଏବେ ପୁଣି ତାଙ୍କୁ ଭୀଷଣ ଦରଦ ସହ ଦୁଇ ତିନି ଦିନରେ ସେ ସଂଜ୍ଞାହୀନ ହୋଇ ପଡୁଛନ୍ତି। କିନ୍ତୁ ଅର୍ଥ ଅଭାବରୁ ଚିକିତ୍ସା ପାଇଁ ଯାଇ ପାରୁ ନାହାନ୍ତି। କପୁରଙ୍କ ସାନ ପୁଅ ପରିବାର ଚଳାଇବା ପାଇଁ ବର୍ଷର ଅର୍ଦ୍ଧାଧିକ ସମୟ ଆନ୍ଧ୍ରପ୍ରଦେଶ ଦାଦନ ଯାଆନ୍ତି। କପୁରଙ୍କ ପରିବାର ପାଖରେ ସ୍ମାର୍ଟ କାର୍ଡ ଥିଲେ ମଧ ତାହା କେମିତି କାମ ଦ୍ୱେ ସେମାନେ ଜାଣି ନାହାନ୍ତି। ସେ ସ୍ୱିପର ଭାବରେ କାମ କରୁଥିଲେ ମଧ ଠିକ ସମୟରେ ପାଉଣା ପାଉ ନାହାଁନ୍ତି।ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପ୍ରତି ପ୍ରଶାସନର ଏପରି ନୀତି ଅତୀବ ନିନ୍ଦନୀୟ। ତାଙ୍କୁ ଚିକିତ୍ସା ବ୍ୟବସ୍ଥା କରିବା ସହ ମାଆର ପଦବୀକୁ ନିୟମିତ କରିବାକୁ ଭୀମସେନ ଦାବି କରିଛନ୍ତି। ତାଙ୍କର ଚିକିତ୍ସା ବିଷୟରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ଇନଚାର୍ଜ ଡାକ୍ତର ଶ୍ରୀମାନ ସାହୁଙ୍କୁ ପଚାରିବାରୁ ସେ ନିଜେ ଯାଇ ତାଙ୍କୁ ଦେଖି ଆସିବେ ଓ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ନୂଆପଡ଼ା ପଠାଇ ଚିକିତ୍ସା ବ୍ୟବସ୍ଥା କରାଇବେ ବୋଲି କହିଛନ୍ତି।

# ୪ ମୋବାଇଲ୍ ଜବତ; ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରୁ ଲୁଟ୍‌ପାଟ୍ କରିଥିବା ୨ ଲୁଟେରାଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଧିରକୁଟ ବସ୍ତିର ପ୍ରଦୀପ ନାଏକ ଓ ରବି ସାହୁ । ପୁଲିସ ସୂଚନା ଅନୁଯାୟୀ, କବାଡ଼ିଆ ଦୋକାନ କରୁଥିବା ଶିବପ୍ରସାଦ ଗୁପ୍ତାଙ୍କ ମୋବାଇଲ ଝାମ୍ପି ନେଇଥିଲେ । ପରେ ଚୋରି ଫୋନ୍‌କୁ ଭଗବତୀ ବସ୍ତିରେ କମ୍‌ମୂଲ୍ୟରେ ବିକ୍ରି କରୁଥିବା ବେଳେ ପୁଲିସ ଟ୍ରାକିଂ କରି ପହଞ୍ଚିଯାଇଥିଲା । ସେଠାରୁ ୨ଜଣଙ୍କୁ କାବୁ କରିବା ସହ ୪ଟି ମୋବାଇଲ ଫୋନ୍ ଜବତ କରିଥିଲା ।

# ଟ୍ରେନ୍ ଧକ୍କାରେ ପୂଜକଙ୍କ ମୃତ୍ୟୁ

**ଭୁବନେଶ୍ୱର (ପିପିଏସ୍):** ଟ୍ରେନ୍ ଧକ୍‌କାରେ ଜଣେ ପୂଜକଙ୍କ ମୃତ୍ୟୁ ହୋଇଛି । ମୃତ ପୂଜକ ଜାଗମରରେ ରହୁଥିବା କେନ୍ଦ୍ରାପଡ଼ା ଗରଦପୁର ବ୍ଲକ ଅଧୀନ ପୁରୁଷୋତ୍ତମପୁର ଗ୍ରାମର ଜିତେନ୍ଦ୍ର କୁମାର ଦାଶ(୪୪) । ମୃତଦେହକୁ ଜିଆର୍‌ପି ଜବତ କରି ତଦନ୍ତ କରୁଛି । ଜିତେନ୍ଦ୍ର ଖଣ୍ଡଗିରିର ଜାଗମରା ଅଞ୍ଚଳରେ ରହି ବିଭିନ୍ନ ସ୍ଥାନରେ ପୂଜାକରି ଗୁଜୁରାଣ ମେଣ୍ଟାଉଥିଲେ । ଗତ ଶନିବାର ସକାଳୁ କୌଣସି ଏକ ଟ୍ରେନ ଧକ୍କାରେ ଲିଙ୍ଗରାଜ ଷ୍ଟେସନ ନିକଟରେ ରେଳ ଟ୍ରାକରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ଖବରପାଇ ଜିଆରପି ପୁଲିସ ମୃତ ଶରୀର ଉଦ୍ଧାର କରିଥିଲା । ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି ।

# ରାସ୍ତା କଡ଼ରୁ ନିର୍ମାଣ ସାମଗ୍ରୀ ଜବତ



**ଭୁବନେଶ୍ୱର (ପିପିଏସ୍):** ରାସ୍ତା କଡ଼ରେ ନିର୍ମାଣ ସାମଗ୍ରୀ ଓ ଘର ଭଙ୍ଗା ବର୍ଜ୍ୟ ଜମା କଲେ ବିଏମ୍‌ସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ଏହି କ୍ରମରେ ଆଜି ସହିଦନଗରରୁ ବିଏମ୍‌ସି ଦୁଇ ଟ୍ରିପ୍ ନିର୍ମାଣ ସାମଗ୍ରୀ ଜବତ କରିଛି । ରାସ୍ତା କଡ଼ରେ ଗଦା କରିଥିବା ମାଲିକଙ୍କୁ ୧୮ହଜାର ୫ଶହ ଟଙ୍କା ଜରିମାନା କରାଯାଇଛି । ଆବର୍ଜନାକୁ ନେଇ ବିଏମ୍‌ସି କଟକଣା କଡ଼ାକଡ଼ି କରିଛି । ଏଥିପାଇଁ ସତନ୍ତ୍ର ଟିମ୍ ରହିଥିବା ବେଳେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ବାହାରେ ଆବର୍ଜନା ବା ନିର୍ମାଣ ସାମଗ୍ରୀ ଗଦା ନ କରିବା ପାଇଁ ବିଏମ୍‌ସି ଅନୁରୋଧ କରିଛି ।

# ବିଷ ଦେଇ ନବବଧୂଙ୍କୁ ହତ୍ୟା ଅଭିଯୋଗ

**ଭୁବନେଶ୍ୱର (ପିପିଏସ୍):** ବିଷ ଦେଇ ନବବଧୂଙ୍କୁ ହତ୍ୟା କରାଯାଇଥିବା ନେଇ ଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଛି । ଏଭଳି ଘଟଣା ଲିଙ୍ଗରାଜ ଥାନା ସାମନ୍ତରାପୁରରେ ଦେଖିବାକୁ ମିଳିଛି । ମୃତ ନବବଧୂ ହେଲେ ମନୀଷା ନାହାକ(୨୮) । ଶ୍ୱଶୁର ମଙ୍ଗୁଲୁ ନାହାକଙ୍କ ଅଭିଯୋଗ ଆଧାରରେ ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଲିଙ୍ଗରାଜ ପଣ୍ଡାଙ୍କୁ ଅଟକ ରଖି ପଚରାଉଚରା କରୁଛି । କ୍ୟାପିଟାଲ ହସ୍ପିଟାଲରେ ମନୀଷାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଝିଅର ବାପା ମଙ୍ଗୁଲୁଙ୍କ ଅଭିଯୋଗ ଅନୁସାରେ, ୪ ବର୍ଷ ତଳେ ତାଙ୍କ ଝିଅ ମନୀଷାଙ୍କୁ ଭଲ ପାଇ ପ୍ରେମ ବିବାହ କରିଥିଲେ ଲିଙ୍ଗରାଜ । ମନୀଷାଙ୍କ ଘର ଆସିକା ହୋଇଥିବା ବେଳେ ଅଭିଯୁକ୍ତ ସାମୀ ଲିଙ୍ଗରାଜଙ୍କ ଘର ବାଲିପାଟଣା ଥାନା ଅଞ୍ଚଳରେ । ଉଭୟ ବିବାହ କରି ସାମନ୍ତରାପୁର ଛକରେ ରହୁଥିଲେ । ଲିଙ୍ଗରାଜ ଏକ ଘରୋଇ ସଂସ୍ଥାରେ ଚାକିରି କରି ପରିବାର ପ୍ରତିପୋଷଣ କରୁଥିଲେ । ଗତ ୨ମାସ ହେବ ଉଭୟଙ୍କ ମଧ୍ୟରେ ପାରିବାରିକ କଳହ ଲାଗିଥିଲା । ହେଲେ ଗତକାଲି ମନୀଷା ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ଲିଙ୍ଗରାଜ ଝିଅର ବାପାଙ୍କୁ ଜଣାଇଥିଲେ । ପ୍ରଥମେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଏମ୍ସରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ନେଇ ଝିଅର ବାପା ମଙ୍ଗୁଲୁ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀ ଲିଙ୍ଗରାଜ ଖାଇବାରେ ବିଷ ଦେଇ ହତ୍ୟା କରି ଏହାକୁ ଆତ୍ମହତ୍ୟାର ରୂପ ଦେଉଛନ୍ତି । ତାଙ୍କ ଝିଅକୁ ମାଡ଼ ମାରିବା ସହ ବିଭିନ୍ନ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ପୁଲିସ ୩୦୨ ଦଫା ଲଗାଇ ଲିଙ୍ଗରାଜଙ୍କୁ ଅଟକ ରଖିଛି ।

# ନିର୍ଯାତିତା ନାବାଳିକା ଉଦ୍ଧାର

**ଭୁବନେଶ୍ୱର (ପିପିଏସ୍):** ନିର୍ଯାତନାର ଶିକାର ହୋଇଥିବା ଜଣେ ନାବାଳିକାଙ୍କୁ ଅବସରପ୍ରାପ୍ତ ସରକାରୀ ଚାକିରିଆଙ୍କ ଘରୁ ଉଦ୍ଧାର କରାଯାଇଛି । ନାବାଳିକାଙ୍କୁ ସେଠାରେ ଅକଥନୀୟ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି । ମୈତ୍ରୀବିହାର ଥାନା ଏସ୍ ୧୨୬ରୁ ଏହି ନାବାଳିକାଙ୍କୁ ଉଦ୍ଧାର କରିଛି ଚାଇଲ୍ଡ ଲାଇନ୍ । ଦୁଃଖିଶ୍ୟାମ ପଣ୍ଡା ନାମକ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ ନାବାଳିକା । ଗତ ୨ମାସ ହେବ ସେ ନିର୍ଯାତନାର ଶିକାର ହେଉଥିଲେ । ତାଙ୍କୁ ସେଠାରେ ମାଡ଼ ମରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ନାବାଳିକାଙ୍କୁ ମାଡ ମରାଯିବା ସମୟରେ ସେ ଚିତ୍କାର କରୁଥିବା ପଡ଼ୋଶୀ ଜାଣି ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ । ଚାଇଲ୍ଡ ଲାଇନ୍ ଏନେଇ ଖବର ପାଇବା ପରେ ସେଠାରେ ଚଢ଼ଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲେ । ନିର୍ଯାତନା ଘଟଣାକୁ ଖଣ୍ଡନ କରିଛନ୍ତି ଦୁଃଖିଶ୍ୟାମ୍‌ଙ୍କ ପତ୍ନୀ ସୁଷମା ପଣ୍ଡା । ସେ କହିଛନ୍ତି ଯେ, ତାଙ୍କର ଚିହ୍ନା ପରିଚୟ ଘରୁ ନାବାଳିକାଙ୍କୁ ଆଣି ଝିଅ ପରି ରଖିଥିଲେ । ତାଙ୍କୁ ପାଠ ପଢ଼ାଇବା ପାଇଁ ତା'ର ମା' ଛାଡ଼ିଥିବା ସେ କହିଛନ୍ତି । ତାଙ୍କୁ ନିର୍ଯାତନା ଦିଆଯାଉଥିବା ଖବର ମିଛ ବୋଲି ସେ କହିଛନ୍ତି ।

# ଛେନା ଦର ବୃଦ୍ଧି, ମିଠା ବ୍ୟବସାୟୀଙ୍କ ପ୍ରତିବାଦ



**ଭୁବନେଶ୍ୱର (ପିପିଏସ୍):** ଦୁଇଦିନ ହେଲା ପାହାଳ ରସଗୋଲା ବଜାର ବନ୍ଦ ରହିଛି । ଛେନାର ଅହେତୁକ ଦର ବୃଦ୍ଧି ପାଇଁ ବଜାର ବନ୍ଦ ରହିଥିବା 'ପାହାଳ ମିଠା ବ୍ୟବସାୟୀ ସଂଘ' ସୂତ୍ରରୁ ଜଣାପଡିଛି । ସୋମବାର ମଧ୍ୟ ରସଗୋଲା ବଜାର ବନ୍ଦ ରହିଛି । ମେ ପହିଲାରୁ ଓମଫେଡ କ୍ଷୀର ଲିଟର ପିଛା ୪ଟଙ୍କା ମୂଲ୍ୟ ବୃଦ୍ଧି ଘଟିଛି । ତଦନୁଯାୟୀ ପାହାଳ ବଜାରକୁ ଛେନା ଯୋଗାଣ କରୁଥିବା 'ମଦନ ମୋହନ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘ' ଛେନା କିଲୋ ପ୍ରତି ୨୦ ଟଙ୍କା ବୃଦ୍ଧି କରିବା ପାଇଁ ପାହାଳ ରସଗାଲା ବ୍ୟବସାୟୀ ସଂଘକୁ କଟକ ଜିଲ୍ଲା ଦୁଗ୍ଧ ଜାତ ସଂଘ ସଭାପତି ସୁବାସ ଚନ୍ଦ୍ର ବେହେରା ଓ ସମ୍ପାଦକ ପ୍ରଦୀପ କୁମାର ବେହେରା ଲିଖିତ ଭାବେ ଜଣାଇଥିଲେ । ଏହି ଲିଖିତ ତଥ୍ୟ ଆଧାରରେ 'ପାହାଳ ରସଗାଲା ବ୍ୟବସାୟୀ ସଂଘ' ସଭାପତି ଅକ୍ଷୟ କୁମାର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଶ୍ରୀଶ୍ରୀ ରାଧାବଲ୍ଲଭ ମନ୍ଦିର ପ୍ରାଙ୍ଗଣରେ 'ପାହାଳ ରସଗାଲା ବ୍ୟବସାୟୀ ସଂଘ'ର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପାହାଳ ରସଗୋଲା ବଜାରର ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ । ବୈଠକରେ ୨୦ରୁ ୨୨ ତାରିଖ ବଜାର ବନ୍ଦ୍ ରହିବା ସହ ମିଠା ଦର ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପାହାଳ ରସଗୋଲା ବ୍ୟବସାୟୀ ସଂଘର ସଦସ୍ୟଙ୍କ ସୂଚନାନୁଯାୟୀ ଆସନ୍ତା କାଲିଠାରୁ ଛେନା ମୂଲ୍ୟ ପ୍ରତି କିଲୋଗ୍ରାମରେ ୨୦ ଟଙ୍କା ବୃଦ୍ଧି ପାଇବ । ବର୍ଦ୍ଧିତ ମୂଲ୍ୟ ଅନୁସାରେ ସମସ୍ତ ମିଠାର ମୂଲ୍ୟ ବୃଦ୍ଧି କରିବା ପାଇଁ ସ୍ଥିର କରାଯାଇଛି । ଯାହାର ପ୍ରତିବାଦରେ ପାହାଳ ମିଠା ବଜାରରେ ପ୍ରାୟ ୭୦ଟି ମିଠା ଦୋକାନ ବନ୍ଦ ରହିଛି ।

# ଦୟାୱେଷ୍ଟ କେନାଲ ରାସ୍ତା ସର୍ଭେ ପାଇଁ ୭ ଟିମ୍



**ଭୁବନେଶ୍ୱର (ପିପିଏସ୍):** ଦୟାୱେଷ୍ଟ କେନାଲ ଦୁଇ କଡ଼ ଦେଇ ୬ ଥାକିଆ ରାସ୍ତା ନିର୍ମାଣ ପ୍ରସଙ୍ଗ ଆଉ ପାଦେ ଆଗେଇଛି । ବାରଙ୍ଗଠାରୁ ଜଟଣୀ ପର୍ଯ୍ୟନ୍ତ ପ୍ରାୟ ୩୮ କିମି କେନାଲର ଉଭୟ ପାର୍ଶ୍ୱ ଆଜିଠାରୁ ସର୍ଭେ ହେବାକୁ ଯାଉଛି । ଏଥିପାଇଁ ବିଡିଏ ୭ଟି ଟିମ୍ ଗଠନ କରିଛି । 'ନିଶ୍ୱାସ'(ନାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ୱାର୍କ ଆଣ୍ଡ ସୋସିଆଲ ସାଇନ୍ସ) ଅନୁଷ୍ଠାନକୁ ସର୍ଭେ ପାଇଁ ଅନୁମତି ଦିଆଯାଇଛି । ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ମାଗଣାରେ ଏହି ସର୍ବେକ୍ଷଣ କରିବେ । ଘର ଘର ବୁଲି ବାସିନ୍ଦାଙ୍କ ତଥ୍ୟ ସଂଗ୍ରହ କରିବା ସହ ସମ୍ପୃକ୍ତ ଅଞ୍ଚଳର ସ୍ଥିତି ଯାଞ୍ଚ କରିବେ । କେଉଁଠି ଜବରଦଖଲ, କେଉଁଠି ଘରୋଇ ଜମି, ରାସ୍ତା ଅବସ୍ଥା କେଉଁଠି କେମିତି ଅଛି ଏ ସବୁର ଟିକିନିଖି ବିବରଣୀ ପ୍ରସ୍ତୁତ କରିବେ । ଏହାକୁ ଏକ ଡକ୍ୟୁମେଣ୍ଟ କରି ବିଡିଏକୁ ପ୍ରଦାନ କରିବେ । ତଥ୍ୟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ । ବସ୍ତି ରହିଥିଲେ ସେଗୁଡ଼ିକୁ ଉଚ୍ଛେଦ କରାଯିବା ସହ ସେମାନଙ୍କର ସ୍ଥିତାବସ୍ଥା ଯାଞ୍ଚ କରାଯିବ । ଯଦି ବସ୍ତିବାସିନ୍ଦାମାନେ କୌଣସି ସରକାରୀ ଯୋଜନାରେ ସାମିଲ୍ ହୋଇନଥା'ନ୍ତି, ତେବେ ସେମାନଙ୍କୁ ଥଇଥାନ କରାଯିବ । କେହି ସରକାରୀ ଜମି ମାଡ଼ି ବସିଥିଲେ ସେ ସବୁକୁ ଉଚ୍ଛେଦ କରାଯିବ । ଯଥାସମ୍ଭବ ଏହି ସର୍ବେକ୍ଷଣ ଶୀଘ୍ର ଶେଷ କରିବାକୁ ଉଦ୍ୟମ କରିବାକୁ କୁହାଯାଇଛି । ଏହା ପରେ ରାସ୍ତା ନିର୍ମାଣ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ସୂଚନା ମୁତାବକ, ଦୟାୱେଷ୍ଟ କେନାଲ ପୁରୀ କେନାଲର ବାରଙ୍ଗ ପାଖରୁ ବାହାରି ଜଟଣୀ ପର୍ଯ୍ୟନ୍ତ ଯାଇଛି । ଲମ୍ବା ପ୍ରାୟ ୩୮ କିମି ରହିଛି । କେନାଲକୁ ପୋତି ଅନେକ ଜବରଦଖଲ କରିଥିବା ବେଳେ ଦଳ, ପଙ୍କ କାଦୁଅ ଓ ଆବର୍ଜନାରେ ଭର୍ତ୍ତି ହୋଇ ରହିଛି । ଅନେକ ଲୋକ ଏହା ଭିତରକୁ ସିଧାସଳଖ ଆବର୍ଜନା ପାଣି ଛାଡ଼ି ଦେଉଛନ୍ତି । ଜବରଦଖଲ ଯୋଗୁ ୫୦ ଫୁଟ ଓସାରର କେନାଲ୍ ଏବେ ୧୫ ଫୁଟ୍‌ରେ ସୀମିତ ରହିଛି । ପାଣି ମଧ୍ୟ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ । ଏହି କେନାଲର ପୁନରୁଦ୍ଧାର ସହ ଏହାର ବନ୍ଧର ଉଭୟ ପାର୍ଶ୍ୱରେ ଥିବା ରାସ୍ତାକୁ ୪ ଥାକିଆ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ବହୁବାର ବୈଠକ ବସି ଏହାର ରୂପରେଖ ସମ୍ପର୍କରେ ଆଲୋଚନା ହୋଇଥିଲେ ମଧ୍ୟ ଏଥର ସରକାରଙ୍କ ଏହା ଉପରେ ଫୋକସ୍ ରହିଛି । ପ୍ରାଥମିକ ପର୍ଯ୍ୟାୟରେ ୭୧୮.୯ କୋଟି ଟଙ୍କାର ଡିପିଆର ପ୍ରସ୍ତୁତ ହୋଇଥିବା ବେଳେ ହ୍ୟୁମ୍-ପାଇପ୍ ଜରିଆରେ କେନାଲ ପାଣି ମାଟି ତଳେ ପରିଚାଳନା କରିବା ଓ ଦୁଇ କଡ଼ରେ ୬ ଥାକିଆ ରାସ୍ତା ନିର୍ମାଣ ସହ ସୌନ୍ଦର୍ଯ୍ୟୀକରଣ କରିବା ଯୋଜନା ରହିଛି । ୪ ପର୍ଯ୍ୟାୟରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ପାଇଁ ବାରଙ୍ଗ-ପଳାସୁଣି ପର୍ଯ୍ୟନ୍ତ ୨୮୦.୮୯କୋଟି, ପଳାସୁଣି-ଗ୍ୟାରେଜ୍ ଛକ ପର୍ଯ୍ୟନ୍ତ ୨୦୧.୨୬ କୋଟି, ଗ୍ୟାରେଜ୍ ଛକ-ସୁନ୍ଦରପଦା ପର୍ଯ୍ୟନ୍ତ ୭୯.୧୩ କୋଟି ଓ ସୁନ୍ଦରପଦାରୁ ଜଟଣୀ ଯାଏଁ ୩୭୫.୬୨ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି । ସମାନ୍ତରାଳ ଭାବରେ ୪ଟି ପର୍ଯ୍ୟାୟର କାମ ଏକ ସମୟରେ ଆରମ୍ଭ କରିବାକୁ ଯୋଜନା ରହିଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କଟକ ରୋଡ୍ ଓ ପୁରୀ ବାଇପାସ୍‌ରୁ ଚାପ ହ୍ରାସ ହେବ ବୋଲି ଜଣାପଡ଼ିଛି ।

# ପୂର୍ବଶତ୍ରୁତାରୁ ସାଙ୍ଗକୁ ଛୁରାମାଡ଼, ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ମାସ ମାସ ଧରି ଲାଗି ରହିଥିବା ଶତ୍ରୁତା ଶନିବାର ରାତିରେ ଉଗ୍ରରୂପ ନେଇଛି । ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି । ଭରତପୁର ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଭରତପୁରର ଉମା ଦାସଙ୍କ ପୁଅ ରାଜା ଗୁରୁତର ଆହତ ହୋଇଛନ୍ତି । ଛୁରାମାଡ଼ରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବାବେଳେ ସେ ଗୁରୁତର ଆହତ ହୋଇଛନ୍ତି । ଏଭଳି କାଣ୍ଡ ଭିଆଇଥିବା ମୁଖ୍ୟ ଅଭିଯୁକ୍ତ ଗଙ୍ଗା ଦାସ ଫେରାର ହୋଇଯାଇଥିବାବେଳେ ତାକୁ ସହଯୋଗ କରିଥିବା ତା'ର ମା' ଜୟନ୍ତୀ ଦାସ (୪୦)କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ପୁଲିସ ସୂଚନା ଅନୁଯାୟୀ, ଉମାଙ୍କ ପୁଅ ରାଜା ଓ ଜୟନ୍ତୀଙ୍କ ପୁଅ ଗଙ୍ଗା ମଧ୍ୟରେ ବନ୍ଧୁତା ରହିଥିଲା । ହେଲେ ଗତବର୍ଷ ଗଣେଶ ପୂଜା ଭସାଣିରୁ ଗଙ୍ଗା ଓ ରାଜାଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ରାଜା ବେଙ୍ଗାଲୁରୁରେ ଚାକିରି କରିଥିବାବେଳେ ଦୁଇମାସ ପାଇଁ ଘରକୁ ଆସିଥିଲେ । ଗତକାଲି ରାତିରେ ଗଙ୍ଗା ରାସ୍ତା ଉପରେ ଗାଡ଼ି ପାର୍କିଂ କରିଥିବାରୁ ରାଜା ତାଙ୍କୁ ବାରଣ କରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଗଙ୍ଗା ଏକ ଛୁରି ଆଣି ହଠାତ୍ ରାଜାଙ୍କୁ ଆକ୍ରମଣ କରିଥିଲା । ରାଜା କାକୁତିମିନତି ହେଉଥିବାବେଳେ ଗଙ୍ଗା ବାରମ୍ବାର ତାଙ୍କୁ ଆକ୍ରମଣ କରିଥିଲା । ଗଙ୍ଗାର ମା' ଜୟନ୍ତୀ, ସମ୍ପର୍କୀୟା ଅଭାଗିନୀ ଦାସ ଓ ତା'ର ସାଙ୍ଗ ଅକ୍ଷୟ ସେଠାରେ ଉପସ୍ଥିତ ଥିଲେ । ହେଲେ ସେମାନେ ତାକୁ ରୋକିବା ପରିବର୍ତ୍ତେ ସାହଯ୍ୟ କରିଥିଲେ । ଛୁରାମାଡ଼ରେ ରାଜାଙ୍କ ପେଟ, ବେକ, ମୁଣ୍ଡ ଓ କାନ୍ଧରେ ଗଭୀର ଆଘାତ ଲାଗିଥିଲା । ପ୍ରଚୁର ରକ୍ତସ୍ରାବ ହେବା ସହିତ ସେ ତଳେ ପଡ଼ିଯାଇଥିଲେ । ଖବରପାଇ ରାଜାଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ରାଜାଙ୍କ ମା' ଉମା ଦାସଙ୍କ ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ ୨୨୯/୨୩ରେ ଆଇପିସିର ଦଫା ୩୪୧/୩୨୩/୩୨୪/୩୨୬/୩୦୭ ଓ ୩୪ ଲଗାଇ ମାମଲା ରୁଜୁ କରିଥିଲା । ମୁଖ୍ୟ ଅଭିଯୁକ୍ତର ମା' ଜୟନ୍ତୀ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ । ଘଟଣା ପରେ ଗଙ୍ଗା, ଅଭାଗିନୀ ଓ ଅକ୍ଷୟ ଫେରାର ହୋଇଯାଇଛନ୍ତି । ସେମାନଙ୍କୁ ଧରିବା ଲାଗି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ।

# ମୋବାଇଲ୍ ଫୋନ୍ ଲୁଟ୍, ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଉଛନ୍ତି ପୁରୀ ଜିଲ୍ଲା କାକଟପୁରର ସୁଶାନ୍ତ ଦୀକ୍ଷିତ (୩୧) ଓ ଜଗତସିଂହପୁର ଜିଲ୍ଲା ନୂଆଗାଁ ଥାନା ବୋଦଲା ଗାଁର ପୃଥ୍ୱୀରାଜ ପରିଡ଼ା (୨୭) । ଉଭୟ ସହିଦ ନଗର ଭୋଇ ନଗରରେ ରହୁଛନ୍ତି । ପୁଲିସ ସୂଚନା ଅନୁସାରେ, ଗତକାଲି ଶିବର୍ଚ୍ଚନ ନାୟକ ତାଙ୍କ ବନ୍ଧୁଙ୍କୁ ବରମୁଣ୍ଡା ବସଷ୍ଟାଣ୍ଡକୁ ଛାଡ଼ିବାକୁ ଯାଉଥିଲେ । ସେହି ସମୟରେ ସୁଶାନ୍ତ ଓ ପୃଥ୍ୱୀରାଜ ଏକ ବାଇକ୍‌ରେ ଆସି ତାଙ୍କ ସାର୍ଟ ପକେଟ୍‌ରୁ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ । ଶିବର୍ଚ୍ଚନ ସେମାନଙ୍କୁ ପିଛାକରି କାବୁ କରିବା ସହିତ ପୁଲିସକୁ ହସ୍ତାନ୍ତର କରିଥିଲେ । ଶିବର୍ଚ୍ଚନଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା । ସୁଶାନ୍ତ ଓ ପୃଥ୍ୱୀରାଜଠାରୁ ମୋବାଇଲ୍ ଫୋନ୍ ଓ ବାଇକ୍ ଜବତ କରିବା ପରେ କୋର୍ଟ ଚାଲାଣ କରିଛି ପୁଲିସ । ସୁଶାନ୍ତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତା' ନାମରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଥାନାରେ ୮ଟି ଅପରାଧିକ ମାମଲା ରହିଛି । ବାରମ୍ବାର ଅପରାଧ ଘଟାଉଥିବାରୁ ସିଆର୍‌ପିସି ଧାରା ୧୧୦ ଅନୁଯାୟୀ ସୁଶାନ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି ।

# ରଘୁନାଥ ନଗର ଉନ୍ନୟନ କ୍ଲବ୍‌ର ବାର୍ଷିକୋତ୍ସବ

**ଭୁବନେଶ୍ୱର (ପିପିଏସ୍):** ଶିଶୁପାଳଗଡ଼ର ରଘୁନାଥ ନଗର ଉନ୍ନୟନ୍ କ୍ଲବ୍ ତରଫରୁ ତା'ର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଶିଶୁପାଳଗଡ଼ ପଞ୍ଚାୟତର ସରପଞ୍ଚ ରଶ୍ମୀରଞ୍ଜନ ଶ୍ରୀଚନ୍ଦନ, ସମିତିସଭ୍ୟ ବିନୋଦ କୁମାର ରାଉତରାୟ ପ୍ରମୁଖ ଯୋଗଦାନ କରିଥିଲେ । ସଭାରେ ମନ୍ତ୍ରୀ ରଘୁନାଥ ନଗର ରାସ୍ତାର ଉନ୍ନତିକରଣ, ପାନୀୟଜଳ ଯୋଗାଣ, ଡ୍ରେନେଜ୍ ଓ ରାସ୍ତାର ଆଲୋକୀକରଣ ଭଳି ମୌଳିକ ସମସ୍ୟାକୁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଶିଶୁପାଳଗଡ଼ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏହି ଉନ୍ନତିମୂଳକ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଆଜି ସଭାରେ ତାଙ୍କର ଅଭିଭାଷଣରେ କହିଥିଲେ । ରଘୁନାଥନଗର ଉନ୍ନୟନ କ୍ଲବ୍‌ର ସଭାପତି ସାମରିକ ବାହିନୀର ଅବସରପ୍ରାପ୍ତ କ୍ୟାପଟେନ୍ ସୁନାକର ମହାପାତ୍ର, ଉପସଭାପତି ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ଖଟୁଆ ମଲ୍ଲିକ ଓ ସମ୍ପାଦକ ଉତ୍କଳ ବିଶ୍ୱବିଦ୍ୟାଳୟର କାର୍ଯ୍ୟରତ ପ୍ରଫେସର ଡକ୍ଟର କ୍ଷେତ୍ରମୋହନ ମିଶ୍ର ତାଙ୍କର ଅଭିଭାଷଣରେ ରଘୁନାଥ ନଗରର ସମସ୍ୟାକୁ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପିତ କରିଥିଲେ । ମନ୍ତ୍ରୀ କହିଥିଲେ ଯେ 'ରାସ୍ତା ହସ୍ତାନ୍ତର ଆପଣମାନଙ୍କର ଦାୟିତ୍ୱ ଓ ରାସ୍ତାର ବିକାଶ ମୋର ଦାୟିତ୍ୱ' ସଭା ଶେଷରେ କଳାକାରମାନଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟର କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ସବୁଜବଳୟ ନଷ୍ଟ ପ୍ରସଙ୍ଗ: ତଦନ୍ତ ଶେଷ, ରିପୋର୍ଟ ଦାଖଲ



**ଭୁବନେଶ୍ୱର (ପିପିଏସ୍):** ପ୍ରକଳ୍ପ ନାଁରେ ପାହାଡ଼ କଟାଯାଉଥିବା ନେଇ ଅଭିଯୋଗ ପରେ ଚନ୍ଦକା-ଡମପଡ଼ା ବନଖଣ୍ଡ ପକ୍ଷରୁ ତଦନ୍ତ କରାଯାଇଥିଲା । ଜଣେ ରେଞ୍ଜରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେଇଥିବା ଜଣାପଡ଼ିଛି । ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପ ହେଉଥିବା ପାହାଡ଼ ଅଞ୍ଚଳ ରାଜସ୍ୱ ବିଭାଗ ଅଧୀନରେ ରହିଛି, ଯାହାକି ବନଖଣ୍ଡ ଅଞ୍ଚଳରେ ଆସୁଛି । ଏହି ଜମିକୁ ରାଜସ୍ୱ ବିଭାଗ ପକ୍ଷରୁ ଇଡ୍‌କୋକୁ ହସ୍ତାନ୍ତର କରାଯିବା ପରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ହେଉଛି । ପ୍ରକଳ୍ପ ଲାଗି ବହୁ ପରିମାଣର ଗଛକଟା ଯାଇଛି । କିଛି ଔଷଧୀୟ ବୃକ୍ଷକୁ ବଳି ପକାଯାଇଛି । ତାହାର ପ୍ରଭାବ ଭୁବନେଶ୍ୱରର ଜୈବ ବିବିଧତା ଉପରେ ପଡ଼ିବ । ଗଛ କଟାଯିବା ସମୟରେ ପରିବେଶ ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ କେହି ଚିନ୍ତା କରି ନ ଥିବା ରିପୋର୍ଟରେ ଦର୍ଶାଯାଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି । ଶିଖରଚଣ୍ଡୀ ଉନ୍ନତୀକରଣ ପ୍ରକଳ୍ପ ଆରମ୍ଭ ହୋଇ ନଥିବାରୁ ସେ ବିଷୟରେ ଯାଞ୍ଚ କମିଟି କୌଣସି ତଥ୍ୟ ଦେଇନାହାନ୍ତି । ପ୍ରକଳ୍ପ କାର୍ଯ୍ୟ ତଦାରଖ କରୁଥିବା ଅଧିକାରୀଙ୍କ କହିବା କଥା ହେଉଛି ଯେ ଜୈବବିବିଧତା ସ୍ଥଳ ଭାବେ ପରିଚିତ ଏହି ପାହାଡ଼ର କୌଣସି କ୍ଷତି ହେବ ନାହିଁ । ପୁଣିଥରେ ବୃକ୍ଷରୋପଣ କରାଯିବ । ପାହାଡ଼ ଉପରେ ଜଳ ସଂରକ୍ଷଣ ଭଣ୍ଡାର ନିର୍ମାଣ ହେବା ପରେ ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ କରାଯିବ । ଶିଖରଚଣ୍ଡୀ ଉନ୍ନତିମୂଳକ ପ୍ରକଳ୍ପ କାମ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କୁହାଯାଇଛି ।

**ସରକାରୀ କ୍ୱାର୍ଟର୍ସରେ ବ୍ରାଉନ୍‌ସୁଗର କାରବାର ଘଟଣା**

# ନିଶା କାରବାରରୁ କୋଟିପତି ହୋଇଛି ଚିତ୍ତରଞ୍ଜନ



**ଭୁବନେଶ୍ୱର (ପିପିଏସ୍):** ଚିତ୍ତରଞ୍ଜନର ଘର ଢେଙ୍କାନାଳରେ । ସେ ୫ ବର୍ଷ ହେଲା ୟୁନିଟ୍-୮ ଜଳେଶ୍ୱର ମନ୍ଦିର ନିକଟରେ ଏକ ଗ୍ୟାରେଜ କରିଥିଲା । ସେଠାରେ କିଛିଦିନ ରହିବା ପରେ ବର୍ଷେ ହେବ ଏକ ସରକାରୀ କ୍ୱାର୍ଟର୍ସକୁ ଭଡ଼ାରେ ନେଇ ରହୁଥିଲା । ଗ୍ୟାରେଜ ଆଳରେ ବ୍ରାଉନ୍‌ସୁଗର ବିକ୍ରିକରି ଚିତ୍ତରଞ୍ଜନ ଏବେ କୋଟିପତି ହୋଇଯାଇଛି । ସେ ଭୁବନେଶ୍ୱରରେ ନାମୀଦାମୀ ଅଞ୍ଚଳରେ ୩ରୁ ୪ଟି ପ୍ଲଟ୍ କିଣିଛି । ଜମିର କାଗଜପତ୍ର ଓ ଅନ୍ୟାଦସ୍ତାବିଜ୍ ମିଳିବା ପରେ ସେସବୁର ପ୍ରମାଣ ପାଇଛି ଏସ୍‌ଟିଏଫ୍ । ସେଭଳି ଚିତ୍ତରଞ୍ଜନ ଦାମୀ ଗାଡ଼ି କିଣିବା ସହ ନିଶା କାରବାର କରି ରୋଜଗାର କରୁଥିବା ଟଙ୍କାରେ ସଉକ କରୁଥିଲା । ରାଜଧାନୀରେ ରହୁଥିବା ଭଡ଼ା ଘରୁ ଜମିର କାଗଜପତ୍ର ମିଳିବା ପରେ ଚିତ୍ତରଞ୍ଜନଙ୍କ ଗାଁକୁ ଯାଇ ତନାଘନା କରିବ ଏସ୍‌ଟିଏଫ୍ । ଚିତ୍ତରଞ୍ଜନର ସମ୍ପତ୍ତି ଖୋଜିବା ସହ ଅପରାଧିକ ସାମ୍ରାଜ୍ୟ ବିଷୟରେ ତଦନ୍ତ କରାଯାଉଛି । ସରକାରୀ କ୍ୱାର୍ଟର୍ସରୁ ବ୍ରାଉନ୍‌ସୁଗର ମିଳିବା ପରେ ତନାଘନା ଆରମ୍ଭ ହୋଇଛି । ସରକାରୀ କ୍ୱାର୍ଟର୍ସ ହାତେଇଥିବା ସରକାରୀ ବାବୁଙ୍କ ବିଷୟରେ ଜାଣିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି । ଏଣୁ ସରକାରୀ କ୍ୱାର୍ଟର୍ସଟି ଅବଣ୍ଟନ ହୋଇଥିବା ବ୍ୟକ୍ତିକୁ ଚିହ୍ନଟ ଲାଗି ଏସ୍‌ଟିଏଫ୍ ଗୁରୁତ୍ୱ ଦେଇଛି । ଏଣୁ ସାଧାରଣ ପ୍ରଶାସନ(ଜିଏ) ବିଭାଗକୁ ଚିଠି ଲେଖି ଅବଗତ କରିଛି ଏସ୍‌ଟିଏଫ୍ । ଏଥିସହ ଅବଣ୍ଟନ କରାଯାଇଥିବା କ୍ୱାର୍ଟର୍ସର ସର୍ବିଶେଷ ତଥ୍ୟ ମଗାଯାଇଛି । ତେବେ ପ୍ରାଥମିକ ତଦନ୍ତରୁ ଉକ୍ତ କ୍ୱାର୍ଟର୍ସଟି ଜଣେ ଅବସରପ୍ରାପ୍ତ ଯବାନଙ୍କର ବୋଲି ଜଣାପଡ଼ିଛି । ସେ ଏବେ ସଚିବାଳୟରେ ଚାକିରି କରିଥିବା ସୂଚନା ମିଳିଛି । ତାଙ୍କ ଠାରୁ ବର୍ଷେ ହେବ ଭଡ଼ାରେ ନେଇ ରହୁଥିଲା ଚିତ୍ତରଞ୍ଜନ । ନିଜେ ରହିବା ସହ ଗାଡ଼ିର ପାର୍ଟ୍ସ ସେଠାରେ ଗଚ୍ଛିତ କରି ରଖୁଥିଲା । ଏପରିକି ଜଣେ କନଷ୍ଟେବଲଙ୍କ ଜରିଆରେ କ୍ୱାର୍ଟର୍ସ ନେଣଦେଣ ହୋଇଥିବା କୁହାଯାଉଛି । ସେଭଳି ଅବସରପ୍ରାପ୍ତ ଯବାନଙ୍କ ଜ୍ଞାତସାରରେ ବ୍ରାଉନ୍‌ସୁଗର କାରବାର ହେଉଥିବା ସନ୍ଦେହକରି ତାଙ୍କୁ ସ୍ନାନରଙ୍କୁ ଆଣିଛି ଏସ୍‌ଟିଏଫ୍ । ଜିଏ ଠାରୁ କ୍ୱାର୍ଟର୍ସ ବିଷୟରେ ସବୁ ତଥ୍ୟ ମିଳିଲା ପରେ କ୍ୱାର୍ଟର୍ସ ପାଇଥିବା ବ୍ୟକ୍ତିଙ୍କୁ ଜେରା କରାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି । ନିଶା କାରବାର ରୋକିବା ଓ ମାଫିଆଙ୍କୁ ସାବାଡ଼ କରିବା ଲାଗି ତ୍ୱରିତ୍ ପଦକ୍ଷେପ ନେଇଛି ଏସ୍‌ଟିଏଫ୍ । ଏହିକ୍ରମରେ ୨୦୨୦ ମସିହା ଠାରୁ ଏକ ସତନ୍ତ୍ର ଧରପଗଡ଼ ଅଭିଯାନ ଚାଲୁଛି । ଏଥିରେ ୬୯ କିଲୋ ବ୍ରାଉନ୍‌ସୁଗର, ୨୦୨ ଗ୍ରାମ୍‌ର କୋକେନ୍, ୧୧୩ କୁଇଣ୍ଟାଲ ଗଞ୍ଜେଇ ଓ ୭୫୦ ଗ୍ରାମ୍‌ର ଅଫିମ ଜବତ ହୋଇଛି । ନିଶା କାରବାରରେ ସମ୍ପୃକ୍ତି ରହିଥିବା ୧୬୮ଜଣଙ୍କୁ ଗିରଫ କରାଯାଇଛି । ରାଜ୍ୟ ତଥା ରାଜ୍ୟ ବାହାରୁ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିଛି ଏସ୍‌ଟିଏଫ୍ ।

# ରାଜଧାନୀରେ ୫-ଟି ରୂପାନ୍ତରଣ ପରେ ବଢ଼ିଛି ସଫଳତା ହାର



**ଭୁବନେଶ୍ୱର (ପିପିଏସ୍):** ତିନି ଦଶନ୍ଧି ତଳେ ପ୍ରତିଷ୍ଠା ହୋଇଥିବା ଡମଣା ସରକାରୀ ଉଚ୍ଚ ବିଦ୍ୟାଳୟରୁ ପରୀକ୍ଷା ଦେଇଥିବା କୌଣସି ବି ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ତଥା 'ଏ-୧ ଗ୍ରେଡ୍ ରଖି ପାସ୍ କରି ନ ଥିଲେ । ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ୟମ ଫଳରେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଫଳରେ ଏଠାକାର ଛାତ୍ରଛାତ୍ରୀ ଉନ୍ନତ ପ୍ରଦର୍ଶନ କରିଛନ୍ତି । ଜଣେ ଛାତ୍ର 'ଏ-୧' ଗ୍ରେଡ୍ ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ଯେଉଁଥିପାଇଁ ଏବେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି । କେବଳ ଏହି ଗୋଟିଏ ବିଦ୍ୟାଳୟ ନୁହେଁ, ରାଜଧାନୀରେ ଥିବା ଅର୍ଦ୍ଧାଧିକ ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀ ଉନ୍ନତ ପ୍ରଦର୍ଶନ କରିଛନ୍ତି । ୨୩ଟି ବିଦ୍ୟାଳୟ ଛାତ୍ରଛାତ୍ରୀ 'ଏ-୧' ଗ୍ରେଡ୍ ତାଲିକାରେ ସ୍ଥାନ ପାଇବା ସହ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । ବହୁ ସଂଖ୍ୟକ ବିଦ୍ୟାଳୟ ଶତପ୍ରତିଶତ ରେଜଲ୍ଟ କରିଥିବା ମଧ୍ୟ ନଜରକୁ ଆସିଛି । ବିଗତ କିଛି ବର୍ଷ ହେଲା 'ଏ-୧' ଗ୍ରେଡ୍ ଓ ଶତ ପ୍ରତିଶତ ରେଜଲ୍ଟ କରୁଥିବା ବିଦ୍ୟାଳୟ ତାଲିକାରେ ସହରର ଘରୋଇ ବିଦ୍ୟାଳୟଗୁଡ଼ିକର ପତିଆରା ଦେଖିବାକୁ ମିଳୁଥିଲା । ସରକାରୀ ବିଦ୍ୟାଳୟର କାଁ ଭାଁ ଛାତ୍ରଛାତ୍ରୀ 'ଏ-୧' ଗ୍ରେଡ୍ ପାଉଥିଲେ । ମାତ୍ର ଚଳିତ ବର୍ଷ ଅଭୂତପୂର୍ବ ଫଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଇଛି । ପିଲାଙ୍କଠାରୁ ଅଭିଭାବକଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ମୁହଁରେ ହସ ଖେଳିଛି । ପଟିଆ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୮ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୩ଜଣ ଛାତ୍ରଛାତ୍ରୀ 'ଏ-୧' ଗ୍ରେଡ୍ ପାଇଥିବା ବେଳେ ତାଲିକାରେ ୟୁନିଟ୍-୯ ସରକାରୀ ବାଳିକା ହାଇସ୍କୁଲର ଦୁଇ ଜଣ ପରୀକ୍ଷାର୍ଥୀ ସ୍ଥାନ ପାଇଛନ୍ତି । ଚନ୍ଦ୍ରଶେଖରପୁର ସରକାରୀ ନୋଡାଲ ହାଇସ୍କୁଲ ଫେଜ୍-୨, ଚନ୍ଦ୍ରଶେଖରପୁର ହାଇସ୍କୁଲ ଫେଜ୍-୧, ଆଇଆରସି ଭିଲେଜ୍ ସରକାରୀ ହାଇସ୍କୁଲ, ୟୁନିଭରସିଟି ହାଇସ୍କୁଲ, ବ୍ରହ୍ମେଶ୍ୱର ହାଇସ୍କୁଲ, ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୧ ବାଳିକା ଉଚ୍ଚ ବିଦ୍ୟାଳୟ, ବଡ଼ଗଡ଼ ହାଇସ୍କୁଲ, ଶ୍ରୀସତ୍ୟସାଇ ହାଇସ୍କୁଲ ପରି ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ 'ଏ-୧' ଗ୍ରେଡ୍ ହାସଲ କରି ସ୍କୁଲର ଗୌରବ ବୃଦ୍ଧି କରିଛନ୍ତି । ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ ଓ ମୂକ ବଧିର ବିଦ୍ୟାଳୟର ସଫଳତା ହାର ଶତ ପ୍ରତିଶତ ରହିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୫-ଟି କାର୍ଯ୍ୟକ୍ରମ ଅଧୀନରେ ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକର ପାସ୍ ହାରରେ ଉନ୍ନତି ଆସିଛି । ଗୁଣାତ୍ମକ ଶିକ୍ଷା ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ଅଧ୍ୟବସାୟ ଦ୍ୱାରା ୮୦% ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି । ପରୀକ୍ଷା ଅନୁଷ୍ଠିତ ହେବା କ୍ଷେତ୍ରରେ ପ୍ରଥମ ଥର ଲାଗି ସହରର ୪୦ଟି ବିଦ୍ୟାଳୟର ସମସ୍ତ ପରୀକ୍ଷାର୍ଥୀ ପାସ୍ କରିବା ଏକ ରେକର୍ଡ ବୋଲି କୁହାଯାଉଛି । ଶିକ୍ଷାବିତ୍ କରୁଣାକାର ସାହୁଙ୍କ ମତରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆସିଛି । ପାଠପଢ଼ା ଶୈଳୀ ସାଙ୍ଗକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠାପର ପାଠପଢ଼ା ପାଇଁ ଚଳିତବର୍ଷ ଏଭଳି ସଫଳତା ହୋଇଛି । କରୋନା ସମୟରେ ବହୁ ସଂଖ୍ୟକ ପିଲା ଘରୋଇ ବିଦ୍ୟାଳୟ ଛାଡ଼ି ସରକାରୀ ବିଦ୍ୟାଳୟ ଚାଲି ଆସିଥିଲେ । ସେମାନଙ୍କ ଶିକ୍ଷାଗ୍ରହଣ ମୂଳଦୁଆ ଭଲ ହୋଇଥିବାରୁ ଫଳ ମଧ୍ୟ ଉନ୍ନତମାନର ହୋଇଛି । ଏହି ଧାରା ଜାରି ରଖିବାକୁ ହେବ ।

# ରାଜଯୋଗିନୀ ବ୍ରହ୍ମାକୁମାରୀ କମଲେଶ ଦିଦିଙ୍କୁ ଭବ୍ୟ ସମ୍ବର୍ଦ୍ଧନା



କଟକ(ପିପିଏସ୍): ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୂର୍ମୂଙ୍କ ଠାରୁ ସମ୍ମାନଜନକ ଅନରାରୀ ଡି.ଲିଟ୍ ଗ୍ରହଣ କରିବାରେ ବ୍ରହ୍ମାକୁମାରୀ ସଂଗଠନର ଓଡିଶାର ପ୍ରତିଷ୍ଠାତ୍ରୀ ରାଜଯୋଗିନୀ ବ୍ର.କୁ କମଲେଶ ଦିଦି ହେଉଛନ୍ତି ସଂଗଠନର ପ୍ରଥମ ବ୍ୟକ୍ତି। ଏହା ହେଉଛି ଓଡିଶାର ବ୍ରହ୍ମାକୁମାରୀ ପରିବାର ପାଇଁ ଗର୍ବ ଏବଂ ଗୌରବର ବିଷୟ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ୧୯୭୩ ମସିହାରୁ ଆଜିପର୍ଯ୍ୟନ୍ତ ଦୀର୍ଘ ୫୦ ବର୍ଷ ଭିତରେ କମଲେଶ ଦିଦିଙ୍କ ସାଂଗଠନିକ କୁଶଳତା ଦ୍ୱାରା ଓଡିଶାରେ ଦୁଇ ଲକ୍ଷରୁ ଅଧିକ ବ୍ରହ୍ମାକୁମାର-ବ୍ରହ୍ମାକୁମାରୀ ସୃଷ୍ଟି ହେବା ସହିତ ହଜାରରୁ ଅଧିକ ଉଚ୍ଚ ଶିକ୍ଷିତା ଭଉଣୀମାନେ ଏହି ଆଧ୍ୟାତ୍ମିକ ଜାଗରଣରେ ନିଜ ଜୀବନକୁ ସମର୍ପିତ କରି ଦେଢ ହଜାରରୁ ଅଧିକ କେନ୍ଦ୍ର ଏବଂ ଉପକେନ୍ଦ୍ର ମାଧ୍ୟମରେ ରାଜ୍ୟରେ ଏକ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି। ଆତ୍ମା ଓ ପରମାତ୍ମା ଜ୍ଞାନର ଅମୃତ ବାଣୀର ବନ୍ୟା ସୃଷ୍ଟି କରି ଡକ୍ଟର କମଲେଶ ଦିଦି ଓଡିଶାବାସୀଙ୍କର ହୃଦୟ କିଣିପାରିଛନ୍ତି ବୋଲି ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ଫୁଲନଖର। ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବରର ଶାନ୍ତି ସଦ୍ଭାବନା ଭବନରେ ଏକ ସମ୍ବର୍ଦ୍ଧନା ସଭାରେ ଓଡିଶାର ବିଭିନ୍ନ ଅଂଚଳରୁ ସହସ୍ରାଧିକ ବ୍ୟକ୍ତି ଯୋଗଦେଇ କମଲେଶ ଦିଦିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ତିଳକ ଏବଂ ବନ୍ଦାପନା ମାଧ୍ୟମରେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଓଲଟପୁରସ୍ଥିତ ନିରତାରର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାପାତ୍ର, ବିଶିଷ୍ଟ ପ୍ରବଚକ ତଥା ଶିକ୍ଷାବିତ୍ ନୀରଦ ଆର୍ଯ୍ୟ, ପ୍ରମୁଖ ଦୀଦୀଙ୍କୁ ସମ୍ବର୍ଦ୍ଧନା ଦେବାବେଳେ ତାଙ୍କର ସରଳ ଜୀବନ, ନିଷ୍ଠାପର କାର୍ଯ୍ୟ ଆଧ୍ୟାତ୍ମିକ ଜ୍ଞାନ ଏବଂ ଅଭୂତ ସାଂଗଠନିକ ଶକ୍ତିର ଭୂୟସୀ ପ୍ରଶଂସା କରିଥିଲେ। ବ୍ରହ୍ମାକୁମାରୀ ସଂଗଠନର ସବଜୋନ୍‌ର ସଂଯୁକ୍ତ ନିର୍ଦ୍ଦେଶିକା ବ୍ର.କୁ. ସୁଲୋଚନା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଏଜିଏମ୍ ବ୍ରହ୍ମାକୁମାର ଅରୁଣ କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ ପ୍ୟାନେଲ୍ ଚର୍ଚ୍ଚାରେ ଅଂଶଗ୍ରହଣ କରି ବରିଷ୍ଠ ସାମ୍ବାଦିକ ବ୍ର.କୁ. ଅରୁଣ କୁମାର ପଣ୍ଡା, ବ୍ର.କୁ. ଇଂ. ସରୋଜକାନ୍ତ ପଟ୍ଟନାୟକ, ବ୍ର.କୁ. ଇଂ. ମୋହନ ଭାଇ ଏବଂ ବ୍ରହ୍ମାକୁମାରୀ ବିଜୟା ପ୍ରମୁଖ କମଲେଶ ଦିଦିଙ୍କ ସମ୍ପର୍କରେ ସେମାନେ ଅଙ୍ଗେ ନିଭେଇଥିବା ଉଲ୍ଲେଖନୀୟ ଘଟଣାବଳୀ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ର.କୁ. ନଥମଲ, ବ୍ର.କୁ. ସୁଧାଂଶୁ ଜେନା, ସୁମିତ୍ ଅଗ୍ରୱାଲ୍ ପ୍ରମୁଖ କମଲେଶ ଦୀଦୀଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବ୍ରହ୍ମାକୁମାରୀ ଜ୍ୟୋତି, ବ୍ର.କୁ. ବିନ୍ଦୁ, ବ୍ର.କୁ ଉମା, ଭୁବନେଶ୍ୱର ଫରେଷ୍ଟ ପାର୍କର ବ୍ର.କୁ ଗୀତା ପ୍ରମୁଖ ଦୀଦୀଙ୍କ ସମ୍ପର୍କରେ ନିଜର ଅନୁଭୂତି କହିଥିଲେ। ମଂଚ ପରିଚାଳନା କରିଥିଲେ ବ୍ର.କୁ. ଉଷା ଏବଂ ବ୍ର.କୁ. ପ୍ରତିଭା ପୃଷ୍ଟି। ନୃତ୍ୟ ପରିବେଶଣ କରିଥିଲେ କୁନି କଳାକାରମାନେ। ଧନ୍ୟବାଦ ଅର୍ପଣ କରିଥିଲେ ବ୍ର.କୁ. ଦେବସ୍ମିତା।

# ନଗର କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ

କଟକ ସଦର, (ପିପିଏସ୍): କଟକ ନଗର କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଶ୍ରାଦ୍ଧ ଦିବସ ପାଳନ ଅବସରରେ ଆଜି ଶ୍ରଦ୍ଧାଞ୍ଜଳି ସଭା କଂଗ୍ରେସ ନେତା ରାଜେନ୍ଦ୍ର ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଅମ୍ଳାନ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ବହୁମୁଖୀ କର୍ମ ପ୍ରତିଭାର ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ବିଜଲକ୍ଷ୍ମୀ ସାହୁ, ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ବାଙ୍କନିଧି ବେହେରା, କଟକ-ଚୌଦ୍ୱାର ଯୁବ କଂଗ୍ରେସର ସଭାପତି ମାନସ ନାୟକ, ସଂଖ୍ୟାଲଘୁ ସେଲ୍‌ର ଅଧ୍ୟକ୍ଷ ଏସ୍.କେ ଜାଫର, ଛାତ୍ର କଂଗ୍ରେସର ନିରଞ୍ଜନ ଦାସ, ବାବୁ ରାଓ ଓ ବରିଷ୍ଠ କଂଗ୍ରେସ ନେତା ବିଶ୍ୱନାଥ ସତପଥି, ବରଦା ସାହୁ, ରାଜିବ ମହାନ୍ତି, ନିର୍ମଳ ସ୍ୱାଇଁ ପ୍ରମୁଖ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଶେଷରେ ଗଣେଶ୍ୱର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# 'ନୀଳ ତୃଷ୍ଣା' ପୁସ୍ତକ ପାଠକାର୍ପଣ ଓ କବିତା ପାଠ ଉତ୍ସବ

କଟକ ସଦର,(ପିପିଏସ୍): କଟକ ଖପୁରିଆସ୍ଥ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗୀ ସଂଘ ସମ୍ମିଳନୀ ଗୃହରେ ଶ୍ରୀଜଗନ୍ନାଥ ସାହିତ୍ୟ ସମାଜ ଆନୁକୂଲ୍ୟରେ କବୟିତ୍ରୀ ଶର୍ମିଷ୍ଠା ମହାପାତ୍ରଙ୍କ ରଚିତ କାବ୍ୟ ସଙ୍କଳନ 'ନୀଳ ତୃଷ୍ଣା'ର ପାଠକାର୍ପଣ ଉତ୍ସବ ଓ କବିତା ପାଠୋତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣୀ ନାୟକଙ୍କ ସଭାପତିତ୍ୱରେ ମିନତୀ ମହାପାତ୍ର, ଡଃ ରଶ୍ମି କର, ନିରୂପମା ମିଶ୍ର ଶତାଧିକ କବିଙ୍କ କବିତା ପାଠୋକୁ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ପାଠୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସହ ସମ୍ପାଦିକା ପ୍ରମିଳା ପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡଃ ଅନ୍ତର୍ଯାମି ମିଶ୍ର ଯୋଗଦେଇ ପୁସ୍ତକଟିର ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ଡଃ ବିଜୟାନନ୍ଦ ସିଂହ, ପ୍ରଫେସର ରଞ୍ଜିତ ପ୍ରଧାନ, ପ୍ରଫେସର ଡଃ ସୁଦର୍ଶନ ପଟ୍ଟନାୟକ, ବିବେକାନନ୍ଦ ସାହୁ, ଗୌରି ଶଙ୍କର ଦାଶ ପ୍ରମୁଖ ଯୋଗଦେଇ କାବ୍ୟ ସଙ୍କଳନଟି ଏକ ବିରଳ କୃତି ବୋଲି କହିଥିଲେ। ପ୍ରାରମ୍ଭରେ କବୟିତ୍ରୀ ଶ୍ରୀମତୀ ମହାପାତ୍ର ନିଜ କାବ୍ୟ ସଙ୍କଳନ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନୁଷ୍ଠାନର ଉପସଭାପତି ଅରୁଣ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଶେଷରେ ସଗଠନ ସମ୍ପାଦକ ସୀତାନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ନିର୍ମଳା ସ୍ୱାଇଁ, ସୁରେନ୍ଦ୍ର ମହାପାତ୍ର, ଅଖିଳ ରଂଜନ ଦାସସାମନ୍ତରାୟ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଏନ୍‌ଆର୍‌ଆର୍‌ଆଇରେ ବାସ୍ନା ଧାନ ଉତ୍ପାଦନ ଓ ରପ୍ତାନୀ ସମ୍ବନ୍ଧୀୟ ଆଲୋଚନାଚକ୍ର

# ବଡ଼ମ୍ବା ଓ ନରସିଂହପୁର ଅଞ୍ଚଳରେ ୧୦୦ଏକର ଜମିରେ ଚାଷ ହେବ ସୁଗନ୍ଧିତ ଧାନ



କଟକ ସଦର,(ପିପିଏସ୍): କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ.ରେ ବାସ୍ନା ଯଥା ସୁଗନ୍ଧିତ ଧାନ ଉତ୍ପାଦନ ଓ ଏହାର ରପ୍ତାନୀ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କୃଷିମନ୍ତ୍ରୀ ତଥା ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ବଡ଼ମ୍ବା ଓ ନରସିଂହପୁରରେ ସୁଗନ୍ଧିତ ଧାନ ଉତ୍ପାଦନକୁ ଏନ୍‌ଆର୍‌ଆର୍‌ଆଇ ପକ୍ଷରୁ ପ୍ରୋତ୍ସାହିତ କରିବା ଉପରେ ନିଜସ୍ୱ ମତ ପ୍ରକାଶ କରିଥିଲେ। ଏଥିପାଇଁ ବଡ଼ମ୍ବା ଓ ନରସିଂହପୁର ଅଞ୍ଚଳରେ ୧୦୦ଏକର ଜମିରେ ଏକ ପାଇଲଟ ପ୍ରକଳ୍ପ କରାଯିବାକୁ ଅନୁଷ୍ଠାନର ନିର୍ଦ୍ଦେଶକ ଡଃ ଏ.କେ. ନାୟକ ପ୍ରତିଶୃତି ଦେବା ସହ ଉକ୍ତ ପ୍ରକଳ୍ପ ପାଇଁ ଭଲ ବିହନ ଏବଂ ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲାପାଳ ଡଃ ଭବାନି ଶଙ୍କର ଚୟନୀ, ଉପଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା କୃଷି ଉନ୍ନୟନ ଅଧିକାରୀ ଅମ୍ବର କରଙ୍କ ସମେତ ବିଭିନ୍ନ କୃଷି ଅଧିକାରୀ ଓ ଅନୁଷ୍ଠାନର ବିଭାଗୀୟ ବୈଜ୍ଞାନିକ ଡଃ ଜିଏକେ କୁମାର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଅନୁଷ୍ଠାନର ନିର୍ଦ୍ଦେଶକ ଡଃ ଅମରେଶ କୁମାର ନାୟକ ଏହି ବାସ୍ନା ଧାନର ଉତ୍ପାଦନ ଓ ରପ୍ତାନୀ କିପରି ସହଜରେ ହୋଇପାରିବ ସେ ସମ୍ବନ୍ଧରେ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ସହକାରୀ ଯନ୍ତ୍ରୀଙ୍କୁ ମାଡ଼ ଘଟଣା

## କଣ୍ଟାପଡା ବ୍ଲକରେ କର୍ମଚାରୀଙ୍କ ଆନ୍ଦୋଳନ: ସରକାରୀ କାର୍ଯ୍ୟ ଠପ୍



କଣ୍ଟାପଡା(ପିପିଏସ): କଣ୍ଟାପଡା ବ୍ଲକରେ କର୍ମଚାରୀ ଅସନ୍ତୋଷ ସୃଷ୍ଟି ହୋଇଛି। ଏହାର କାରଣ ହେଉଛି ଜଣେ ଏହି ବ୍ଲକର ଜଣେ ଯନ୍ତ୍ରୀଙ୍କୁ ଅଞ୍ଚଳର ଜଣେ ଯୁବକ ରାସ୍ତାରେ ଅଟକାଇ ଗାଳିଗୁଲଜ କରିବା ସହ ମାଡ ମାରିଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଥିବାବେଳେ ଅଭିଯୁକ୍ତକୁ ତୁରନ୍ତ ଗିରଫ ଦାବିରେ ବ୍ଲକର ସମସ୍ତ କର୍ମଚାରୀ କଲମ ଛାଡ ଆନ୍ଦୋଳନ କରିବା ସହ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ପୀଡିତ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉଳଙ୍କ ଅଭିଯୋଗ ମୁତାବକ ଗତ ୧୮ ତାରିଖରେ ସେ ତାଙ୍କ ଦାୟିତ୍ୱରେ ଥିବା ଉରାଢ ପଞ୍ଚାୟତର ଏକ ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ କରାଇବାକୁ ପଞ୍ଚାୟତ ଗସ୍ତ କରିଥିଲେ। ହେଲେ ସେଠାରୁ ଫେରିବା ବାଟରେ ତଣ୍ଡିକଣା ବଜାର ନିକଟରେ ବବି ମହାପାତ୍ର ନାମକ ଜଣେ ଯୁବକ ତାଙ୍କୁ ଅଟକାଇ ପ୍ରଥମେ ଗାଳିଗୁଲଜ ଓ ଧମକ୍ ଚମକ୍ ଦେବା ସହ ପରେ ମରଣାନ୍ତକ ଆକ୍ରମଣ କରିଥିଲା। ଏପରିକି ମାରଣାସ୍ତ୍ର ଧରି ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଶ୍ରୀ ରାଉଳ ଅଭିଯୋଗ କରିଛନ୍ତି। ଏହି ଘଟଣା ଘଟିବା ପରେ ସେ ସେଠାରୁ ଚାଲିଆସି କଣ୍ଟାପଡା ବିଡିଓ ଏବଂ ବ୍ଲକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ଘଟଣା ସମ୍ପର୍କରେ ଗୋବିନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଇତିମଧ୍ୟରେ ଏହି ଘଟଣାକୁ ୫ ଦିନ ବିତିଯାଇଥିବା ବେଳେ ଅଭିଯୁକ୍ତ ଏବେବି ଖୋଲାରେ ବୁଲୁଛି। ଏଣୁ ଅଭିଯୁକ୍ତକୁ ତୁରନ୍ତ ଗିରଫ ଦାବିରେ ସେ ବ୍ଲକର ଅନ୍ୟ କର୍ମଚାରୀଙ୍କ ସହ କଲମ ଛାଡ ଆନ୍ଦୋଳନ କରିବା ସହ ବିଡିଓଙ୍କ ପ୍ରକୋଷ୍ଠ ସମ୍ମୁଖରେ ଗଣ ଧାରଣାରେ ବସିଛନ୍ତି। ଅନ୍ୟପଟେ ଏହି ଘଟଣାର ଆପୋଷ ସମାଧାନ ପାଇଁ ବିଭିନ୍ନ ସ୍ତରରେ ପ୍ରୟାସ ଆରମ୍ଭ ହୋଇଛି। ନିଜେ କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଆନ୍ଦୋଳନରତ କର୍ମଚାରୀଙ୍କ ନିକଟରେ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ଅନ୍ୟପଟେ କର୍ମଚାରୀଙ୍କ ଏପରି ଆନ୍ଦୋଳନ କାରଣରୁ ବ୍ଲକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଦୂରଦୁରାନ୍ତ ଗ୍ରାମରୁ ବିଭିନ୍ନ କାର୍ଯ୍ୟ ନେଇ ବ୍ଲକକୁ ଆସୁଥିବା ଲୋକମାନେ ନିରାଶ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଛି। ତେବେ କେବେ ଏହି ଘଟଣାରେ ପୂର୍ଣ୍ଣଛେଦ ପଡୁଛି ସେହିଦିନକୁ ସମସ୍ତଙ୍କର ଅପେକ୍ଷା।

# ୪୨ମୌଜାରେ ବରିଷ୍ଠ ନେତା ଅଶୋକ ସାମଲଙ୍କୁ ଶ୍ରଦ୍ଧାଞ୍ଜଳି



ବୟାଳିଶମୌଜା,(ପିପିଏସ୍): କଟକସଦର ୪୨ମୌଜାର ସର୍ବପୁରାତନ ଅନୁଷ୍ଠାନ ବାଲୁଙ୍କେଶ୍ୱର କ୍ରୀଡା ସଂସଦ ଆନୁକୂଲ୍ୟରେ ବରିଷ୍ଠ ରାଜନେତା, ସମାଜସେବୀ ଅଶୋକ ସାମଲଙ୍କ ବିୟୋଗର ଏକାଦଶ ଦିବସରେ ଏକ ଭକ୍ତିପୂତ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ନେତା ରବିନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଅଶୋକ ସାମଲଙ୍କ ବଳିଷ୍ଠ ସଂଗଠନ ଏବଂ ତାଙ୍କ ପରିବାର ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ସହିତ ଓଡିଶାର ବହୁ ରାଜନେତାଙ୍କ ଏନ୍ତୁଡିଶାଳ ଥିଲା ଅଶୋକ ସାମଲଙ୍କ ବାସଗୃହ। ତାଙ୍କ ପ୍ରଚେଷ୍ଟାରେ ସାଂସଦଙ୍କ ପାଣ୍ଠିରୁ ବିଜୁ ପଟ୍ଟନାୟକ ୪୨ମୌଜା ଗ୍ରାମାଞ୍ଚଳ ଷ୍ଟାଡିୟମ୍ କାର୍ଯ୍ୟ ଦେଉଳିଠାରେ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତିମାନେ ସ୍ୱର୍ଗତଃ ସାମଲଙ୍କ ଦକ୍ଷତା ଓ ତାଙ୍କ କାର୍ଯ୍ୟଶୈଳି ଉପରେ ଆଲୋଚନା କରିଥିଲେ। ତାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ପ୍ରତିବର୍ଷ କାର୍ଯ୍ୟକ୍ରମ ଜରିଆରେ ତାଙ୍କୁ ମନେରଖିବା ପାଇଁ ଆଲୋଚନା କରାଯାଇଛି। ଏହି ସଭାରେ ମନୋରଞ୍ଜନ ସ୍ୱାଇଁ, ବଂଶୀଧର ପତି, ଜଗଦିଶ୍ ପ୍ରସାଦ ଦାସ, ଶୁକଦେବ ପଟ୍ଟନାୟକ, ଚନ୍ଦ୍ରଶେଖର ନାୟକ, ଜଗବନ୍ଧୁ ବେହେରା, ସନାତନ ଭୋଇ, ପ୍ରଫୁଲ୍ଲ ଭୋଇ, କିଶୋର ବାରିକ, ସୟ ଭୋଇ, ଶ୍ରୀଧର ମହାରଣା, ବାଲୁଙ୍କେଶ୍ୱର କ୍ରୀଡା ସଂସଦର ସଭାପତି ସନ୍ତୋଷ କୁମାର ପତି ଓ ସମ୍ପାଦକ ଦିଲ୍ଲୀପ କୁମାର ମହାନ୍ତି ପ୍ରମୁଖ ଯୋଗଦାନ କରି ସ୍ୱର୍ଗତଃ ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସାହାପୁରରେ ଶ୍ରୀ ସତ୍ୟସାଇ ସେବା ଗ୍ରୁପ୍ ପକ୍ଷରୁ 'ଅମୃତବିନ୍ଦୁ' କାର୍ଯ୍ୟକ୍ରମ

ଭଦ୍ରକ,(ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ରୀ ସତ୍ୟସାଇ ସେବା ସଂଗଠନ ସାହାପୁର ସେବାଗ୍ରୁପ୍ ପକ୍ଷରୁ ଲକ୍ଷ୍ମୀନାରାୟଣ ନୋଡାଲ ହାଇସ୍କୁଲ ପରିସରରେ 'ଅମୃତବିନ୍ଦୁ' କାର୍ଯ୍ୟକ୍ରମ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟସାଇ ବିଦ୍ୟା ବିହାର, ଭଦ୍ରକ ସମ୍ପାଦକ ପାର୍ଥସାରଥି ନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ ଶିବିରରେ ୪୦ଜଣ ସ୍ୱେଚ୍ଛାକୃତ ଭାଇଭଉଣୀ ରକ୍ତଦାନ କରିଥିଲେ। ସାହାପୁର ସେବାଗ୍ରୁପ୍‌ର ଆବାହକ ପ୍ରେମାନନ୍ଦ ମହାକୁଡ଼, ବୁଦ୍ଧିରାମ ପଣ୍ଡା, ସୁମନ୍ତ ବେହେରା, ସୁରେନ୍ଦ୍ର ଡାଙ୍ଗୁଆ, ଚିନ୍ତାମଣି ମହାଳିକ, ଚିତ୍ତରଂଜନ ପାଢ଼ୀ, ତାରକେଶ୍ୱର ପଣ୍ଡା, ସୁଧାକର ସେଠୀ, ସୁପ୍ରିୟା ମହାକୁଡ଼, ପୂଜା ବାରିକ, ଚନ୍ଦ୍ରକାନ୍ତୀ ମହାକୁଡ଼, ଦିବ୍ୟରଂଜନ ବାରିକ ପ୍ରମୁଖ ସେବାଦଳ କର୍ମୀ ଶିବିରରେ ପ୍ରମୁଖ ଭମିକା ଗ୍ରହଣ କରିଥିଲେ। ଭଦ୍ରକ ବ୍ଲଡ଼ ବ୍ୟାଙ୍କର ଡାକ୍ତର ଗୁରୁ ଚରଣ ସାହୁଙ୍କ ସମେତ ଟେକ୍‌ନିସିଆନ ରବିନ୍ଦ୍ର ଜେନା, ରତିକାନ୍ତ ବଳ, ପ୍ରକାଶ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ତିହିଡ଼ି ସମିତିର ଆବାହକ ଜିତେନ୍ଦ୍ର ବେହେରା, ଭଦ୍ରକ ସମିତିର ଆବାହକ କ୍ଷୀରୋଦ ଦାସ, ରକ୍ତଦାନ ଶିବିରର ଜିଲା ସଂଯୋଜକ ମନୋଜ ନାୟକ ପ୍ରମୁଖଙ୍କ ସମେତ ରବିନ୍ଦ୍ର ଦାସ, ସଂଜୟ ମହାପାତ୍ର, ଜୟକୃଷ୍ଣ ସେଠୀ, ପୀରହାଟ ଭଜନମଣ୍ଡଳୀ ଆବାହକ ଲକ୍ଷ୍ମୀଧର ବଳ, ସୌମେନ୍ଦ୍ର ବଳ ପ୍ରମୁଖ ଅଂଶଗ୍ରହଣ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।



# ଜାଡି ମଙ୍ଗଳା ସାହିତ୍ୟ ସଂସଦର ୨୩ତମ ବାର୍ଷିକ ଉତ୍ସବ



କଟକ(ପିପିଏସ୍) : ରାଜ୍ୟର ଅଗ୍ରଣୀ ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଜାଡି ମଙ୍ଗଳା ସାହିତ୍ୟ ସଂସଦର ୨୩ତମ ବାର୍ଷିକ ସାରସ୍ୱତ ସମାରୋହ ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନମିତା ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହ ରେ ଡ଼କ୍ଟର ବାବାଜୀ ଚରଣ ପଟ୍ଟନାୟକ, ଡକ୍ଟର ସତ୍ୟ ରାୟ, ସଂଜୟ ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ସମୃଦ୍ଧି ପାଇଁ ସାରସ୍ୱତ ଅନୁଷ୍ଠାନ ଗୁଡ଼ିକ ଅଧିକରୁ ଅଧିକ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇ ଥିଲେ। ଅନୁଷ୍ଠାନ ର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନୁଷ୍ଠାନ ପକ୍ଷରୁ ରଜନୀ କାନ୍ତ ସାମନ୍ତରାୟ,, ଦେବସ୍ନାନ ଦାସ, ଆଲୋକ କୁମାର ମହାପାତ୍ର, ସୁଶାନ୍ତ କୁମାର ପଣ୍ଡା, ସୁରେଶ କୁମାର ସାହୁ, ରବୀନ୍ଦ୍ର କୁମାର ବସ୍ତିଆ, ସରୋଜ କୁମାର ମଲ୍ଲିକ, ଉତ୍କଳ ଭୂଷଣ ରାଉତରାୟ, ଡାକ୍ତର ଦୀପକ କୁମାର ଜେଠୀ ଓ ଶିବ ଦାସ ପୂର୍ଣ୍ଣ ଚନ୍ଦ୍ର ସିଂ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବାହ୍ଣରେ ଆୟୋଜିତ କବି ସମ୍ମିଳନୀ ରେ ଲକ୍ଷ୍ମୀ ମିଶ୍ର, ହେମ ଲତା ସିଂ ଓ ବିଦ୍ୟୁତ କୁମାରୀ ଲାଲା ପ୍ରମୂଖ ଅତିଥି ଭାବେ ଯୋଗ ଦେଇଥିଲେ। କମଳା କାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କର୍ପୋରେଟର ବନଲତା ପ୍ରଧାନ, ପ୍ରଦୀପ୍ତ ଦାସ, କୁଲୁ ମଲ୍ଲିକ, ଜୟଦେବ ପ୍ରଧାନ, ଶୈଳ ମହାପାତ୍ର,, ବୁଲ ସିଂ, ବିରେନ୍ଦ୍ର ମୁଳିଆ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

# ୪ ପ୍ରତିଶତ ଅତିରିକ୍ତ ମହଙ୍ଗାଭତ୍ତା ଓ ସ୍ୱାସ୍ଥ୍ୟଭତ୍ତା ପ୍ରଦାନ ପାଇଁ ଦାବି

ଭୁବନେଶ୍ୱର, (ପିପିଏସ୍): ଦେଶରେ ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓ ଦେଶର ଅନ୍ୟାନ୍ୟ ରାଜ୍ୟ ସରକାର ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କ ପାଇଁ ୪ ପ୍ରତିଶତ ମହଙ୍ଗାଭ। ଜାନୁଆରି ପହିଲାରୁ ଦେବା ପାଇଁ ଘୋଷଣା କରିଛନ୍ତି ଏବଂ ବକେୟା ସହ ପ୍ରଦାନ କରିଛନ୍ତି। ଓଡ଼ିଶା ସରକାର ଏପର୍ଯ୍ୟନ୍ତ ଘୋଷଣା ନ କରିବା ଫଳରେ ଅବସରପ୍ରାପ୍ତ କର୍ମଚାରୀ ମହଙ୍ଗା ମାଡ଼ରେ ଅସ୍ତବ୍ୟସ୍ତ ହେଉଛନ୍ତି। ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରାଯାଉ ନାହିଁ କି ଅତିରିକ୍ତ ମହଙ୍ଗା ଭତ୍ତା ବି ଘୋଷଣା କରାଯାଉ ନାହିଁ ବୋଲି ନିଖିଳ ଉତ୍କଳ ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥି ନେଇ ସଂଘ ପକ୍ଷରୁ ସରକାରଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ବି ସରକାର କର୍ଣ୍ଣପାତ କରୁନଥିବା କୁହାଯାଇଛି। ଦେଶର ୨୩ଟି ରାଜ୍ୟରେ ସେଠିକାର ସରକାର ସ୍ୱାସ୍ଥ୍ୟଭ। ପ୍ରଦାନ କରୁଥିବା ବେଳେ ଓଡ଼ିଶା ସରକାର ସ୍ୱାସ୍ଥ୍ୟ ଭତା ପ୍ରଦାନ କରୁନାହାନ୍ତି। ତେଣୁ ରାଜ୍ୟ ସରକାର ଅତିରିକ୍ତ ମହଙ୍ଗାଭ।, ସ୍ୱାସ୍ଥ୍ୟ ଭତା ଓ ଅତିରିକକ୍ତ ପେନ୍‌ସନ୍ ବୃଦ୍ଧ ପାଇଁ ନିଖିଳ ଉତ୍କଳ ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ସଂଘ ସଭାପତି ବାଲ୍ମିକୀ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ନନ୍ଦ ଦାବି କରିଛନ୍ତି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମ୍ୟାଟ୍ରିକ୍ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ମ୍ୟାଟ୍ରିକ୍ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାକେନ୍ଦ୍ର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅଧ୍ୟକ୍ଷ ଶ୍ରୀ ପଣ୍ଡା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଆଦର୍ଶ ମଣିଷ ହେବାକୁ ହେଲେ କଠୋର ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ। ଏହି ଶିକ୍ଷାକେନ୍ଦ୍ରର ଚଳିତବର୍ଷ ମୋଟ ୫୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଏ-ୱାନରେ ୮ଜଣ, ଏ-ଟୁ ରେ ୨୦ଜଣ, ବି-ୱାନରେ ୧୭ଜଣ, ବି-ଟୁରେ ୧୦ଜଣ ପାଶ୍ କରିଛନ୍ତି। ଏପରିକି ବ୍ଲକରେ ୨୨ଜଣ ଏ-ୱାନ ପାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ତିନୋଟି ସ୍ଥାନ ଏହି ଶିକ୍ଷାକେନ୍ଦ୍ର ଛାତ୍ରଛାତ୍ରୀମାନେ ଅଧିକାର କରିବାରେ ସୌଭାଗ୍ୟ ଅର୍ଜନ କରିଛନ୍ତି। ୨୦୧୫ ମସିହାରୁ ଆଜିପର୍ଯ୍ୟନ୍ତ ଏହି ଶିକ୍ଷାକେନ୍ଦ୍ରଟି ମ୍ୟାଟ୍ରିକ୍ ପରୀକ୍ଷାରେ ପ୍ରତ୍ୟେକ ବର୍ଷ ସଫଳତା ଅର୍ଜନ କରିବା ସହିତ ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଛନ୍ତି। ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ, ଗୁରୁଜୀ, ଗୁରୁମା ଓ ଅଭିଭାବକ ଏବଂ ପରିଚାଳନା କମିଟିର ସଭ୍ୟସଭ୍ୟାମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷାକେନ୍ଦ୍ରର ଗୁରୁଜୀ, ଗୁରୁମା, ଅଭିଭାବକ, ଅଭିଭାବିକା ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ତେବେ ଶିକ୍ଷାକେନ୍ଦ୍ରର ଶିକ୍ଷାଦାନ ପଦ୍ଧତି ଉନ୍ନତମାନର ହେବା ସହିତ ଶୈକ୍ଷିକ ବାତାବରଣ ପାଇଁ ଛାତ୍ରଛାତ୍ରୀମାନେ ସଫଳତା ଅର୍ଜନ କରିପାରୁଛନ୍ତି।

# ସାପ କାମୁଡାରେ ମହିଳା ମୃତ

ଭଦ୍ରକ,(ପିପିଏସ୍): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନାଆମୀ ଗ୍ରାମରେ ସାପ କାମୁଡାରେ ଜଣେ ଆଦିବାସୀ ମହିଳା ମୃତ୍ୟୁବରଣ କରିଥିବା ଜଣାଯାଇଛି। ଗ୍ରାମର ଦିନବନ୍ଧୁ ମୁର୍ମୁର ପତ୍ନୀ ଯମୁନା(୪୫) ଆଜି ସକାଳ ପ୍ରାୟ ୬.୩୦.ମି ସମୟରେ ଗାଁ ଦାଣ୍ଡ ନଳକୂପ ନିକଟକୁ ଯାଇଥିବା ବେଳେ ଗୋଟିଏ ସାପ ଡାହାଣ ଗୋଡକୁ କାମୁଡି ଦେଇଥିଲା। ପରିବାର ଲୋକେ ଯମୁନାକୁ ଭଣ୍ଡାରିପୋଖରୀ ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲରୁ ସୂଚନା ପାଇ ପୁଲିସ ଶବ ଜବତ କରିବା ସହ ୯/୨୩ ଅପମୃତ୍ୟୁ ମାମଲା ରଜୁ କରି ବ୍ୟବଚ୍ଛେଦ ପାଇଁ ଶବ ଭଦ୍ରକ ପଠାଇଥିବା ଜଣାଯାଇଛି।

# ଜୀବନ ଭୋଗିପାରିବାରେ ହିଁ କବିତାର ଆଚମନ, ପୁନରାଚମନ



ଭଦ୍ରକ,(ପିପିଏସ୍): କଷଣର କଷଟିରେ ଘଷିକଷି ହୋଇ ଜୀବନର ମହନୀୟତା ଝଟକି ଉଠେ; ଏବଂ ଏହି ଝଟକରୁ କେତୋଟି ସାଇତା ଅନୁଭବ କବିତା ହେଇ ଉତ୍ତୁରି ଆସିଥାଏ କବିର କଲମରୁ। ତେଣୁ ଜୀବନ ହିଁ କବିତାର ମୂଳ ପୁଞ୍ଜି ଆଉ କଷଣରୁ ହିଁ କବିତାର ପ୍ରଥମ କୁଆଁ ବୋଲି ସ୍ଥାନୀୟ ସଂସ୍କୃତି ଭବନରେ ବର୍ଷା ପବ୍ଲିକେଶନ୍, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ତରୁଣ କବି ପତିତପାବନ ପାଣିଙ୍କ ପ୍ରଥମ କବିତା ସଂକଳନ 'ଆଞ୍ଜୁଳାଏ ଅଭିମାନ'ର ପାଠକାର୍ପଣ ଅବସରରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଯଶସ୍ୱୀ କବି ହୃଦାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କଥାକାର ତଥା ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ କବିତା ଏକ ସୁକୁମାର କଳା ଏବଂ ସରଳପଣ ତଥା ସହଜ ଜୀବନ ଜିଇବାରେ କବିତା ଉତୁରେ; କବିତା ଜୀବନକୁ ଅର୍ଥପୂର୍ଣ୍ଣ କରେ ବୋଲି ମତ ରଖିଥବବା ବେଳେ ମୁଖ୍ୟ ବକ୍ତା, ଡ. ଅଭୟ ଦାସ କବିତା ପୁସ୍ତକର ସମକ୍ଷା ସହ ସାଂପ୍ରତିକ ସମୟରେ ପାଠକ ଓ କବିର ଦୂରତା ପ୍ରସଂଗରେ ଅନେକ ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ। ସଭାପତି କବି ହୃଦାନନ୍ଦ ପାଣିଗ୍ରାହୀ ବଦଳିଯାଉଥିବା ସମାଜ, ଜୀବନ ଏବଂ ତା ସହିତ ତାଳଦେଇ ବଦଳୁଥିବା ବିଚାରବୋଧ ତଥା ଜୀବନ ଶୈଳୀର ପ୍ରତିଫଳନ କବିତାରେ ଏକ ସଂକଟ ସୃଷ୍ଟି କରୁଥିବାର ଆଶଂକା ବ୍ୟକ୍ତ କରିଥିଲେ। ଅନ୍ୟତମ ବରେଣ୍ୟ ବକ୍ତା କବି କିଶୋର ପାଣିଗ୍ରାହୀ ପତିତପାବନଙ୍କ କବିତା ଉପରେ ଆଲୋକପାତ କରିବା ସହିତ କବିତାର ଚିରନ୍ତନ ଆବେଦନ ସମାଜ ବ୍ୟବସ୍ଥା ବା ସାଂପ୍ରତିକତାକୁ ଖାତିର ନକରି ମଣିଷପଣିଆର ଆବେଦନ ଓ ସଂବେଦନଶୀଳତାର ଅପେକ୍ଷା ରଖେ; ଜୀବନକୁ ଭୋଗିପାରିବାରେ କବିତାର ଆଚମନ ଓ ପୁନରାଚମନ ବୋଲି କହିଥିଲେ। ଉତ୍ସବର ଆରମ୍ଭରେ ପ୍ରକାଶକ ତଥା ସୁଲେଖକ ବାଦଲ ମହାନ୍ତି ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିବାବେଳେ, କବୀ ତଥା ଆକାଶବାଣୀ ସମ୍ବଲପୁରର ଘୋଷିକା ମିତା ପଟ୍ଟନାୟକ ସଭା ସଂଚାଳନା କରିଥିଲେ। କବି ପତିତପାବନ ପାଣି ଲେଖକୀୟ ପ୍ରଥମ ପ୍ରତିକ୍ରିୟା ସ୍ୱରୂପ ପ୍ରଥମ ପୁସ୍ତକର ପୁଲକ ବଖାଣିବା ସହ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


## ଆଇପିଏଲ୍-୨୦୨୩

# ୬ ଓ୍ୱିକେଟ୍‌ରେ ରୟାଲ ଚ୍ୟାଲେଞ୍ଜର୍ସଙ୍କୁ ପରାସ୍ତ କଲା ଗୁଜରାଟ୍



ବେଙ୍ଗାଲୁର(ଏଜେନ୍ସି): ବିରାଟ କୋହଲିଙ୍କ ଶତକ ଉପରେ ଭାରି ପଡ଼ିଲା ଶୁଭମନ ଗିଲ୍‌ଙ୍କ ଆକର୍ଷଣୀୟ ଅପରାଜିତ ଶତକ। ଆଉ ଚଳିତ ସଂସ୍କରଣର ଶେଷ ଲିଗ୍ ମ୍ୟାଚ୍‌ରେ ବାଜି ମାରିଲା ଗୁଜରାଟ୍ ଟାଇଟନ୍ସ। ବେଙ୍ଗାଲୁରୁ ଷ୍ଟାଡିୟମ ଖେଳାଯାଇଥିବା ୭୦ତମ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗୁଜରାଟ୍ ୬ ଓ୍ୱିକେଟ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ହରାଇଛି। ପରାଜୟ ସହ ବାଙ୍ଗାଲୋରକୁ ଶକ୍ତ ଧକ୍କା ଲାଗିବା ସହ ଦଳ ଆଇପିଏଲ୍ ୨୦୨୩ରୁ ବାଦ୍ ପଡ଼ିଛି। ଅନ୍ୟପଟେ ଗୁଜରାଟ୍ ବିଜୟ ସହ ଚତୁର୍ଥ ଦଳ ଭାବେ ପ୍ଲେ ଅଫରେ ପହଞ୍ଚି ପାରିଛି ୫ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ। ପ୍ରଥମେ ବ୍ୟାଟିଂ କରି ବାଙ୍ଗାଲୋର ବିରାଟ କୋହଲିଙ୍କ ଅପରାଜିତ ୧୦୧ ରନର ଶତକୀୟ ଇନିଂସ ବଳରେ ୫ ଓ୍ୱିକେଟ୍ ହରାଇ ୧୯୭ ରନ କରିଥିଲା। ଜବାବରେ ଡିଫେଣ୍ଡିଂ ଚାମ୍ପିଅନ ଗୁଜରାଟ୍ ଶୁଭମନ ଗିଲ୍‌ଙ୍କ ଅପରାଜିତ ୧୦୪ ରନ ଏବଂ ବିଜୟ ଶଙ୍କରଙ୍କ ୫୩ ରନ ବଳରେ ୧୯.୧ ଓଭରରେ ୪ ଓ୍ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି। ଗିଲ୍ ଏବଂ ଶଙ୍କର ୧୨୩ ରନ ଯୋଡ଼ି ଦଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ୧୪ଟି ଲିଗ୍ ମ୍ୟାଚ୍‌ରୁ ୧୦ ବିଜୟ ସହ ୨୦ ପଏଣ୍ଟ ହାସଲ କରିଛି ଗୁଜରାଟ୍। ୧୯୮ ରନର ବିଜୟ ଲକ୍ଷ୍ୟ ପିଚା କରିଥିବା ଗୁଜରାଟ୍ ଟାଇଟନ୍ସ ୨୫ ରନ ସ୍କୋରରେ ପ୍ରଥମ ଓ୍ୱିକେଟ୍ ହରାଇଥିଲା। ଋଦ୍ଧିମାନ ଶାହ ୧୨ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଇନଫର୍ମ ବ୍ୟାଟର ଶୁଭମନ ଗିଲ୍ ଏବଂ ବିଜୟ ଶଙ୍କର ଦଳର ଇନିଂସ ସମ୍ଭାଳିଥିଲେ। ଦୁଇ ବ୍ୟାଟର ପ୍ରଥମ କ୍ରିଜରେ ସେଟ୍ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ଏହା ପରେ ଦ୍ରୁତ ବ୍ୟାଟିଂ କରିଥିଲେ। ଏହି କ୍ରମରେ ଶୁଭମନ ଗିଲ୍ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଦୁଇ ବ୍ୟାଟର ଆରସିବି ବୋଲରଙ୍କୁ ପ୍ରହାର କରି ଦ୍ୱିତୀୟ ଓ୍ୱିକେଟ୍‌ରେ ଶତକୀୟ ଭାଗିଦାରୀ ଯୋଡ଼ିଥିଲେ। ବିଜୟ ଶଙ୍କର ମଧ ନିଜର ଆକର୍ଷଣୀୟ ଅର୍ଦ୍ଧଶତକ ପୂରଣ କରିଥିଲେ। ଶେଷରେ ୧୫ତମ ଓଭରରେ ଏହି ଯୋଡ଼ି ଭାଙ୍ଗିଥିଲା। ବିଜୟ ଶଙ୍କର ୩୫ ବଲ୍‌ରୁ ୭ ଚୌକା ଏବଂ ୨ ଛକା ସହ ୫୩ ରନ କରି ଆଉଟ୍ ହୋଇଥିଲେ। ହେଲେ ଗିଲ୍ ଏବଂ ବିଜୟ ଦ୍ୱିତୀୟ ଓ୍ୱିକେଟ୍‌ରେ ୧୨୩ ରନ ଯୋଡ଼ି ଗୁଜରାଟ୍ ବିଜୟର ମୂଳଦୁଆ ପକାଇଥିଲେ। ଏହା ପରେ ଦାସୁନ ଶନାକା ଖାତା ଖୋଲି ପାରିନଥିଲେ। ଶେଷ ଆଡ଼କୁ ମ୍ୟାଚ୍ ରୋମାଞ୍ଚକର ହୋଇଥିଲା। ଡେଭିଡ୍ ମିଲର ୬ ରନ କରି ଆଉଟ୍ ହୋଇଥିଲେ। ଅନ୍ୟପଟେ ଗିଲ୍ ନିଜର ଚମତ୍କାର ବ୍ୟାଟିଂ ଜାରି ରଖି ଚଳିତ ଆଇପିଏଲ୍‌ରେ ଦ୍ୱିତୀୟ ଶତକ ହାସଲ କରି ଗୁଜରାଟକୁ ୬ ଓ୍ୱିକେଟରେ ବିଜୟୀ କରାଇଛନ୍ତି। ଶେଷରେ ଗୁଜରାଟ୍ ଗିଲ୍‌ଙ୍କ ୧୦୪ ରନ ଅପରାଜିତ ଇନିଂସ ବଳରେ ୧୯.୧ ଓଭରରେ ୪ ଓ୍ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି। ପ୍ଲେ ଅଫ ଲାଇନ୍ ଚୂଡାନ୍ତ ପ୍ରଥମ କ୍ୱାଲିଫାୟର- ଗୁଜରାଟ୍ ଟାଇଟନ୍ସ ବନାମ ଚେନ୍ନଇ ସୁପର କିଙ୍ଗ୍ସ, ମେ ୨୩ ଏଲିମିନେଟର- ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ବନାମ ମୁମ୍ବାଇ ଇଣ୍ଡିଆନ୍ସ, ମେ ୨୪ ଦ୍ୱିତୀୟ କ୍ୱାଲିଫାୟର- ପ୍ରଥମ କ୍ୱାଲିଫାୟରର ପରାଜିତ ଦଳ ବନାମ, ମେ ୨୬ ଫାଇନାଲ୍- ମେ ୨୮

## ଚଳିତ ଆଇପିଏଲ୍‌ରେ ବିରାଟଙ୍କ ବ୍ୟାକ୍ ଟୁ ବ୍ୟାକ୍ ସେଞ୍ଚୁରୀ



ବେଙ୍ଗାଲୁର(ଏଜେନ୍ସି): ବିରାଟଙ୍କ ବ୍ୟାକ୍ ଟୁ ବ୍ୟାକ୍ ସେଞ୍ଚୁରୀ । ଚଳିତ ଆଇପିଏଲରେ ବିରାଟ କୋହଲି ଦ୍ୱିତୀୟ ଶତକ ମାରିଛନ୍ତି । ଗୁଜରାଟ ଟାଇଟନ୍ସ ବିରୋଧରେ ବିସ୍ଫୋରକ ଇନିଂସ ଖେଳିଛନ୍ତି । ମାତ୍ର ୬୧ଟି ବଲରୁ ୧୦୧ ରନ୍ ପାଳି ଖେଳିଛନ୍ତି । ଏଥିରେ ୧୨ଟି ଚୌକା ରହିଥିବା ବେଳେ ଗୋଟିଏ ଛକା ରହିଛି । ପୂର୍ବ ମ୍ୟାଚରେ ହାଇଦ୍ରାବାଦ ବିରୋଧରେ ଶତକୀୟ ଇନିଂସ ଖେଳିଥିଲେ । ଆଇପିଏଲରେ କ୍ୟାରିୟରେ ଏହାକୁ ମିଶାଇ ତାଙ୍କର ସପ୍ତମ ଶତକ ହୋଇଛି । ଆଇପିଏଲରେ ଖ୍ରୀସ୍ ଗେଲଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି ବିରାଟ କୋହଲି । ଗେଲ୍ ୬ଟି ଶତକ ମାରିଥିବା ବେଳେ ବିରାଟ ୭ଟି ଶତକ ମାରିଛନ୍ତି । କୋହଲି ଲଗାତାର ଶତକ ମାରିବାରେ ତୃତୀୟ ପ୍ଲେୟାର ଭାବେ ସୌଭାଗ୍ୟ ଅର୍ଜନ କରିଛନ୍ତି । ବିରାଟଙ୍କ ପୂର୍ବରୁ ଶିଖର ଧବନ ଏବଂ ଜୋସ୍ ବଟଲଙ୍କ ନାଁରେ ଏଭଳି ରେକର୍ଡ ରହିଛି । ଦ୍ୱିତୀୟ ଶତକ ସହିତ ବିରାଟ କୋହଲି ଗୋଟିଏ ସିଜିନରେ ଏପର୍ଯ୍ୟନ୍ତ ୬୦୦ ରନ୍ ସଂଗ୍ରହ କରିଛନ୍ତି । ଆଇପିଏଲ ଇତିହାସରେ ତୃତୀୟ ଥର ପାଇଁ ୬୦୦ରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି । ଏହା ପୂର୍ବରୁ ୨୦୧୩ ଏବଂ ୨୦୧୬ରେ ଏଭଳି ରେକର୍ଡ କରିଥିଲେ ବିରାଟ । ଏଭଳି ରେକର୍ଡ କରିବାରେ କେ.ଲ ରାହୁଲ ସବୁଠାରୁ ଆଗରେ ରହିଛନ୍ତି । ସେ ୪ଥର ୬୦୦ରୁ ଅଧିକ ରନ ସଂଗ୍ରହ କରି ରେକର୍ଡ କରିଛନ୍ତି । ଗୁଜରାଟ ଟାଇଟନ୍ସ ବିରୋଧରେ ଆରସିବି ପ୍ଲେ-ଅଫରେ ସ୍ଥାନ ପାଇଁ ଲଢେଇ ଜାରି ରିଖିଛି । ଦଳ ବିରାଟ କୋହଲିଙ୍କ ଶତକ ବଳରେ ଟାଇଟନ୍ସକୁ ୧୯୭ ରନର ଲକ୍ଷ୍ୟ ଦେଇଛି । ଏହି ମ୍ୟାଚ ଜିତିଲେ ଆରସିବି ୧୬ ପଏଣ୍ଟ ସହିତ ପ୍ଲେ-ଅଫରେ ପ୍ରବେଶ କରିବ ।

## ଆରସିବିକୁ ସୋସିଆଲ ମିଡିଆରେ ପରିହାସ କଲେ ନବୀନ-ଉଲ-ହକ




ମୁମ୍ବାଇ(ଏଜେନ୍ସି): ଗୁଜୁରାଟ ଟାଇଟାନ୍ସ ବିପକ୍ଷ ଶେଷ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୬ଓ୍ୱିକେଟ୍ ପରାଜୟର ସମ୍ମୁଖୀନ ହୋଇଛି। ଏହି ପରାଜୟ ସହିତ ଦଳର ଏହି ସିଜିନ୍‌ରେ ପ୍ଲେ ଅଫରେ ପହଞ୍ଚିବାର ସ୍ୱପ୍ନ ମଧ ଭାଙ୍ଗି ଯାଇଥିଲା । ଆରସିବିରୁ ଏହି ମ୍ୟାଚ୍‌ରେ ବିରାଟ କୋହଲିଙ୍କ ଦମ୍‌ଦାର ଇନିଂସ ଦେଖିବାକୁ ମିଳିଥିଲା। କିନ୍ତୁ ଶୁବମନ ଗିଲଙ୍କ ଇନିଂସ ତାଙ୍କ ଇନିଂସକୁ ଭାରି ପଡିଥିଲା। ଆରସିବି ବାହାରିବା ପରେ ଲକ୍ଷ୍ନୌ ଟିମ୍‌ର ଦ୍ରୁତ ବୋଲର ନବୀନ-ଉଲ-ହକ ପୁଣି ଥରେ ସୋସିଆଲ ମିଡିଆ ପୋଷ୍ଟ ମାଧମରେ ଆରସିବିକୁ ପରିହାସ କରିଛନ୍ତି। ଏହି ସିଜିନ୍‌ରେ ଗୁଜୁରାଟ ଟାଇଟାନ୍ସ ପ୍ରଥମେ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ହାସଲ କରିଥିଲା । ୨୧ ମେରେ ଚେନ୍ନାଇ ସୁପର କିଙ୍ଗସ୍ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ପ୍ଲେ ଅଫ୍ ରେ ନିଜର ସ୍ଥାନ ନିଶ୍ଚିତ କରିଥିଲେ। ଚତୁର୍ଥ ଦଳ ପାଇଁ ବାଙ୍ଗାଲୋର ଏବଂ ମୁମ୍ବାଇ ମଧରେ ଟକ୍କର ହୋଇଥିଲା। ଶେଷ ଲିଗ୍ ମ୍ୟାଚ୍ ରେ ହାଇଦ୍ରାବାଦକୁ ପରାସ୍ତ କରିବା ପରେ ମୁମ୍ବାଇ ୧୬ ପଏଣ୍ଟରେ ପହଞ୍ଚିଥିଲା। କିନ୍ତୁ ଆରସିବି ଶେଷ ମ୍ୟାଚ୍ ଜିତିପାରି ନଥିଲା ଏବଂ ୧୪ ପଏଣ୍ଟ ସହ ସିଜିନ ଶେଷ ହୋଇଥିଲା। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ପରାଜୟ ପରେ ଲକ୍ଷ୍ନୌ ଟିମ୍‌ର ଦ୍ରୁତ ବୋଲର ନବୀନ-ଉଲ-ହକ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ କରିଛନ୍ତି। ଏହି ଷ୍ଟୋରୀରେ ନବୀନ ଜଣେ ବ୍ୟକ୍ତିଙ୍କ ହସୁଥିବା ଫଟୋ ପୋଷ୍ଟ କରିଛନ୍ତି । ଏହି ପୋଷ୍ଟରୁ ଏହା ସ୍ପଷ୍ଟ ଭାବରେ ଅନୁମାନ କରାଯାଉଛି ଯେ ସେ ବିରାଟ କୋହଲିଙ୍କ ସହ ମୈଦାନରେ ହୋଇଥିବା କଥା କଟାକଟିକୁ ଭୁଲି ନାହାଁନ୍ତି। ଏହାର ଫଟୋ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି।


## ଚଳିତ ଆଇପିଏଲ୍‌ରେ ୧୭ଥର ଶୂନ୍‌ରେ ଆଉଟ୍ ହୋଇ ରେକର୍ଡ କଲେ ଡି.କେ

ମୁମ୍ବାଇ(ଏଜେନ୍ସି): ଜାରି ରହିଛି ଫଟାପଟ୍ କ୍ରିକେଟ୍ । ଜମୁଛି କ୍ରୀଡା ମହାକୁମ୍ଭ । ଛକା ଚୌକା ବର୍ଷାରେ କମ୍ପୁଛି ଷ୍ଟାଡିୟମ । ଫ୍ୟାନ୍ସ ନିଜ ନିଜର ପ୍ରିୟ ଖେଳାଳିଙ୍କୁ କରୁଛନ୍ତି ଚିଅର ଅପ୍ । ଅନେକ ଯୁବ ଖେଳାଳି ଏହି ର ରେକର୍ଡ ବି କରୁଛନ୍ତି । କିଏ ଶତକ ମାରି ରେକର୍ଡ କରୁଛି ତ ଆଉ କିଏ ଅଧିକ ରନ୍ କରି ହାତେଇଛନ୍ତି ଉପାଧୀ । ସେହିଭଳି ଅନେକ ବୋଲର ବି ସର୍ବାଧିକ ଓ୍ୱେକଟ ହାତେଇ ଟପ୍‌ରେ ଅଛନ୍ତି । କିନ୍ତୁ କିଛି ଖେଳାଳି ଅଛନ୍ତି ଯେଉଁମାନେ ଜିରୋରେ ଆଉଟ୍ ହୋଇ କରିଛନ୍ତି ରେକର୍ଡ । ଏହି ରେସ୍‌ରେ ସାମିଲ ହୋଇଛନ୍ତି ଭାରତର ବ୍ୟାଟର ତଥା ଓ୍ୱିକେଟ କିପର ଦିନେଶ କାର୍ତ୍ତିକ । ଚଳିତ ଆଇପିଏଲ୍‌ରେ ସେ ୧୭ ଥର ଶୂନ୍‌ରେ ଆଉଟ୍ ହୋଇ ନିଜ ନାଁରେ କରିଛନ୍ତି ଏମିତି ରେକର୍ଡ । ଦିନେଶ କାର୍ତ୍ତିକଙ୍କ ବ୍ୟାଟ୍‌ରୁ ଗତ ସିଜିନ୍‌ର ହୋଇଥିଲା ରନ୍ ବର୍ଷା । କିନ୍ତୁ ଏଥର ବ୍ୟାଟ୍ ତାଙ୍କର ନିରବୀ ଯାଇଛି । ଥରେ ନୁହେଁ କି ଦୁଇ ଥର ବାରମ୍ବାର ସେ ଶୂନ୍‌ରେ ହୋଇଛନ୍ତି ଆଉଟ୍ । ସେ ଗତ ୨୧ ମେ ଅର୍ଥାତ୍ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଗୋଲଡେନ୍ ଡକ୍‌ରେ ହୋଇଥିଲେ ଆଉଟ୍ । ଏହାସହ ଆଇପିଏଲ୍ ଇତିହାସରେ ସର୍ବାଧିକ ୧୭ ଥର ଜିରୋରେ ଆଉଟ୍ ହୋଇ ଅନିଚ୍ଛାକୃତ ରେକର୍ଡ କରିଛନ୍ତି । ଦିନେଶଙ୍କ କାର୍ତ୍ତିକଙ୍କ ପୂର୍ବରୁ ଏହି ରେକର୍ଡର ଦାବିଦାର ଥିଲେ ହିଟ୍ ମ୍ୟାନ୍ ରୋହିତ ଶର୍ମା । ରୋହିତ୍ ୧୬ ଥର୍ ଆଇପିଏଲ୍‌ରେ ଶୂନ୍‌ରେ ଆଉଟ୍ ହୋଇଛନ୍ତି । ମନଦୀପ ସିଂହ ଓ ସୁନିଲ୍ ନରେନ୍ ବି ୧୫ ଥର ଜିରୋରେ ଆଉଟ୍ ହୋଇଛନ୍ତି । ଆଇପିଏଲ୍ ୨୦୨୩ରେ ୫ ଥର ଜିରୋରେ ଆଉଟ୍ ହୋଇଥିଲେ ଜୋସ୍ ବଟଲର୍ । ୧୪ ଟି ମ୍ୟାଚ୍‌ରୁ ବଟଲର କରିଛନ୍ତି ୩୯୨ ରନ୍ ।


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୧ ମେ-୨୭ ମେ ୨୦୨୩




କର୍ଣ୍ଣାଟକରେ କଂଗ୍ରେସ

କର୍ଣ୍ଣାଟକ ବିଧାନସଭା ନିର୍ବାଚନର ଜନାଦେଶ ପ୍ରଭାବଶାଳୀ ବିଜେପି ବିରୁଦ୍ଧରେ ଯିବା ସହ କଂଗ୍ରେସ ସପକ୍ଷ ଯାଇଛି । ବିଜେପି ବଡ଼ ପରାଜୟ ବରଣ କରିଥିବା ବେଳେ ଏକ ସମୟରେ ଦୁର୍ବଳ କୁହାଯାଉଥିବା କଂଗ୍ରେସ ବିଜେପି ଠାରୁ ୨ଗୁଣାରୁ ଅଧିକ ଆସନ ହାସଲ କରି କର୍ଣ୍ଣାଟକ ଗାଦିରେ ବସିବାକୁ ଯାଇଛି । କର୍ଣ୍ଣାଟକକୁ ଦକ୍ଷିଣ ଭାରତର ଦ୍ୱାର କୁହାଯାଉଥିବା ବେଳେ ଏହି ପରାଜୟ ବିଜେପି ପାଇଁ ଦକ୍ଷିଣର ଦ୍ୱାରକୁ ବନ୍ଦ କରିଥିବା ଚର୍ଚ୍ଚା ହେଉଛି । ଏପରିକି ମୁଖ୍ୟମନ୍ତ୍ରୀ ବସଭରାଜ ବୋମ୍ମାଇଙ୍କ ୧୧ ମନ୍ତ୍ରୀ ମଧ ନିଜ ଆସନ ହରାଇଛନ୍ତି । ମମୁଖ୍ୟମନ୍ତ୍ରୀ ବସଭରାଜ ସିହଗାଉଁ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱିନ୍ଦିତା କରିଥିବା ବେଳେ ସେ ପ୍ରାୟ ୩୫ ହଜାର ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ମୁକୁଟ ପିନ୍ଧିଛନ୍ତି । ଏକଦା ଦୁର୍ବଳ କଂଗ୍ରେସ ଶକ୍ତିଶାଳୀ ବିଜେପିକୁ କ୍ଷମତାଚ୍ୟୁତ କରିବା କୁ ସହଜ ରେ ହଜମ କରିପାରୁନାହାନ୍ତି କିଛି ରାଜନୈତିକ ସମୀକ୍ଷକ ।କେତେକଙ୍କ ମତରେ ୨୦୧୮ ବିଧାନସଭା ନିର୍ବାଚନର ତ୍ରୁଟି ସୁଧାରି ବିଜେପିକୁ ଚେକ ଦେବାରେ ସଫଳତା ପ୍ରାପ୍ତି କରିଛି କଂଗ୍ରେସ । ସଫଳ ହୋଇଛି ସିଦ୍ଧରମୈୟା ଶିବକୁମାରଙ୍କ ଯୋଡି । କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପ୍ରଚାରରେ ବିଜେପି ବ୍ୟାକଫୁଟରେ ଥିଲା ।

**ଜାତୀୟ:** କର୍ଣ୍ଣାଟକରେ ପରାଜୟ ପରେ ମଧପ୍ରଦେଶରେ ବିଜେପିର ରଣନୀତି କ'ଣ ହେବ ?

**ସ୍ୱତନ୍ତ୍ର ପ୍ରସଙ୍ଗ:** ଝାରସୁଗୁଡ଼ା ଉପନିର୍ବାଚନର ବିଶ୍ଳେଷଣ, ଦୀପାଳିଙ୍କ ବିଜୟ ସ୍ୱାଭାବିକ, ବିଜେପି କହିଲା ଗୁଣ୍ଡାରାଜ

**ନାରୀ:** ତ୍ୱଚାରେ ନିଖାର ଆଣିବା ପାଇଁ ହଳଦିର ଉପକାରିତା

**କ୍ଷୁଦ୍ରଗଳ୍ପ:** ଶେଷ ଝିଅର ବାହାଘର

**ଚଳଚ୍ଚିତ୍ର:** ଭଲ ଆୟ କରୁଛି ଫିଲ୍ମ 'ଦ କେରଳ ଷ୍ଟୋରୀ', ବାଂଲାଦେଶରେ ଧୁମ୍ ମଚାଇଲା ପଠାନ୍, ବିବାଦରେ 'ତାରକ୍ ମେହତା କା ଉଲ୍‌ଟା ଚଷମା'ର ମେକସ, ମେଡିକାଲରେ ଭର୍ତ୍ତି ହେଲେ ଗାୟକ ପପନ, ଝିଅ ପାଇଁ ଇମୋସନାଲ ହେଲେ ଆଲିଆ, ଅଭିନୟ କଲେ ବିଗ୍ ବିଙ୍କ ନାତୁଣୀ, ସିବିଆଇର ସମୀର ଓ୍ୱାନଖେଡେଙ୍କ ଘରେ ଚଢାଉ, ମା'ହେଲେ ଗୌହର୍ ଖାନ୍, ନୂଆ ଫିଲ୍ମ କରିବେ ଅଜୟ

**ଖେଳ:** ବାପା ହେବାକୁ ଚାହୁଁଛନ୍ତି ଦୂତୀ ଚାନ୍ଦ, ପ୍ରଶଂସା ସାଉଁଟିଲେ ରାଶିଦ ଖାନ, ଭାରତକୁ ଚେତାବନୀ ଦେଲେ ପିସିବି ଅଧକ୍ଷ ନଜମ ସେଠୀ ,ଆଇପିଏଲ୍‌ରେ ସର୍ବାଧିକ ଓ୍ୱିକେଟ୍ ହାସଲ କଲେ ଯୁଜଭେନ୍ଦ୍ର ଚହଲ, ଜବରଦସ୍ତ ଫର୍ମକୁ ଫେରିଲେ ମିଷ୍ଟର ୩୬୦ ଡିଗ୍ରୀ, ଲେବଲ-୧ ଅଫେନ୍ସ ପାଇଁ ଦଣ୍ଡିତ ହେଲେ ଜସ୍ ବଟଲର, ବୋମାନ ଓ ବେଲିଙ୍କୁ ଜର୍ସି ଉପହାର ଦେଲେ ମହେନ୍ଦ୍ର ସିଂ ଧୋନି

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ " ମଝି ରାସ୍ତାରେ ଚାଲିଲେ ଦୁର୍ଘଟଣା ନିଶ୍ଚିତ"

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଓପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ଅମିତ୍ ଆମ୍ବିସନ ଚାମ୍ପିୟାନ



ଚୌଦ୍ୱାର, (ପିପିଏସ୍): ଚୌଦ୍ୱାର ଓଟିଏମ କଲୋନୀ ସ୍ଥିତ ସତ୍ୟନାରାୟଣ ଖେଳ ପଡିଆରେ ଗତ ୪ଦିନ ଧରି ଚାଲିଥିବା ଓଟିଏମ୍ ପ୍ରିମିୟର ଲିଗ୍(ଓପିଏଲ) ଫ୍ଲଡ଼ ଲାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଶାରଦା ସୁପର ଷ୍ଟାର ଓ ଅମିତ୍ ଆମ୍ବିସନ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟଚ୍‌ରେ ଶାରଦା ସୁପର ଷ୍ଟାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪୬ରନ ସଂଗ୍ରହ କରିଥିଲା । ଜବାବରେ ଅମିତ୍ ସୁପର ଷ୍ଟାର ୫ ଓଭର ୪ଟି ବଲରେ ୪୭ରନ ସଂଗ୍ରହ କରି ଓପିଏଲ ସିଜିନ-୩ର ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ଟୁର୍ଣ୍ଣାମେଣ୍ଟର ଶେଷ ଦିନରେ ୩ଟି ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଭୁବନେଶ୍ୱର କିଟ୍ ମହିଳା ଟିମ ସହିତ କଟକ ମହିଳା ଟିମ, ଚୌଦ୍ୱାର ପୋଲିସ ସହିତ ଚୌଦ୍ୱାର ପୌରପାଳିକା ଓ ଚୌଦ୍ୱାର ଜେଲ ଟିମ ସହିତ ଓପିଏଲ କମିଟି ଟିମର ସୀମିତ ଓଭର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଓସିଏର ପୂର୍ବତନ ସଂପାଦକ ଅର୍ଶୀବାଦ ବେହେରା, ବିଧାୟକ ସୌଭିକ୍ ବିଶ୍ୱାଳ, ସମାଜସେବୀ ହିମାଂଶୁ ମହାନ୍ତି, ପ୍ରଦୀପ କୁମାର ବେହେରା, ଶିକ୍ଷାବିତ୍ ଗଣେଷ ବେହେରା, କ୍ରୀଡାବିତ୍ ଅରୁଣ କୁମାର ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଚମ୍ପିୟାନ ଟ୍ରଫି ପ୍ରଦାନ କରିଥିଲେ। ସିଜିନ-୩ର ସର୍ବଶ୍ରେଷ୍ଠ ଖେଳାଳି ଭାବେ ସାରଦା ସୁପର ଷ୍ଟାରର ଆଶିଷ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜକ କମିଟି ସଭାପତି ସୁବ୍ରତ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ଅର୍ଜୁନ ପଣ୍ଡା, ବିଶ୍ୱଜିତ୍ ମହାନ୍ତି, ଅଶୋକ କୁମାର ଦାସ, ବିଭୁତି ଭୁଷଣ ବଡୁ, ବିଜୟ ଦାସ, ସାର୍ଥକ ମହାନ୍ତି, ସତ୍ୟବ୍ରତ ସ୍ୱାଇଁ, ଆନନ୍ଦ ସାମଲ ପ୍ରମୁଖ ପରିଚାଳନା କରିଥିଲେ । ଅମ୍ପାୟାର ସତ୍ୟ ରଞ୍ଜନ ସାମଲ ଓ ସତ୍ୟ ରଞ୍ଜନ ଦେବତା ମ୍ୟାଚ୍ ପରିଚାଳନା କରିଥିଲେ । ଏହି ଅବସରରେ ଶାରଳା ଫ୍ୟାବ୍ରିକ୍‌ର ପ୍ରୋପାଇଟର ଗଜେନ୍ଦ୍ର ସାହୁ ଓ ଅଶୋକ କୁମାର ସାହୁଙ୍କ ତରଫରୁ ଚମ୍ପିୟନ୍ ଓ ରନର୍ସଅପ୍ ଟିମର ସମସ୍ତ ଖେଳାଳି, ୨ଜଣ ଅମ୍ପାୟାର ଓ କମିଟି କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୪୨ ମୌଜା ଲିଲି ଇଂଟରନ୍ୟାସନାଲ ସ୍କୁଲ ତରଫରୁ ଦୁଇଦିନିଆ ବାସ୍କେଟବଲ ପ୍ରତିଯୋଗୀତା



କଟକ ସଦର, (ନି.ପ୍ର) : ୪୨ ମୌଜା ଅନ୍ତର୍ଗତ ରାଉତରାପୁରସ୍ଥିତ ଲିଲି ଇଂଟରନ୍ୟାନାଲ ସ୍କୁଲ ତରଫରୁ ପ୍ରତିଷ୍ଠାତା ଡ. ମହମଦ ଜାହିର ବେଗ୍‌ଙ୍କ ତତ୍ତ୍ୱାଧାନରେ ଓଡିଶାର ୧୬ ଗୋଟି ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ସ୍କୁଲ ପରିସରରେ ଦୁଇ ଦିନିଆ ବାସ୍କେଟବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗୀତାର ବାଳକ ବିଭାଗରେ କଟକ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ବନାମ ସମ୍ବଲପୁରର ବିକାଶ କନସେପ୍ଟ ସ୍କୁଲ ମଧରେ ହୋଇଥିବା ପ୍ରତିଯୋଗିତାରେ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ବିଜୟ ଲାଭ କରିଥିଲା । ସେହିପରି ବାଳିକା ବିଭାଗରେ କଟକର ଗଣପତି ଶିଶୁ ବିଦ୍ୟା ମନ୍ଦିର ବନାମ ଭୁବନେଶ୍ୱରର ସେଣ୍ଟ ଯୋସେଫ୍ ହାଇସ୍କୁଲ ମଧରେ ହୋଇଥିବା ଫାଇନାଲ ମ୍ୟାଚରେ ଗଣପତି ସ୍କୁଲ ବିଜୟ ଲାଭ କରିଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ ଶାଖାର ଡେପୁଟି ମ୍ୟାନେଜର ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜିବୀ ଶୈଳେନ୍ଦ୍ର କୁମାର ପଟନାୟକ, ୟୁସୁଫ ମେମୋରିୟାଲ ଟ୍ରଷ୍ଟର ସଭାପତି ଡ. ଜମାଲ ଆରା, ସମ୍ପାଦକ ସକିଲ ଅଖତାର ଖାନ, ପରିଚାଳନା ସମ୍ପାଦକ ଜୁବେର ଅଲ୍ଲି ଖାନ, ଆବାହକ ରାଜେଶ ମହାନ୍ତି, ସଦସ୍ୟ ବିଜୟ ଚନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇପ୍ରଦାନ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ ଓ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।

# ଇତିହାସ ରଚିଲେ ଅଲିମ୍ପିକ ଚାମ୍ପିୟନ୍ ନୀରଜ୍ ଚୋପ୍ରା




ନୂଆଦିଲ୍ଲୀ(ଏଜେନ୍ସି): ଇତିହାସ ରଚିଲେ ଅଲିମ୍ପିକ ଚାମ୍ପିୟନ୍ ନୀରଜ୍ ଚୋପ୍ରା । ଟୋକିଓ ଅଲିମ୍ପିକରେ ଜାଭେଲିନ୍ ଥ୍ରୋରେ ଭାରତ ପାଇଁ ଗର୍ବ ଆଣିଥିବା ନୀରଜ୍ ଏବେ ଆଉ ଏକ ରେକର୍ଡର ଅଧିକାରୀ ହୋଇଛନ୍ତି । ବିଶ୍ୱର ଜାଭେଲିନ୍ ରାଙ୍କିଂରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି ନୀରଜ ଚୋପ୍ରା । ପ୍ରଥମ ଭାରତୀୟ ଭାବେ ସେ ଜାଭେଲିନରେ ବିଶ୍ୱର ନମ୍ବର ୧ ଆଥଲେଟ୍ ହୋଇଯାଇଛନ୍ତି । ଆଣ୍ଡରସନ୍ ପିଟର୍ସଙ୍କୁ ପଛରେ ପକାଇ ଶୀର୍ଷକୁ ଉନ୍ନୀତ ହୋଇଛନ୍ତି ନୀରଜ ଚୋପ୍ରା । ଟୋକିଓ ଅଲିମ୍ପିକ ୨୦୨୧ରେ ସେ ସ୍ୱର୍ଣ୍ଣ ପଦକ ଜିତିବା ପରେ ଆଉ ପଛକୁ ଫେରିନାହାନ୍ତି ନୀରଜ୍ ଚୋପ୍ରା । ଆଥଲେଟିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ । ଭାରତୀୟ କ୍ରୀଡା ଇତିହାସରେ ୮୭.୫୮ ମିଟର ଜାଭେଲିନ୍ ଫିଙ୍ଗି ସେ ଇତିହାସ ରଚିବା ସହିତ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଥିଲେ । ଜୁରିଚ୍‌ରେ ଅନୁଷ୍ଠିତ ସମ୍ମାନଜନକ ଡାଇମଣ୍ଡ ଲିଗ୍‌ରେ ମଧ କମାଲ କରିଥିଲେ ନୀରଜ ଚୋପ୍ରା । ୮୯.୬୩ ମିଟର ଭାଲ୍ଲା ଫିଙ୍ଗି ସେ ପୁଣି ସ୍ୱର୍ଣ୍ଣ ପଦକ ଜିତିଥିଲେ । ଅର୍ଥାତ୍ ଟୋକିଓ ଅଲିମ୍ପିକ ଦୂରତା ମଧ ଅତିକ୍ରମ କରି ଅଧିକ ଲମ୍ବ ଯାଏଁ ଭାଲ୍ଲା ଫିଙ୍ଗିଥିଲେ । କେବଳ ସେତିକି ନୁହେଁ ଦୋହା ଡାଇମଣ୍ଡ ଲିଗ୍‌ରେ ମଧ ଦମଦାର ପ୍ରଦର୍ଶନ କରିଥିଲେ ନୀରଜ୍ । ୮୮.୬୭ ମିଟର ଭାଲ୍ଲା ଫିଙ୍ଗି ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ତାଙ୍କ ସହିତ ପ୍ରତିଯୋଗିତା କରୁଥିବା ଜାକୁବ୍ ଭାଡଲେଜେଚ୍ ଯିଏ କି ଟୋକିଓ ଅଲିମ୍ପିକରେ ରୌପ୍ୟ ପଦକ ଜିତିଥିଲେ, ସେ ମଧ ଦ୍ୱିତୀୟ ସ୍ଥାନରେ ରହି ପୁଣି ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ । ସେହିଭଳି ବିଶ୍ୱ ଚାମ୍ପିୟନ ଆଣ୍ଡରସନ ପିଟର୍ସ ଯିଏ କି ଗତ ବର୍ଷ ଦୋହା ଡାଇମଣ୍ଡ ଲିଗ୍‌ରେ ୯୩ ମିଟର ଭାଲ୍ଲା ଫିଙ୍ଗି ରେକର୍ଡ କରିଥିଲେ ସେ ଚଳିତ ବର୍ଷ ୮୫.୮୮ ମିଟର ଭାଲ୍ଲା ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରିଥିଲେ

## ଆଡିଡାସ୍ ହେଲା ଟିମ୍ ଇଣ୍ଡିଆର ନୂଆ କିଟ୍ ସ୍ପନସର

ମୁମ୍ବାଇ(ଏଜେନ୍ସି):ଆଗାମୀ ୫ ବର୍ଷ ପାଇଁ ଏହି ଚୁକ୍ତି ହୋଇଥିବା ଜଣାପଡିଛି । ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ସଚିବ ଜୟ ଶାହା ଏନେଇ ଘୋଷଣା କରିଛନ୍ତି । ସେ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି । ବର୍ତ୍ତମାନ ଭାରତୀୟ ଟିମ୍ ଏବେ ଆଇପିଏଲ୍ ୨୦୨୩ ଖେଳୁଛନ୍ତି । ଯେଉଁଥିରେ କି ବିଭିନ୍ନ ଫ୍ରାଞ୍ଚାଇଜର ଜର୍ସି ପିନ୍ଧୁଥିବାର ନଜର ଆସୁଛନ୍ତି । ତେଣୁ ଏହାପରେ ୨୦୨୩ ବିଶ୍ୱ ଟେଷ୍ଟ ଚମ୍ପିଆନ୍‌ସିପ୍ ଫାଇନାଲରେ ନୂଆ ଜର୍ସିରେ ନଜର ଆସିପାରନ୍ତି ଟିମ୍ ଇଣ୍ଡିଆ ସଦସ୍ୟ । ଜୁନ୍ ୭ରେ ଇଂଲଣ୍ଡରେ ଅଷ୍ଟ୍ରେଲିଆ ବିରୋଧରେ ବିଶ୍ୱ ଟେଷ୍ଟ ଚମ୍ପିଆନ୍‌ସିପ୍‌ର ଫାଇନାଲ ମୁକାବିଲା ଖେଳିବ ଟିମ୍ ଇଣ୍ଡିଆ । ବିସିସିଆଇ ସଚିବ ଜୟ ଶାହା ଟ୍ୱିଟ୍‌ରେ ଲେଖିଛନ୍ତି ଯେ, ଭାରତୀୟ କ୍ରିକେଟ୍ ଟିମ୍‌ର କିଟ୍‌ସ୍ପନସର ଭାରେ ଆଡିଡାସ ସହିତ ଚୁକ୍ତି କରିଛି । ଆମେ ଏହାକୁ ଘୋଷଣା କରି ବହୁତ ଖୁସି ଅନୁଭବ କରୁଛି । ଆମେ କ୍ରିକେଟ୍ ଖେଳକୁ ଆଗକୁ ନେବାକୁ ପ୍ରତିବଦ୍ଧତା । ତେଣୁ ଦୁନିଆର ସବୁଠୁ ବଡ଼ ସ୍ପୋର୍ଟସ କମ୍ପାନୀ ସହିତ ଆମେ ଚୁକ୍ତି କରିଛୁ ।


ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583